ଧର୍ମୀୟ ଚିନ୍ତା,

ବିବେକାନନ୍ଦ, ଗାନ୍ଧିଜୀ ଓ ରବିନ୍ଦ୍ରନାଥଙ୍କ ଚିନ୍ତାଧାରା

ଏବଂ

# ମାର୍କ୍ସବାଦ ଓ ସମାଜତାନ୍ତ୍ରିକ ବିପ୍ଳବ

ପ୍ରଭାସ ଘୋଷ

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ)
**SUCI(C)**

# ଧର୍ମୀୟ ଚିନ୍ତା, ବିବେକାନନ୍ଦ, ଗାନ୍ଧିଜୀ ଓ ରବିନ୍ଦ୍ରନାଥଙ୍କ ଚିନ୍ତାଧାରା ଏବଂ ମାର୍କ୍ସବାଦ ଓ ସମାଜତାନ୍ତ୍ରିକ ବିପ୍ଳବ

— *ପ୍ରଭାସ ଘୋଷ*

ପ୍ରଥମ ମୁଦ୍ରଣ: ୧ ସେପ୍ଟେମ୍ବର ୨୦୨୪

**ପ୍ରକାଶକ:** ବିଷ୍ଣୁ ଦାସ
ସଂପାଦକମଣ୍ଡଳୀ ସଦସ୍ୟ
ଏସ୍.ୟୁ.ସି.ଆଇ.(ସି), ଓଡିଶା ରାଜ୍ୟ କମିଟି
୬୧, ଗଙ୍ଗୋତ୍ରୀ ନଗର, ରୋଡ ନଂ -୩
ଶିଶୁପାଳଗଡ, ଭୁବନେଶ୍ୱର- ୨
ଫୋନ୍- ୯୪୩୮୦୩୩୯୩୫
୯୪୩୭୩୮୨୦୨୧

**ମୁଦ୍ରଣ:** ପାୟୋନିୟର ପ୍ରେସ,
ଭୁବନେଶ୍ୱର

**ମୂଲ୍ୟ : ୨୦ଟଙ୍କା**

# ପ୍ରକାଶକଙ୍କ କଥା

ଆମ ଦଳର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ, ଏଯୁଗର ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ୍ ଶିବଦାସ ଘୋଷଙ୍କ ୩୮ତମ ସ୍ମରଣ ଦିବସ ଉପଲକ୍ଷେ ୨୦୧୫, ଅଗଷ୍ଟ ୫ ତାରିଖ ଦିନ ଦଳର ପଶ୍ଚିମବଙ୍ଗ ରାଜ୍ୟ କମିଟି ଆନୁକୂଲ୍ୟରେ କଲିକତାର ନେତାଜୀ ଇଣ୍ଡୋର ଷ୍ଟାଡିୟମ୍‌ରେ ଏକ ଜନସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ଦଳର ବର୍ତ୍ତମାନ ସାଧାରଣ ସମ୍ପାଦକ କମ୍ରେଡ୍ ପ୍ରଭାସ ଘୋଷ । ତାଙ୍କର ସେହି ବକ୍ତବ୍ୟ ପରବର୍ତ୍ତୀ ସମୟରେ ଏକ ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା । ସେହି ପୁସ୍ତକଟିକୁ ଓଡିଆ ଭାଷାରେ ଆମେ ପ୍ରକାଶ କରୁଛୁ ।

ଉକ୍ତ ପୁସ୍ତକଟି ପାଠକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆମେ ଆଶା କରୁ ।

ଅନୁବାଦ ଓ ମୁଦ୍ରଣ ଜନିତ ତୃଟି ପାଇଁ ଆମେ ସମ୍ପୂର୍ଣ୍ଣ ଦାୟୀ ।

୧ ସେପ୍ଟେମ୍ବର ୨୦୨୪
ଭୁବନେଶ୍ୱର

**ବିଷ୍ଣୁ ଦାସ**
ଏସ୍.ୟୁ.ସି.ଆଇ(ସି)
ଓଡ଼ିଶା ରାଜ୍ୟ କମିଟି

# ଧର୍ମୀୟ ଚିନ୍ତା, ବିବେକାନନ୍ଦ, ଗାନ୍ଧିଜୀ ଓ ରବିନ୍ଦ୍ରନାଥଙ୍କ ଚିନ୍ତାଧାରା ଏବଂ ମାର୍କ୍ସବାଦ ଓ ସମାଜତାନ୍ତ୍ରିକ ବିପ୍ଳବ

ପ୍ରବଳ ପ୍ରାକୃତିକ ଦୁର୍ଯୋଗରେ ଆଜି ଶହ ଶହ ଗ୍ରାମ ପ୍ଲାବିତ, ହଜାର ହଜାର ପରିବାର ପ୍ରାୟ ନିଃସ୍ୱ, ଆଉ ତାହାରି ମଧ୍ୟରେ ପଶ୍ଚିମବଙ୍ଗର ଦୂରଦୂରାନ୍ତରୁ ଆପଣମାନେ ଆସିଛନ୍ତି । ଆପଣମାନଙ୍କ ମଧ୍ୟରେ ବି ବହୁ କ୍ଷତିଗ୍ରସ୍ତ ଲୋକ ଅଛନ୍ତି । ସର୍ବହରାର ମହାନ ନେତା କମ୍ରେଡ ଶିବଦାସ ଘୋଷଙ୍କ ପ୍ରତି ଥିବା ପ୍ରବଳ ଆବେଗରୁ ଆପଣମାନେ ଆସିଛନ୍ତି ସୁଗଭୀର ଶ୍ରଦ୍ଧା ସହକାରେ ତାଙ୍କର ଶିକ୍ଷାଗୁଡ଼ିକୁ ସ୍ମରଣ କରିବା ପାଇଁ । ମୁଁ ତାଙ୍କର ଛାତ୍ରଭାବେ ଏଠାରେ କିଛି କଥା କହିବି । ସଭାପତି ମୋତେ ତାଙ୍କର ସୁଯୋଗ୍ୟ ଛାତ୍ର ବୋଲି ସମ୍ବୋଧନ କରିଛନ୍ତି । ସୁଯୋଗ୍ୟ କଥାଟିର ଅର୍ଥ ଖୁବ ଗଭୀର । ଯେତେଦିନ ଯାଏ ବଞ୍ଚି ରହିବି ମୋତେ ସେହି ଯୋଗ୍ୟତାର ପରୀକ୍ଷା ଦେଇଯିବାକୁ ହେବ । ତା'ପରେ ଇତିହାସ ହିଁ କହିବ, ତାଙ୍କର ସୁଯୋଗ୍ୟ ଛାତ୍ର ହୋଇପାରିଛି କି ନାହିଁ ।

ଏହି ଦିବସଟି ଆମର ଭାବାବେଗକୁ ଏଭଳି ଆଲୋଡିତ କରେ ଯେ, ସବୁକଥା କହିବା ଅନେକ ସମୟରେ କଷ୍ଟକର ହୋଇ ପଡେ । ଏଭଳି କିଛି ବ୍ୟଥା ଥାଏ, ଯାହାର ପରିପ୍ରକାଶ ବାହାରୁ ହୁଏତ ସେଭଳି ଘଟେ ନାହିଁ, କିନ୍ତୁ ଦିନ ଯେତେ ଗଡିଚାଲେ ସେହି ବ୍ୟଥା ମଧ୍ୟ ଉପଲବ୍ଧିର ଗଭୀରତା ନେଇ ଆହୁରି ଗଭୀରତର ହୁଏ । ଆମେ କର୍ମୀମାନଙ୍କୁ କମ୍ରେଡ ଶିବଦାସ ଘୋଷଙ୍କ ବହି ପଢିବାକୁ କହୁ, ଆମେମାନେ ପଢୁ, ମୁଁ ବି ପଢେ । କିଛିଦିନ ପୂର୍ବରୁ ତାଙ୍କର ଗୋଟିଏ ଲେଖା ପଢିବାକୁ ଯାଇ ଦିନକର କଥା ମନେ ପଡିଗଲା । ସେହି ସମୟରେ ଅର୍ଥାତ ୧୯୭୪ - ୭୫ ମସିହାରେ, ଭାରତବର୍ଷରେ ଲଗାତର,ଦୀର୍ଘସ୍ଥାୟୀ ଉତ୍ତାଳ ସ୍ୱତଃସ୍ଫୁର୍ତ୍ତ ଛାତ୍ର ଯୁବ ଆନ୍ଦୋଳନ ଇନ୍ଦିରାଗାନ୍ଧୀଙ୍କ ଶାସନ ବିରୁଦ୍ଧରେ ଚାଲୁଥିଲା ।

ସେହି ଆନ୍ଦୋଳନ ଗୁଜରାଟରୁ ଆରମ୍ଭ ହୋଇ ସମସ୍ତ ହିନ୍ଦୀ ଭାଷାଭାଷୀ ଅଞ୍ଚଳକୁ ସଂପ୍ରସାରିତ ହୋଇଥିଲା ଏବଂ ପରେ ସମଗ୍ର ଦେଶରେ ବ୍ୟାପୀ ଯାଇଥିଲା। ବିହାରର ଛାତ୍ରମାନେ ଦୁଇବର୍ଷ ଶିକ୍ଷାନୁଷ୍ଠାନ ବୟକଟ ପର୍ଯ୍ୟନ୍ତ କରିଥିଲେ। ସମସ୍ତ ଦାବି ଗଣତାନ୍ତ୍ରିକ ଥିଲା। କିନ୍ତୁ ବାମପନ୍ଥୀମାନେ ନେତୃତ୍ୱରେ ନଥିବା ଫଳରେ ଦକ୍ଷିଣପନ୍ଥୀମାନେ ଏହାର ସୁଯୋଗ ନେଉଥିଲେ। ସମ୍ମିଳିତଭାବେ ବାମପନ୍ଥୀମାନେ ଯେମିତି ଏହି ଆନ୍ଦୋଳନର ନେତୃତ୍ୱ ନେବେ, ସେଥିପାଇଁ କମ୍ରେଡ ଶିବଦାସ ଘୋଷ ଆପ୍ରାଣ ଚେଷ୍ଟା କରିଥିଲେ। ମାତ୍ର ସେତେବେଳେ ସିପିଆଇ ପ୍ରକାଶ୍ୟରେ ଇନ୍ଦିରାଗାନ୍ଧୀଙ୍କ ସପକ୍ଷରେ ଥିଲା ଓ ସିପିଆଇ(ଏମ) ପ୍ରଚ୍ଛନ୍ନଭାବେ ତାଙ୍କୁ ସମର୍ଥନ କରିଥିଲା। ଏହି ପରିସ୍ଥିତିରେ ଅତ୍ୟନ୍ତ ଅସୁସ୍ଥ ଶରୀର ନେଇ କମ୍ରେଡ ଶିବଦାସ ଘୋଷ ଘୁରି ବୁଲୁଥିଲେ ଯଦ୍ୱାରା କି ଆନ୍ଦୋଳନର ନେତୃତ୍ୱ ବାମପନ୍ଥୀମାନଙ୍କ ହାତକୁ ଅଣାଯାଇ ପାରେ। ପଶ୍ଚିମବଙ୍ଗର କେତେକ ଜିଲ୍ଲା ଛଡା ମଧ୍ୟ ଅନ୍ୟ କେତେକ ରାଜ୍ୟରେ ମିଟିଂ କରି ସେ ପୁଞ୍ଜିବାଦ ବିରୋଧୀ ଲକ୍ଷ୍ୟ ନେଇ ଗଣ କମିଟି ଓ ଭଲେଣ୍ଟିୟର ବାହିନୀ ଗଠନ କରି ଆନ୍ଦୋଳନକୁ ପରିଚାଳନା କରିବା ପାଇଁ ଉଦାତ୍ତ ଆହ୍ୱାନ ଜଣାଇ ଥିଲେ। ଏହି ଆନ୍ଦୋଳନର ନେତା ଜୟପ୍ରକାଶ ନାରାୟଣଙ୍କୁ ମଧ୍ୟ ଏକଥା ବୁଝାଇ ଥିଲେ। ସେତେବେଳେ କମ୍ରେଡ ଶିବଦାସ ଘୋଷ ଭୀଷଣ ଅସୁସ୍ଥ। ଡାକ୍ତର କହିଥିଲେ, 'ଆପଣ ବିଶ୍ରାମ ନିଅନ୍ତୁ, ଏଭଳି ଭାବେ ବୁଲିବେ ନାହିଁ।' ସେ କହିଥିଲେ, 'ଏ ଦେଶର ଗରିବ ମଣିଷକୁ ଶୋଷଣମୁକ୍ତ କରିବା ପାଇଁ ହିଁ ମୁଁ ବିପ୍ଳବୀ ସଂଗ୍ରାମରେ ଲିପ୍ତ ହୋଇଛି। ମୁଁ ବିଶ୍ରାମ ନେଇ ପାରେନା। I exist, I live, I breath for revolution. ମୁଁ ଅଛି, ମୁଁ ନିଃଶ୍ୱାସ ପ୍ରଶ୍ୱାସ ଗ୍ରହଣ କରୁଛି, ବିପ୍ଳବୀ ସଂଗ୍ରାମ ପାଇଁ ହିଁ ବଞ୍ଚି ରହିଛି।' ସେ ବିଶ୍ରାମ ନେଇ ନାହାନ୍ତି।

## କମ୍ରେଡ ଶିବଦାସ ଘୋଷଙ୍କ ବୈପ୍ଳବିକ ଶିକ୍ଷା ହିଁ ଆମ ଶକ୍ତିର ଉତ୍ସ

ସିପିଆଇ(ଏମ) ଓ ସିପିଆଇକୁ ଯେତେବେଳେ କୌଣସିମତେ ରାଜି କରାଯାଇ ପାରିଲା ନାହିଁ, ସେତେବେଳେ ପଶ୍ଚିମବଙ୍ଗରୁ ହିଁ ଆନ୍ଦୋଳନରେ ବାମପନ୍ଥୀ ପତାକାକୁ ଉର୍ଦ୍ଧ୍ୱୋତୋଳିତ କରିବା ପାଇଁ ୧୯୭୫ ମସିହା ଜୁନ ମାସରେ ଆମର ଯୁବ ସଙ୍ଗଠନ ଡି.ୱାଇ.ଓ.କୁ ବୀରଭୂମ ଜିଲ୍ଲାର ସିଉଡି ସହରରେ ଯୁବ ସମ୍ମିଳନୀ କରିବା ସକାଶେ ସେ ଆହ୍ୱାନ ଦେଇଥିଲେ, ଯଦ୍ୱାରା କି ଏହି ରାଜ୍ୟରେ ଛାତ୍ର-ଯୁବ ସଂଗ୍ରାମ କମିଟି ଓ ଭଲେଣ୍ଟିୟର ବାହିନୀ ଗଠନ କରି ଆନ୍ଦୋଳନ ଆରମ୍ଭ କରାଯାଇ ପାରେ। ତାଙ୍କ ଅନୁରୋଧରେ ଜୟପ୍ରକାଶ ନାରାୟଣ ଆସି

ପ୍ରକାଶ୍ୟ ସଭାରେ ବକ୍ତବ୍ୟ ରଖିଥିଲେ। ୧୯୭୫, ୨୧ ଜୁନରେ ପ୍ରବଳ ଝଡ ବର୍ଷା ଭିତରେ ସମ୍ମିଳନୀର ପ୍ରତିନିଧି ଅଧିବେଶନ ଭାଷଣରେ ଜୀବନର ସେହି ପ୍ରଥମ କମ୍ରେଡ ଘୋଷ କହିଥିଲେ, " ଦୀର୍ଘ ୪୨ ବର୍ଷ ଧରି ମୁଁ ରାଜନୈତିକ ଆନ୍ଦୋଳନରେ ସକ୍ରିୟଭାବେ ଜଡିତ। ସେଥିରୁ ୩୩ ବର୍ଷ ଅକ୍ଲାନ୍ତ ପରିଶ୍ରମ କରି ଏ ଦେଶରେ ଏକ ନୂତନ ଧରଣର ଦଳ, ଯଥାର୍ଥ ମାର୍କ୍ସବାଦୀ-ଲେନିନବାଦୀ ବିପ୍ଳବୀ ଦଳ ଭାବେ ଏସ୍.ୟୁ.ସି.ଆଇ(ସି)କୁ ଗଢିତୋଳିବା ପାଇଁ ଚେଷ୍ଟା କରିଛି। ବୟସ ମୋର ଖୁବ ବେଶୀ ହୋଇନାହିଁ। କିନ୍ତୁ କର୍ମୀମାନଙ୍କୁ ତିଆରି କରିବାକୁ ଯାଇ, ଦଳଟିକୁ ଗଠନ କରିବାକୁ ଯାଇ ଅକ୍ଲାନ୍ତ ପରିଶ୍ରମ କରି ମୁଁ ଇତିମଧ୍ୟରେ ଅସୁସ୍ଥ ହୋଇପଡିଛି। କିନ୍ତୁ ତାହା ତ ଏଦେଶରେ ବିପ୍ଳବ ସଙ୍ଗଠିତ କରିବା ପାଇଁ।...... ଯେଉଁଦିନ ମୁଁ ଅଳ୍ପ କେତେଜଣ ସହକର୍ମୀଙ୍କୁ ନେଇ ଏହି ପାର୍ଟି ଗଢିବାକୁ ଆରମ୍ଭ କଲି, ସେଦିନ ସମସ୍ତେ ହସିଛନ୍ତି। ସିପିଆଇ ସେତେବେଳେ ଏକ ସଙ୍ଗଠିତ ଦଳ। ଆମକୁ ଦେଖି ବିଦ୍ରୁପ କରିଥିଲା। କହିଥିଲା, ବର୍ଷା ଦିନିଆ ଛତୁ ଫୁଟିଛି, କହିଥିଲା ଅସରପା ବି ଚଢେଇ, ଆଉ ଏସ୍.ୟୁ.ସି.ଆଇ ବି ଏକ ପାର୍ଟି- ଏମାନଙ୍କ ସହିତ ମଧ୍ୟ ବସିବାକୁ ହେବ ? ଫରଓ୍ୱାର୍ଡ ବ୍ଲକ, ଆର. ଏସ୍. ପି, ଆର.ସି.ପି.ଆଇ ସମସ୍ତେ ହିଁ କହିଥିଲେ, ଆମ ଦଳଟି କାଳେ ଗୋଟିଏ ଦଳ ନୁହେଁ, ଏକ କ୍ଲବ। ଆମ ସହିତ କୁଆଡେ ବସାଯାଇ ପାରେ ନା। ମୁଁ ଏସବୁ କଥା ନିରବରେ ସହିଯାଇଛି। ସେମାନଙ୍କର କୌଣସି ବିଦ୍ରୁପକୁ ଦେହକୁ ନେଇ ନାହିଁ। କେବଳ ଦଳଟିକୁ ଗଢିବା ପାଇଁ ଏକ ଦୃଢ ପ୍ରତିଜ୍ଞା ନେଇ ଆଗେଇଛି।"[୧] ଏହି ଭାଷଣର ଶେଷ ଆଡକୁ କହିଥିଲେ," ମୁଁ ଅସୁସ୍ଥ, ଧଇଁ ସଇଁ ହୋଇଯାଉଛି, ଖୁବ୍ କ୍ଲାନ୍ତ ହୋଇ ପଡିଛି। ଆଉ ଅଧିକ ଆପଣମାନଙ୍କ ନିକଟରେ କହି ପାରିବି ନାହିଁ। " ସେହି ଦିନଟି ଥିଲା ଜୁନ ୨୧,୧୯୭୫ ମସିହା। ଏହାର ଏକ ବର୍ଷ ପରେ ୧୯୭୬ ମସିହା ଅଗଷ୍ଟ ୫ ତାରିଖ ଦିନ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେତେବେଳେ ତାଙ୍କର ବୟସ ମାତ୍ର ୫୩ ବର୍ଷ। ସେତେବେଳେ ଦେଶରେ ଜରୁରୀ ପରିସ୍ଥିତି (emergency) ଥିଲା। ଯେଉଁମାନଙ୍କୁ ଗଢିତୋଳିବା ପାଇଁ ସେ ଅକ୍ଲାନ୍ତ ପରିଶ୍ରମ କରିଥିଲେ, ସେମାନଙ୍କ ଭିତରୁ ମୁଁ ମଧ୍ୟ ଜଣେ। ଆହୁରି ମଧ୍ୟ କେତେଜଣ ନେତୃତ୍ୱର ବିଭିନ୍ନ ସ୍ତରରେ ଏବେ ବି ଜୀବିତ ଅଛନ୍ତି। ଯେଉଁ ସ୍ୱପ୍ନ ନେଇ ଆମକୁ ସେ ଗଢିତୋଳିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରି ନିଜକୁ ତିଳ ତିଳ କ୍ଷୟ କରି ଏତେ ଅଳ୍ପ ବୟସରେ ଜୀବନ ହରାଇ ଥିଲେ, ଆମେ ତାର ମୂଲ୍ୟ କେତେ ଦେଇ ପାରିଛୁ, ଗୋଟିଏ ବିପ୍ଳବୀ ଦଳ ଗଢିବା ପାଇଁ ତାଙ୍କର ସ୍ୱପ୍ନକୁ

କେତେ ପୂରଣ କରିପାରିଛୁ, ସେକଥା ଇତିହାସ କହିବ, ଆମେ ଇତିହାସ ନିକଟରେ ଦାୟବଦ୍ଧ । ଏହି କଥା ହିଁ ବାରମ୍ବାର ବିବେକକୁ ଆଲୋଡିତ କରୁଛି ।

ଏହି ପାର୍ଟି ୧୯୪୮ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ମୁଁ ୧୯୫୦ ମସିହାରେ ଯୁକ୍ତ ହୋଇଥିଲି । ସେତେବେଳେ ମୁଁ ସ୍କୁଲ ଛାତ୍ର । ସେଦିନ ଏହି ମହାନ ନେତାଙ୍କୁ କି କଠିନ କଠୋର ସଂଗ୍ରାମ କରିବାକୁ ପଡିଥିଲା, ତାହା କିଛି ପତ୍ୟକ୍ଷ କରିଛି । ଗୋଟିଏ ଆଲୋଚନାରେ ସେ କହିଛନ୍ତି, "ପ୍ରାରମ୍ଭିକ ଅବସ୍ଥାରେ ଆମେ ଯେତେବେଳେ ଦଳ ଗଠନ କରିବାର କାମ ଆରମ୍ଭ କରୁଛୁ, ଯେତେବେଳେ ବିଶେଷ ଲୋକବାକ ଆମ ସମର୍ଥନରେ ନଥିଲେ, ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ମଧ୍ୟ ଯୋଗାଡ କରିପାରି ନାହୁଁ, ଦିନ ପରେ ଦିନ ମୁଠେ ଖାଇବାକୁ ନପାଇ ସମ୍ପୂର୍ଣ୍ଣ ଏକ ବିରୁଦ୍ଧ ପରିବେଶ ମଧ୍ୟରେ ଆମକୁ ଗୋଟିଏ ନୂଆ ଦଳ ଗଠନ କରିବା ପାଇଁ ସଂଗ୍ରାମ କରିବାକୁ ପଡିଛି, ଏହାକୁ ନେଇ ସେଦିନ କିନ୍ତୁ ଆମ ମନରେ କୌଣସି କ୍ଷୋଭ ନଥିଲା । କେତେ ଦିନ ଆମେ ମଶିଣାରେ ଶୋଇଛୁ, କେତେ ଶୀତ-ଗ୍ରୀଷ୍ମ ଆମର ଏହିଭଳି ଭାବେ କଟିଛି ।..... ଆମେ କେତେଦିନ ଖାଇ ନାହୁଁ ସେକଥା କାହାକୁ କହିବାକୁ ମଧ୍ୟ ଲଜ୍ଜାବୋଧ କରୁଥିଲୁ । କାରଣ ଭାବୁଥିଲୁ, ଖାଦ୍ୟ ଯୋଗାଡ କରିପାରି ନାହୁଁ, ସମର୍ଥକ ନାହାନ୍ତି, ପାଞ୍ଚଟା ପଇସା ଚାନ୍ଦା ଆଦାୟ କରିପାରି ନାହୁଁ, ଲୋକେ ଦେଇ ନାହାନ୍ତି-ଏହା ଆମର ହିଁ ଅକ୍ଷମତା । ଏହା ମଧ୍ୟରେ ପୁଣି ଗର୍ବ କରି କହିଲା ଭଳି କଣ ବା ଅଛି ? ତ୍ୟାଗର କି ମାହାତ୍ମ୍ୟ ଅଛି ?"(୨) ଏହି ଦିନଗୁଡିକ ଆଜି ମଧ୍ୟ ମୋ ଆଖି ସାମ୍ନାରେ ଭାସି ଉଠେ । ତାଙ୍କର ନ ଖାଇ ରହିଥିବା ଦିନଗୁଡିକୁ ଦେଖିଛି । ଆଜି ଆମ ଦଳର ଶକ୍ତି ଓ ପ୍ରଭାବ ପୂର୍ବ ତୁଳନାରେ ଯଥେଷ୍ଟ ବେଶୀ । ହଜାର ହଜାର କର୍ମୀ, ଲକ୍ଷ ଲକ୍ଷ ଲୋକଙ୍କର ସମର୍ଥନ, ରାଜ୍ୟେ ରାଜ୍ୟେ ପାର୍ଟିର ବିସ୍ତାର ଘଟିଚାଲିଛି । ଭାରତବର୍ଷରେ ପ୍ରାୟ ପ୍ରତ୍ୟେକଟି ରାଜ୍ୟରେ ଏହି ମୁହୂର୍ତ୍ତରେ ଏହିଭଳି ସ୍ମରଣସଭା ଅନୁଷ୍ଠିତ ହେଉଛି । ଆମେ ଯେଉଁଠିକି ବି ଯାଉ, କର୍ମୀମାନେ ଆମକୁ ଭଲ ପାଆନ୍ତି, ସମର୍ଥକମାନେ ଭଲ ପାଇ ନିଜର ସାଧ୍ୟାନୁଯାୟୀ ଭଲ ଖାଇବାର ବ୍ୟବସ୍ଥା କରନ୍ତି । ଏକଦା ଆମର ମହାନ ଶିକ୍ଷକ ଅନାହାରରେ ଦିନ କାଟିଛନ୍ତି । ଯେତେବେଳେ ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ମିଳିନି, କଲିକତାର ଫୁଟପାଥରେ, ଶିଆଲଦା ଷ୍ଟେସନର ପ୍ଲାଟଫର୍ମରେ ଦିନ କାଟିଛନ୍ତି । କୋଲେ ମାର୍କେଟର ଛାତ ଉପରେ ରହିଛନ୍ତି । ଆଜି ମୋ ସମେତ କେତେକ ନେତା ଗାଡିରେ ଯାତାୟାତ କରନ୍ତି । ଯେଉଁ କମ୍ରେଡମାନେ ଚାକିରୀ କରନ୍ତି, ସେମାନେ ଚାନ୍ଦା ସଂଗ୍ରହ କରି ଗାଡିର ବ୍ୟବସ୍ଥା କରିଛନ୍ତି । ୧୯୭୨ ମସିହା ଯାଏ

କମ୍ରେଡ ଶିବଦାସ ଘୋଷଙ୍କ ପାଇଁ ଆମେ ଗୋଟିଏ ଗାଡିର ବ୍ୟବସ୍ଥା ବି କରିପାରି ନାହୁଁ। ଟ୍ରାମ ଭଡା, ବସ ଭଡା ସଂଗ୍ରହ କରିବା ପାଇଁ କମ୍ରେଡ ନୀହାର ମୁଖାର୍ଜୀଙ୍କୁ ଘୁରି ବୁଲିବା ବି ମୁଁ ଦେଖିଛି। ଆରାମ ପ୍ରିୟତାର ଯେମିତି ଶୀକାର ହୋଇ ନ ଯାଏ, ସେଥି ନିମିତ୍ତ ତାଙ୍କ ଶିକ୍ଷାରେ ପ୍ରତି ମୁହୂର୍ତ୍ତରେ ମୁଁ ସତର୍କ ଥାଏ। ସେଦିନ ଯେଉଁ ପାର୍ଟିଗୁଡିକ ଆମ ଦଳକୁ ବ୍ୟଙ୍ଗ ବିଦ୍ରୁପ କରିଥିଲେ, ଆଜି ସେହି ଦଳଗୁଡିକର ଅବସ୍ଥା କ'ଣ, ତାହା ଆପଣମାନେ ନିଜେ ହିଁ ଦେଖୁଛନ୍ତି। ଆଉ ଆମ ପାର୍ଟି ଆଜି ବି ରାସ୍ତା ଘାଟରେ ସାଧାରଣ ଲୋକଙ୍କ ପାଖରୁ ଚାନ୍ଦା ସଂଗ୍ରହ କରେ। ଘରକୁ ଘର ଯାଇ ଚାନ୍ଦା ସଂଗ୍ରହ କରି ଆମ ପାର୍ଟିର କାର୍ଯ୍ୟକଳାପ ଚାଲେ। ଗଣମାଧ୍ୟମରେ ଆମର କୌଣସି ପ୍ରଚାର ନାହିଁ। ବିଶାଳ ବିଶାଳ ସଭା, ଶୋଭାଯାତ୍ରା କରୁ, ଜନସାଧାରଣଙ୍କ ଦାବି ନେଇ କେତେ ଲଢେଇ କରୁ, କେତେ କର୍ମୀ ପୋଲିସ ଓ ସରକାରଙ୍କ ଆଶ୍ରିତ ଅପରାଧୀମାନଙ୍କ ଆକ୍ରମଣରେ ହତାହତ ହୁଅନ୍ତି, କର୍ମୀମାନଙ୍କ ରକ୍ତରେ ରାଜପଥ ରକ୍ତାକ୍ତ ହୁଏ, କିନ୍ତୁ ଗଣମାଧ୍ୟମରେ ତାର ପ୍ରଚାର ହୁଏ ନା। ବୁର୍ଜୁଆ ଗଣମାଧ୍ୟମ ଭୟରେ ଦିଏ ନାହିଁ। କିନ୍ତୁ ତା ଦ୍ୱାରା କ'ଣ ଆମର ଅଗ୍ରଗତିକୁ ଅଟକାଇ ପାରୁଛନ୍ତି ? ବ୍ୟାପକ ଜନ ସମର୍ଥନ ପାଇ ଆମ ଦଳ ଆଗେଇ ଚାଲିଛି। ଏହି ଶକ୍ତିର ଉତ୍ସ କେଉଁଠି ? ଏହି ଶକ୍ତିର ଉତ୍ସ ମହାନ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ ଶିବଦାସ ଘୋଷଙ୍କ ବୈପ୍ଳବିକ ଶିକ୍ଷା ଓ ଜୀବନ ସଂଗ୍ରାମ।

କେହି କେହି ମୋତେ ପ୍ରଶ୍ନ କରନ୍ତି, ଏପରିକି ବାମପନ୍ଥୀ ନେତାମାନେ ମଧ୍ୟ କରନ୍ତି, ଅନ୍ୟାନ୍ୟ ବାମପନ୍ଥୀ ଦଳ ଭାଙ୍ଗୁଛି, ସେମାନେ ଛାତ୍ର ଯୁବକ ପାଉ ନାହାନ୍ତି। ଆପଣଙ୍କ ଦଳ କେମିତି ବଢୁଛି ? ଏତେ ଭଲ ଭଲ ପୁଅ-ଝିଅ ଆପଣମାନେ କେମିତି ପାଉଛନ୍ତି ? ଆପଣଙ୍କ ଦଳର କର୍ମୀମାନଙ୍କ ଆଖିରେ, ମୁହଁରେ ଏତେ ପ୍ରତ୍ୟୟ, ଏତେ ଦୃଢତା, ଆଚରଣରେ ଏତେ ଭଦ୍ରତା, ନମ୍ରତା, ଏହା ତ ଅନ୍ୟ କୌଣସି ଦଳରେ ଦେଖିବାକୁ ମିଳେ ନାହିଁ। ଆଜିକାର ଦିନରେ କେଉଁଠାରୁ ଏହି ଶକ୍ତି ଆପଣମାନେ ପାଆନ୍ତି ? ମୁଁ ଗୋଟିଏ କଥା ହିଁ କହିଥାଏ, ଏହି ଶକ୍ତିର ଉତ୍ସ ହେଲା କମ୍ରେଡ ଶିବଦାସ ଘୋଷଙ୍କ ବୈପ୍ଳବିକ ଶିକ୍ଷା। ଏହି ମହାନ ନେତା ଭାରତବର୍ଷର ନବଜାଗରଣ ଏବଂ ସ୍ୱଦେଶୀ ଆନ୍ଦୋଳନର ବିପ୍ଳବବାଦର ସୁଯୋଗ୍ୟ ସନ୍ତାନଭାବେ ସତ୍ୟାନୁସନ୍ଧାନ ପଥରେ ପରବର୍ତ୍ତୀକାଳରେ ମାର୍କ୍ସବାଦକୁ ଗ୍ରହଣ କରିଥିଲେ ଏବଂ ସଂଗ୍ରାମ ପଥରେ କ୍ରମାଗତ ଆଗେଇ ଯାଇ ମାର୍କ୍ସବାଦକୁ ଆହୁରି ବିକଶିତ କରି ନିଜେ ହିଁ ମହାନ ମାର୍କ୍ସ-ଏଙ୍ଗେଲସ-ଲେନିନ-ଷ୍ଟାଲିନ-ମାଓ ସେ ତୁଂଙ୍କର ସୁଯୋଗ୍ୟ ଉତ୍ତରସାଧକ ଭାବେ ଉନ୍ନୀତ ହୋଇଥିଲେ

ଏବଂ ଏଦେଶ ମାଟିରେ ଯଥାର୍ଥ ମାର୍କ୍ସବାଦୀ ଦଳ ଗଢି ତୋଳିଥିଲେ। ତାଙ୍କର ଶିକ୍ଷା, ଜୀବନସଂଗ୍ରାମ ଓ ସାଧନା ଆମ ଦଳକୁ ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ପ୍ରଦାନ କରିଛି। ଏହି ସ୍ମରଣ ଦିବସରେ ତାଙ୍କର ଶିକ୍ଷାକୁ ଆମେ ଯେମିତି ସ୍ମରଣ କରିବୁ, ପୁଣି ତାଙ୍କ ପ୍ରତି ଆମର ଯଥାର୍ଥ ଶ୍ରଦ୍ଧାଜ୍ଞାପନ ସେତେବେଳେ ହିଁ ସାର୍ଥକ ହେବ ଯେତେବେଳେ ତାଙ୍କର ଆଦର୍ଶକୁ ଜୀବନରେ ଗ୍ରହଣ କରି ତାଙ୍କର ସ୍ୱପ୍ନକୁ ସଫଳ କରିବାର ସଂଗ୍ରାମରେ ଆମେ ନିରନ୍ତର ନିଜକୁ ଯୁକ୍ତ ରଖିପାରିବୁ।

## ବିପ୍ଲବୀ ଜୀବନ ହିଁ ମହତ୍ତମ ଜୀବନ

କମ୍ରେଡ ଶିବଦାସ ଘୋଷ ଆମକୁ ଶିକ୍ଷା ଦେଇ ଯାଇଛନ୍ତି, ବିପ୍ଲବୀ ରାଜନୀତି ଉଚ୍ଚତର ହୃଦୟବୃତ୍ତି। କୋଟି କୋଟି ଚିହ୍ନା-ଅଚିହ୍ନା ଶୋଷିତ ମଣିଷ ପ୍ରତି ଆମର ଅନ୍ତରରେ ରହିବ ଗଭୀର ଭଲପାଇବା, ଏହି ଭଲପାଇବା ଭିତରୁ ହିଁ ଆସିବ ବିପ୍ଲବ ପ୍ରତି ଦାୟବଦ୍ଧତା। ତେଣୁ ବିପ୍ଲବୀମାନେ କୌଣସି ଅସୁବିଧାକୁ ଅସୁବିଧା ବୋଲି ମନେ କରନ୍ତି ନାହିଁ, କୌଣସି ବାଧାକୁ ବାଧା ବୋଲି ମନେ କରନ୍ତି ନାହିଁ। ସେମାନେ ଜୀବନକୁ ପଣ କରି ବିପ୍ଲବ ପାଇଁ କାମ କରି ଯାଆନ୍ତି।

ସେ ଆମକୁ କହିଛନ୍ତି, ବିପ୍ଲବୀ ଜୀବନ ହେଉଛି ମହତ୍ତମ ଜୀବନ, ମର୍ଯ୍ୟାଦାମୟ ଜୀବନ। ବାକି ସବୁ ଜୀବନର ଅର୍ଥ ହେଲା, ନିଜକୁ ବିକ୍ରି କରିବା, ନିଜର ବିବେକକୁ ବିକ୍ରି କରିବା। ଯେକୌଣସି ପ୍ରକାରେ ବଞ୍ଚି ରହିବା ପାଇଁ ଅଥବା ଆରାମ ଅୟସ ସକାଶେ ମନୁଷ୍ୟତ୍ୱ ବିବର୍ଜିତ ଜୀବନଯାପନ କଲେ ପଶୁ ସହିତ ମଣିଷର କୌଣସି ପାର୍ଥକ୍ୟ ରହେନା। ପଶୁ ବି ଖାଦ୍ୟ ସଂଗ୍ରହ କରେ, ଆଶ୍ରୟ ଖୋଜେ, ଜୈବିକ ନିୟମରେ ବଂଶବୃଦ୍ଧି କରେ। କିନ୍ତୁ ପଶୁଜଗତରେ ଚିନ୍ତା ଭାବନା ନାହିଁ, ବିବେକ ନାହିଁ, ନ୍ୟାୟ-ନୀତିବୋଧ ନାହିଁ। ଆଉ ବିବେକ-ମନୁଷ୍ୟତ୍ୱ ନେଇ ହିଁ ମଣିଷର ଜୀବନ। ପୁଣି ଏହି ମନୁଷ୍ୟତ୍ୱ ମଣିଷର ଜନ୍ମ ହେବା ସଙ୍ଗେ ସଙ୍ଗେ ହିଁ ତା ମଧ୍ୟରେ ଆପଣା ଛାଏଁ ଜନ୍ମ ନିଏ ନାହିଁ, ସଂଗ୍ରାମ କରି ମନୁଷ୍ୟତ୍ୱ ଅର୍ଜନ କରିବାକୁ ହୁଏ। ଗୋଟିଏ ଯୁଗରେ, ଗୋଟିଏ ବିଶେଷ ସମୟରେ ସମାଜର ଅଗ୍ରଗତି ସ୍ୱାର୍ଥରେ, ସଭ୍ୟତାର ଅଗ୍ରଗତି ସ୍ୱାର୍ଥରେ ଯେଉଁ ମହତ୍ତର ଆଦର୍ଶ ଜନ୍ମ ନିଏ, ଯେଉଁ ଉନ୍ନତ ସଂସ୍କୃତି ଜନ୍ମ ନିଏ, ସେହି ଆଦର୍ଶ ଏବଂ ସଂସ୍କୃତି ଅର୍ଜନର ସଂଗ୍ରାମରୁ ହିଁ ମନୁଷ୍ୟତ୍ୱ ଗଢି ଉଠେ। ସେଥିପାଇଁ ସେ କହିଛନ୍ତି, ଏ ପଥରେ ଆମେ ଆସିଲୁ କାହିଁକି ? କହିଛନ୍ତି, ସବୁ ଯୁଗରେ ସମସ୍ତ ବଡ ମଣିଷ-ଯେଉଁମାନେ ତାଙ୍କର ନିଜ ନିଜ ଯୁଗରେ ସମାଜ ପରିବର୍ତ୍ତନର କଥା ଭାବିଛନ୍ତି, ପଥ ଦେଖାଇଛନ୍ତି ସେମାନେ ସମସ୍ତେ ହିଁ ଏହି ଉଚ୍ଚତର ହୃଦୟବୃତ୍ତିର ଅଧିକାରୀ

ଥିଲେ, ଏହାହିଁ ଥିଲା ସେମାନଙ୍କର ଶକ୍ତି ଓ ସାଧନାର ଉତ୍ସ। ଦାସପ୍ରଥା ଯୁଗରେ ଯେଉଁମାନେ ଅତ୍ୟାଚାର ବିରୁଦ୍ଧରେ ଏବଂ ମାନବ କଲ୍ୟାଣ ପାଇଁ ଧର୍ମ ପ୍ରଚାର କରିବାକୁ ଯାଇ ନିର୍ଯ୍ୟାତିତ ହୋଇଛନ୍ତି ଏବଂ ପରବର୍ତ୍ତୀକାଳରେ ମଧ୍ୟଯୁଗୀୟ ସାମନ୍ତତାନ୍ତ୍ରିକ ଧର୍ମୀୟ ଅନ୍ଧକାରାଚ୍ଛନ୍ନ ଯୁଗରେ ଯେଉଁମାନେ ନବଜାଗରଣ ଯୁଗର ଅଗ୍ନିଶିଖା ପ୍ରଜ୍ଜ୍ୱଳିତ କରିବା ପାଇଁ ବହୁ ନିର୍ଯ୍ୟାତନା, ଅତ୍ୟାଚାର ସହ୍ୟ କରି ମଧ୍ୟ ଲଢେଇ କରିଛନ୍ତି, ବୁର୍ଜୁଆ ଗଣତାନ୍ତ୍ରିକ ବିପ୍ଳବ ଓ ସ୍ୱାଧୀନତା ଆନ୍ଦୋଳନରେ ଯେଉଁମାନେ ଲଢେଇ କରିଛନ୍ତି, ଜୀବନ ଦେଇଛନ୍ତି, ଯେଉଁମାନେ ସେ ଯୁଗର ବିପ୍ଳବୀ ଥିଲେ, ସେମାନେ ସମସ୍ତେ ହିଁ ଉଚ୍ଚତର ହୃଦୟବୃତ୍ତିର ଅଧିକାରୀ ଥିଲେ। ସର୍ବହରା ବିପ୍ଳବ ଯୁଗରେ ମଧ୍ୟ ଠିକ୍ ତାହା। ସେ କହିଛନ୍ତି ଏହି ପଥରେ ବାଧା ଅଛି, କଷ୍ଟ ଅଛି, ବହୁ ଆକ୍ରମଣ ଅଛି, ଅନେକ ପରାଜୟ ଅଛି, କିନ୍ତୁ ମନୁଷ୍ୟତ୍ୱ ଓ ମର୍ଯ୍ୟାଦା ସହକାରେ ବଞ୍ଚି ରହିବା ଓ ମୃତ୍ୟୁବରଣ କରିବାର ଏହାହିଁ ହେଲା ଏକମାତ୍ର ପଥ। ୧୯୭୪ ମସିହା କଟକ ଛାତ୍ର ସମ୍ମିଳନୀରେ ସେ ଏହି କଥା କହିଥିଲେ। କହିଥିଲେ, ଯେଉଁମାନେ ବିପ୍ଳବର ପତାକା ବହନ କରିବା ପାଇଁ ଆଗେଇ ଆସନ୍ତି, ସେମାନେ ସର୍ବଦା ପ୍ରଥମ ଅବସ୍ଥାରେ ସଂଖ୍ୟାରେ କମ ଥାଆନ୍ତି ମାତ୍ର ଦୃଢ ପ୍ରତିଜ୍ଞା ନେଇ ଥାଆନ୍ତି।

## ସ୍ୱତଃସ୍ଫୁର୍ତ୍ତ ବିକ୍ଷୋଭ ନୁହେଁ, ଉନ୍ନତ ସଂସ୍କୃତି ଭିତ୍ତିରେ ବିପ୍ଳବୀ ନେତୃତ୍ୱରେ ସୁସଂଗଠିତ ଆନ୍ଦୋଳନ ପ୍ରୟୋଜନ

ଇତିପୂର୍ବରୁ ମୁଁ ନିଜେ ଓ ଅନ୍ୟ ପଲିଟବ୍ୟୁରୋ ନେତାମାନେ ଏହି ଧରଣର ସମାବେଶରେ ବର୍ତ୍ତମାନର ଅର୍ଥନୈତିକ ଓ ରାଜନୈତିକ ପରିସ୍ଥିତିର ତାତ୍ପର୍ଯ୍ୟ ଓ କର୍ତ୍ତବ୍ୟ ସଂପର୍କରେ ଆଲୋଚନା କରିଛୁ, ଭବିଷ୍ୟତରେ ମଧ୍ୟ ହେବ। ଆଜି ସେହି ସବୁ ବିଷୟରେ ପ୍ରବେଶ କରିବାକୁ ଚାହୁଁ ନାହିଁ। କେବଳ ଏତିକି କହିବାକୁ ଚାହେଁ, ଏ ଦେଶରେ ଓ ସମଗ୍ର ବିଶ୍ୱରେ ପୁଞ୍ଜିବାଦୀ ବ୍ୟବସ୍ଥାରେ ଅର୍ଥନୀତି-ରାଜନୀତି-ସଂସ୍କୃତି-ସମାଜ ଜୀବନ-ପାରିବାରିକ ଜୀବନ-ବ୍ୟକ୍ତି ଜୀବନ ଧ୍ୱଂସର ଚରମ ସୀମାରେ ଆସି ପହଞ୍ଚିଛି। କୌଣସି ପ୍ରକାର ତୁଟୁକା ଔଷଧ ଦେଇ ବୁର୍ଜୁଆ ନେତାମାନେ କ୍ରମବର୍ଦ୍ଧମାନ ସଂକଟରୁ ରକ୍ଷା ପାଇ ପାରୁ ନାହାନ୍ତି। ସ୍ୱତଃସ୍ଫୁର୍ତ୍ତ ବିକ୍ଷୋଭ ଆନ୍ଦୋଳନ ମଧ୍ୟ ସର୍ବତ୍ର ହେଉଛି। କେହି କ'ଣ ଭାବିଥିଲା, ଏହିଭଳି ଭାବେ ବେଶ କିଛି ମାସ ଧରି ଖୋଦ ଆମେରିକାରେ ହଜାର ହଜାର ମଣିଷ 'occupy wall street' ଲଢେଇ ଚଳେଇ ଯିବେ, ଆରବ ଦୁନିଆରେ 'ଆରବ ବସନ୍ତ ଆନ୍ଦୋଳନ' ହେବ, ୟୁରୋପ ସମେତ ବିଭିନ୍ନ ଦେଶରେ ବାରମ୍ୱାର ଏଭଳି

ଧର୍ମଘଟର ବନ୍ୟା ବୋହିଯିବ ! ସବୁଦିଗରୁ ଯେତେବେଳେ ସହିବାର ସୀମା ଟପିଯାଏ ସେତେବେଳେ ଏହିଭଳି ଭାବେ ମଣିଷ ରାସ୍ତାକୁ ଓହ୍ଲାଇ ଆସେ । ଆମ ଦେଶରେ ମଧ୍ୟ ସ୍ୱତଃସ୍ଫୁର୍ତ୍ତ ବିକ୍ଷୋଭ  କଣ କମ୍ ହୋଇଛି ? ଏହି ଆନ୍ଦୋଳନଗୁଡିକ ଥରକୁ ଥର ମୁଣ୍ଡ ଟେକୁଛି, ପୁଣି ସ୍ତିମିତ ହୋଇ ପଡୁଛି, ପୁଣି ମୁଣ୍ଡ ଟେକୁଛି, ପୁଣି ସ୍ତିମିତ ହୋଇ ଯାଉଛି । ଏହାର କାରଣ କ'ଣ ? କମ୍ରେଡ ଶିବଦାସ ଘୋଷ ଦର୍ଶାଇଛନ୍ତି, ଯଦି ନେତୃତ୍ୱରେ ଯଥାର୍ଥ ବିପ୍ଳବୀ ଆଦର୍ଶ ନଥାଏ, ବିପ୍ଳବୀ ଦଳ ଓ ଉନ୍ନତ ସଂସ୍କୃତି ନଥାଏ, ତେବେ କୌଣସି ବିକ୍ଷୋଭ ଆନ୍ଦୋଳନ ହିଁ ସୁସଂଗଠିତଭାବେ ଗଢି ଉଠି ପାରେନା, ଲଗାତର ଭାବେ ଆଗେଇ ପାରେନା, ଉଦ୍ଦେଶ୍ୟ ମଧ୍ୟ ପୂରଣ ହୋଇ ପାରେନା ।

## ଏ ଦେଶରେ ରାଜନୈତିକ ଆନ୍ଦୋଳନରେ ତତ୍ତ୍ୱଗତ ଚର୍ଚ୍ଚା ନଥିଲା

ଆମେ ଯେତେବେଳେ ଦଳରେ ଯୁକ୍ତ ହେଉ, ସେତେବେଳେ ମାର୍କ୍ସବାଦ ପ୍ରତି, ସାମ୍ୟବାଦ ପ୍ରତି, ଶିକ୍ଷିତ ଲୋକଙ୍କ ମଧ୍ୟରେ, ଜନଗଣଙ୍କ ମଧ୍ୟରେ ପ୍ରବଳ ଆକର୍ଷଣ ଥିଲା । ଯଦିଓ ମାର୍କ୍ସବାଦ ବା କମ୍ୟୁନିଜମର ତତ୍ତ୍ୱଗତ ବିଷୟକୁ ନେଇ ସ୍ୱାଧୀନତା ଆନ୍ଦୋଳନ ଯୁଗରୁ ହିଁ ସେଭଳି କୌଣସି ଚର୍ଚ୍ଚା ଏ ଦେଶରେ ହୋଇ ନାହିଁ । କମ୍ରେଡ ଶିବଦାସ ଘୋଷ ହିଁ ପରବର୍ତ୍ତୀକାଳରେ ଏଦେଶରେ ସର୍ବପ୍ରଥମ ଏହି ଅପରିହାର୍ଯ୍ୟ କାର୍ଯ୍ୟଟି ଅତ୍ୟନ୍ତ ଗୁରୁତ୍ୱ ସହକାରେ କରିଥିଲେ । କିନ୍ତୁ ସେଦିନ ଦଳର ପ୍ରଭାବ କେତେ ବା ଥିଲା ! ଏପରିକି ଆଜି ବି ଆମେ କେତେ ଉକ୍ତ ବିଷୟଟିକୁ ଜନସାଧାରଣଙ୍କ ମଧ୍ୟକୁ ନେଇ ଯାଇ ପାରିଛୁ ! ସେଦିନ ଅବିଭକ୍ତ ସି.ପି.ଆଇ ଏବଂ ପରବର୍ତ୍ତୀ ସମୟରେ ସି.ପି.ଆଇ(ଏମ) ଯଥେଷ୍ଟ ବଡ଼ ଦଳ ଥିଲା, କିନ୍ତୁ ଜନସାଧାରଣଙ୍କୁ ମାର୍କ୍ସବାଦୀ ଶିକ୍ଷାରେ ସୁଶିକ୍ଷିତ କରିବା ତ ଦୂରର କଥା, ସେମାନେ ନିଜେ ହିଁ ତତ୍ତ୍ୱ ଚର୍ଚ୍ଚାକୁ ପ୍ରାୟ ବାଦ ଦେଇ ଚାଲିଛନ୍ତି । ଏମିତି ତ ଆମ ଦେଶରେ ସାଧାରଣ ମଣିଷ ଭିତରେ, ସ୍ୱଦେଶୀ ଆନ୍ଦୋଳନ ଯୁଗରେ ବି ତତ୍ତ୍ୱ ଚର୍ଚ୍ଚା କରିବା, ରାଜନୀତି ବୁଝିବା ଆଦି ବିଷୟରେ ବିଶେଷ ଆକର୍ଷଣ ନଥିଲା । ସ୍ୱଦେଶୀ ଆନ୍ଦୋଳନର ନେତାମାନେ ମଧ୍ୟ ସେହି ମନୋଭାବ ଗଢି ତୋଳି ନାହାନ୍ତି । ସ୍ୱାଧୀନତା ଆନ୍ଦୋଳନରେ ଗରିବ ଘରର ପୁଅଝିଅମାନେ ଲଢେଇ କରିଛନ୍ତି, ଜୀବନ ଦେଇଛନ୍ତି । ଟାଟା, ବିର୍ଲା ଘରର କେହି ଆଗେଇ ଆସି ନାହାନ୍ତି । ଅଥଚ ଗାନ୍ଧିଜୀଙ୍କୁ ସାମ୍ନାରେ ରଖି ଟାଟା, ବିର୍ଲା ଭଳି ପୁଞ୍ଜିପତିମାନେ ନେତୃତ୍ୱକୁ ଅକ୍ତିଆର କରି ରଖିଛନ୍ତି ଯଦ୍ୱାରା କି ବିପ୍ଳବ ସଂଗଠିତ ହୋଇ ନପାରେ । କାରଣ, ଇତିମଧ୍ୟରେ ଋଷିଆରେ ଶ୍ରମିକ ବିପ୍ଳବ ହୋଇ ଯାଇଛି, ସେଥିପାଇଁ ସେମାନେ ଆତଙ୍କିତ

ଥିଲେ । ଆଉ ଏଦେଶର ଜନସାଧାରଣଙ୍କ ମଧ୍ୟରେ ରାଜନୀତି ଚର୍ଚ୍ଚା ନଥିବା ଫଳରେ ଜନଗଣ ଅନ୍ଧ ଭଳି ନେତୃତ୍ୱକୁ ମାନି ନେଇ କାମ କରି ଯାଇଛନ୍ତି ।

**'ମାର୍କ୍ସବାଦ ଜିନ୍ଦାବାଦ' କହିଲେ ହିଁ କେହି କମ୍ୟୁନିଷ୍ଟ ହୋଇ ଯାଆନ୍ତି ନାହିଁ**

ପରବର୍ତ୍ତୀକାଳରେ ବାମପନ୍ଥୀ ମନୋଭାବାପନ୍ନ ଜନସାଧାରଣ ସମାନ ଭାବେ ଅନ୍ଧ ଭଳି ସି.ପି.ଆଇକୁ ସମର୍ଥନ କରିଛନ୍ତି, ସି.ପି.ଆଇ(ଏମ୍)କୁ ସମର୍ଥନ କରିଛନ୍ତି । ଲୋକେ ମନେକରୁଥିଲେ, ସେମାନଙ୍କ ପାର୍ଟିର ନାଁ ଯେତେବେଳେ କମ୍ୟୁନିଷ୍ଟ, ଆଉ ସେମାନେ ନିଜକୁ ମାର୍କ୍ସବାଦୀ ବୋଲି ପରିଚୟ ଦିଅନ୍ତି, ତା'ହେଲେ ସେମାନେ ହିଁ କମ୍ୟୁନିଷ୍ଟ । କିଏ ବା ଖବର ରଖୁଥିଲା ଯେ, ଲେନିନ କହିଛନ୍ତି ମାର୍କ୍ସବାଦ ଜିନ୍ଦାବାଦ, କମ୍ୟୁନିଜମ ଜିନ୍ଦାବାଦ କହିଲେ ହିଁ କେହି କମ୍ୟୁନିଷ୍ଟ ହୁଅନ୍ତି ନାହିଁ, ଲାଲ ଝଣ୍ଡା ହାତରେ ଧରିଲେ ହିଁ କମ୍ୟୁନିଷ୍ଟ ହୁଅନ୍ତି ନାହିଁ, ବିଚାର କରି ତାହା ବୁଝିବାକୁ ହୁଏ । କେତେ ଜଣ ଜାଣନ୍ତି, ଯେଉଁ ପ୍ରଥମ କମ୍ୟୁନିଷ୍ଟ ଆନ୍ତର୍ଜାତିକ ସଙ୍ଗଠନ ସହିତ ମାର୍କ୍ସ, ଏଙ୍ଗେଲସ୍ ଯୁକ୍ତ ଥିଲେ, ସେହି ସଙ୍ଗଠନ ବିପଥଗାମୀ ହେବା ଯୋଗୁ ସେମାନେ ନିଜେ ହିଁ ଏହାକୁ ଭାଙ୍ଗି ଦେଇଥିଲେ । ଦ୍ୱିତୀୟ କମ୍ୟୁନିଷ୍ଟ ଆନ୍ତର୍ଜାତିକ ମଧ୍ୟ ଏଙ୍ଗେଲସ୍‌ଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା, କିନ୍ତୁ ତାଙ୍କ ମୃତ୍ୟୁ ପରେ ଏହି ସଙ୍ଗଠନ ଅଧଃପତିତ ହେବା ଯୋଗୁ ମାର୍କ୍ସ ଏଙ୍ଗେଲସ୍‌ଙ୍କ ସୁଯୋଗ୍ୟ ଛାତ୍ର କମ୍ରେଡ ଲେନିନ ତା ସହିତ ସଂପର୍କ ଛିନ୍ନ କରି ତୃତୀୟ ଆନ୍ତର୍ଜାତିକ ଗଠନ କରିଥିଲେ । ଋଷିଆରେ ମାର୍କ୍ସବାଦୀ ପାର୍ଟି ବୋଲି ପରିଚିତ ଆର୍.ଏସ୍.ଡି.ଏଲ.ପିର ଅନ୍ୟତମ ନେତା ଭାବେ ଲେନିନ କିଛିଦିନ ପରେ ଯେତେବେଳେ ବୁଝିଲେ ଯେ, ଏହି ପାର୍ଟି ମଧ୍ୟ ଅଣମାର୍କ୍ସବାଦୀ, ଅଧଃପତିତ ହୋଇଯାଇଛି, ଯଥାର୍ଥ ମାର୍କ୍ସବାଦୀ ପଦ୍ଧତିରେ ଲେନିନ୍ ଅଲଗା ପାର୍ଟି ଗଠନ କଲେ ଏବଂ ଋଷିଆରେ ପ୍ରଥମ ଶ୍ରମିକ ବିପ୍ଳବ ସଫଳ କଲେ । ଏଦେଶରେ ଯେଉଁମାନେ ଦଳ ଦଳ ହୋଇ ଅବିଭକ୍ତ ସି.ପି.ଆଇ ପଛରେ ଧାଇଁଛନ୍ତି, ପରବର୍ତ୍ତୀ କାଳରେ ସି.ପି.ଆଇ(ଏମ) ପଛରେ ଧାଇଁଛନ୍ତି, ସେମାନେ ଏହି ଘଟଣାଗୁଡିକର ଖୋଜଖବର ରଖିନାହାନ୍ତି, ଭାବିନାହାନ୍ତି, ବିଚାର କରିନାହାନ୍ତି । ଆଜି ସେହି ଦଳର ଅବସ୍ଥା ଦେଖନ୍ତୁ ! ସଂପ୍ରତି ସି.ପି.ଆଇ(ଏମ) ର ଜଣେ ପ୍ରବୀଣ ନେତାଙ୍କ ସହିତ ମୋର ସାକ୍ଷାତ ହୋଇଥିଲା । ମୁଁ ତାଙ୍କୁ କହିଲି, ଆପଣଙ୍କ ଦଳର ଏଭଳି ଦୂରାବସ୍ଥା କାହିଁକି ? ୧୯୭୨ ମସିହାରେ ତ ଆପଣମାନେ ଆହୁରି ଅଧିକ କଂଗ୍ରେସୀ ଆକ୍ରମଣର ଶୀକାର ହୋଇଥିଲେ, ଆମେ ବି ହୋଇଥିଲୁ । ସେତେବେଳେ ବି ତ ଆପଣମାନଙ୍କର ଏଭଳି ଅବସ୍ଥା ଦେଖି ନାହିଁ । ୩୪ ବର୍ଷ ଲଗାତରଭାବେ ସରକାର ଚଳେଇଲେ, ମାତ୍ର ଥରେ

ଭୋଟରେ ହାରିଛନ୍ତି, ସେଥିରେ ଏହି ଦୂରାବସ୍ଥା ! ସେ ଉତ୍ତର ଦେଲେ, ସରକାରରେ ରହିବା ଯୋଗୁ ଦଳର ଏହି ପତନ ହୋଇଛି । କିନ୍ତୁ ସରକାରୀ କ୍ଷମତାରେ ରହିଲେ ହିଁ କ'ଣ ଗୋଟିଏ ବିପ୍ଳବୀ ଦଳର ପତନ ହୁଏ ? କମ୍ ସମୟ ପାଇଁ ହେଲେ ବି ଆମ ଦଳ ମଧ୍ୟ ୧୯୬୭ ଓ ୧୯୬୯ ମସିହାରେ ଦୁଇଥର ସରକାରରେ ଥିଲା, କାଇଁ ଆମର ତ ଟିକିଏ ହେଲେ ପତନ ହୋଇ ନାହିଁ ? ପ୍ରଶ୍ନ ହେଲା, କେଉଁ ଶ୍ରେଣୀର ଦୃଷ୍ଟିଭଙ୍ଗୀରେ ସରକାର ଚଳାଇବାକୁ ହେବ, ବୁର୍ଜୁଆ ଶ୍ରେଣୀ ଦୃଷ୍ଟିଭଙ୍ଗୀରେ ନା ଏକ ଶ୍ରମିକ ଶ୍ରେଣୀର ବିପ୍ଳବୀ ଦଳର ଦୃଷ୍ଟିଭଙ୍ଗୀରେ ? ଏହି ପ୍ରଶ୍ନରେ ୧୯୬୭ ମସିହାରେ ଆମ ଦଳର ସିପିଆଇ,ସିପିଆଇ(ଏମ) ଓ ଅନ୍ୟମାନଙ୍କ ସହିତ ତୀବ୍ର ମତଭେଦ ଦେଖା ଦେଇଥିଲା । କମ୍ରେଡ ଶିବଦାସ ଘୋଷ ଜଣେ ସୃଜନଶୀଳ ମାର୍କ୍ସବାଦୀ ଚିନ୍ତାନାୟକ ଭାବେ ସେହି ସମୟରେ ହିଁ ଦର୍ଶାଇଥିଲେ, ଗୋଟିଏ ବୁର୍ଜୁଆ ରାଷ୍ଟ୍ର ବ୍ୟବସ୍ଥା ଭିତରେ କିଭଳି ଭାବେ ଏକ ଯଥାର୍ଥ ମାର୍କ୍ସବାଦୀ ଦଳ ସରକାରୀ କ୍ଷମତାରେ ରହି ଶ୍ରମିକ ଶ୍ରେଣୀର ସଂଗ୍ରାମ ଓ ଗଣ ଆନ୍ଦୋଳନ ଗଢିତୋଳିବା ଏବଂ ଶକ୍ତିଶାଳୀ କରିବା ସ୍ୱାର୍ଥରେ ସରକାରକୁ ବ୍ୟବହାର କରିପାରେ । ଏହା କୌଣସି ଦିନ ସେମାନେ ଗ୍ରହଣ କରି ନାହାନ୍ତି, ବରଂ ଓଲଟାଭାବେ ବୁର୍ଜୁଆ ଶ୍ରେଣୀ ସ୍ୱାର୍ଥରେ 'ଲ ଆଣ୍ଡ ଅର୍ଡର' (ଆଇନ ଶୃଙ୍ଖଳା) ରକ୍ଷାର ଦ୍ୱାହି ଦେଇ ଶ୍ରେଣୀ ସଂଗ୍ରାମ ଓ ଗଣ ଆନ୍ଦୋଳନକୁ ଦମନ କରିବାରେ ହିଁ ସରକାରକୁ ବ୍ୟବହାର କରିଛନ୍ତି, ବୁର୍ଜୁଆ ସଂସ୍କୃତିର ଶୀକାର ହୋଇ ସରକାରୀ କ୍ଷମତାରେ ରହି ଅନ୍ୟାନ୍ୟ ବୁର୍ଜୁଆ ଦଳମାନଙ୍କ ଭଳି ଦୁର୍ନୀତିରେ ନିମଜ୍ଜିତ ହୋଇଛନ୍ତି, ସରକାରୀ କ୍ଷମତାର ଅପବ୍ୟବହାର କରିଛନ୍ତି, ଯୁକ୍ତି ଓ ଆଦର୍ଶର ଶକ୍ତି ଦ୍ୱାରା ଅନ୍ୟମାନଙ୍କୁ ଆକୃଷ୍ଟ କରିବା ପରିବର୍ତ୍ତେ ସରକାରୀ ସୁବିଧାର ଲୋଭ ଦେଖାଇ, ବାହୁବଳ ପ୍ରଦର୍ଶନ କରି, ଡରାଇ ଧମକାଇ, ଅନ୍ୟମାନଙ୍କ ବିରୁଦ୍ଧରେ କୁତ୍ସାରଟନା କରି ଓ ସନ୍ତ୍ରାସ ଚଳାଇ ଦଳର ଶକ୍ତି ବୃଦ୍ଧି କରିବାର ପଥ ଗ୍ରହଣ କରିଛନ୍ତି । ଅସଲରେ ସେମାନେ କେବେ ବି ମାର୍କ୍ସବାଦୀ ନଥିଲେ । ତଥାପି ଅତୀତରେ କିଛି ସଂଗ୍ରାମ କରୁଥିଲେ, ଆନ୍ଦୋଳନ କରୁଥିଲେ– ପଚାଶ ଦଶକରେ, ଷାଠିଏ, ସତୁରୀ ଦଶକରେ କରୁଥିଲେ । ଅବଶ୍ୟ ଏସବୁ ନିର୍ବାଚନୀ ଲକ୍ଷ୍ୟ ନେଇ ହିଁ କରୁଥିଲେ । ସେତେବେଳେ ମଧ୍ୟ ସେମାନଙ୍କର କର୍ମୀମାନେ ପୋଲିସର ଗୁଳି ମୁହଁରେ ଛିଡ଼ା ହେଉଥିଲେ, ମାଡ ଖାଉଥିଲେ, ଜେଲ ଯାଉଥିଲେ । ଆଉ ୩୪ ବର୍ଷ ସରକାରୀ କ୍ଷମତାରେ ରହି ଏତେ ପାୱାର ସଞ୍ଚୟ କରିଛନ୍ତି ଯେ, ହାତରୁ ସରକାର ଖସି ଯିବା ପରେ ବର୍ତ୍ତମାନ ଏମାନଙ୍କର ପ୍ରାୟ ଆଉ କୌଣସି ପାୱାର ନାହିଁ ।

## ଏମ୍.ଏଲ୍.ଏ-ଏମ୍. ପି ନୁହେଁ, ଶ୍ରେଣୀ ସଂଗ୍ରାମ ଓ ଗଣ ଆନ୍ଦୋଳନ ହିଁ ଏକ ବିପ୍ଳବୀ ଦଳର ଶକ୍ତିର ଉତ୍ସ

ସି.ପି.ଆଇ(ଏମ୍)ର ପୂର୍ବତନ ସାଧାରଣ ସମ୍ପାଦକ ପ୍ରକାଶ କାରାତ ଆମ ସହିତ ଆଲୋଚନା କରିବାକୁ ଆସିଥିଲେ। ମୁଁ ତାଙ୍କୁ କହିଥିଲି, ଏଦେଶରେ ଏବେ ବି ଆପଣମାନେ ବୃହତ ବାମପନ୍ଥୀ ଦଳ। ବାମପନ୍ଥୀ ଆନ୍ଦୋଳନର ଏହି ସଙ୍କଟ ଦୂର କରିବାକୁ ହେଲେ, ଆପଣମାନେ ସରକାର ପରିଚାଳନା କରିବାକୁ ଯାଇ ଯେଉଁ ଅନ୍ୟାୟ ଓ ଭୁଲତ୍ରୁଟିସବୁ କରିଛନ୍ତି, ଲେନିନଙ୍କ ଶିକ୍ଷାନୁଯାୟୀ ନିଷ୍କପଟରେ ସେଗୁଡ଼ିକୁ ଜନସାଧାରଣଙ୍କ ସମ୍ମୁଖରେ ସ୍ୱୀକାର କରନ୍ତୁ, ସଂଶୋଧନ କରିବାର ପ୍ରତିଶ୍ରୁତି ଦିଅନ୍ତୁ, ଜନସାଧାରଣଙ୍କ ଆସ୍ଥା ଅର୍ଜନ ନିମନ୍ତେ ଚେଷ୍ଟା କରନ୍ତୁ ଏବଂ ପୁନର୍ବାର ପଚାଶ ଦଶକ ଭଳି ରକ୍ତକ୍ଷୟୀ ସଂଗ୍ରାମ ଗଢି ତୋଳନ୍ତୁ, ଲଢୁଆ ଶ୍ରେଣୀ ସଂଗ୍ରାମ ଓ ଗଣ ଆନ୍ଦୋଳନ ସଂଗଠିତ କରନ୍ତୁ। ସେମାନଙ୍କର ପାର୍ଟି କଂଗ୍ରେସକୁ ମୁଁ ଆମନ୍ତ୍ରିତ ହୋଇ ଯାଇଥିଲି। ସେଠାରେ ମଧ୍ୟ କହିଥିଲି, କଂଗ୍ରେସ ସିକ୍ୟୁଲାର(ଧର୍ମ ନିରପେକ୍ଷ) ନୁହେଁ, ଆଞ୍ଚଳିକ ବୁର୍ଜୁଆ ଦଳଗୁଡିକ ସିକ୍ୟୁଲାର ନୁହଁନ୍ତି, ଗଣତାନ୍ତ୍ରିକ ମଧ୍ୟ ନୁହଁନ୍ତି। ଏକଥା କାହିଁକି କହିଲି ତାହା ମଧ୍ୟ ବ୍ୟାଖ୍ୟା କରିଛି। ଜନସାଧାରଣଙ୍କ ଦାବି ଭିତ୍ତିରେ ବାମପନ୍ଥୀମାନଙ୍କୁ ଲଢୁଆ ଆନ୍ଦୋଳନ ଗଢି ତୋଳିବାକୁ ହେବ। ସେମାନଙ୍କର ପାର୍ଟି କଂଗ୍ରେସରେ ଏକଥା ମୁଁ କହିଛି। କହିଛି, ଲେନିନଙ୍କର ଶିକ୍ଷା ହେଲା, ଗୋଟିଏ ବିପ୍ଳବୀ ଦଳର ଶକ୍ତିର ଉତ୍ସ ଏମ୍.ଏଲ୍.ଏ, ଏମ୍.ପି ସଂଖ୍ୟା ନୁହେଁ, ଏହି ଶକ୍ତିର ଉତ୍ସ ହେଲା ଶ୍ରେଣୀ ସଂଗ୍ରାମ ଓ ଗଣ ଆନ୍ଦୋଳନର ବହ୍ନି। କିନ୍ତୁ ଏ କଥା ବୁଝିବାର ମନ ସେମାନଙ୍କର ନାହିଁ। ସେମାନେ କଂଗ୍ରେସ ଭିତରେ ସିକ୍ୟୁଲାର ଶକ୍ତି ଖୋଜୁଛନ୍ତି, ବୁର୍ଜୁଆ ଦଳଗୁଡିକ ଭିତରେ ଗଣତାନ୍ତ୍ରିକ, ପ୍ରଗତିଶୀଳ ଶକ୍ତି ଖୋଜୁଛନ୍ତି। କାରଣ ଯେମିତିଭାବେ ହେଉ, ଭୋଟରେ ଜିତିବା ଦରକାର। ପୁଣି ସରକାରକୁ ଆସିବାକୁ ହିଁ ହେବ। ସରାକରୀ କ୍ଷମତା ହାତକୁ ନଆସିଲେ ସେମାନଙ୍କ ଦଳର କୌଣସି ଶକ୍ତି ନାହିଁ, ଏମ୍. ଏଲ. ଏ, ଏମ୍. ପି ସଂଖ୍ୟା ନବଢିଲେ ପାର୍ଟିର ଭବିଷ୍ୟତ ନାହିଁ– ଦଳର ଏହିଭଳି ହାଲ। ଆଉ ଆମେ କହୁ, କମ୍ରେଡ ଶିବଦାସ ଘୋଷଙ୍କ ଶିକ୍ଷାର ଭିତ୍ତିରେ ହିଁ କହୁ, ୨୪ ଏପ୍ରିଲ ପାର୍ଟି ପ୍ରତିଷ୍ଠା ଦିବସର ଜନସଭାରେ ବି କହିଛି, ଏମ୍. ଏଲ. ଏ, ଏମ୍. ପି ପାଇଲେ ଭଲ, ଆଉ ଯଦି ଜଣେ ବି ନପାଉ ତାହେଲେ ବି ଚଳିବ। ଆମର ପ୍ରୟୋଜନ, ଖୁଦିରାମ ଭଳି ଚରିତ୍ର , ଭଗତ ସିଂଙ୍କ ଭଳି ଅସଂଖ୍ୟ ଚରିତ୍ର , ଯେଉଁମାନେ ପ୍ରୟୋଜନରେ ଫାଶୀ ମଞ୍ଚରେ ଛିଡା ହୋଇ ବିପ୍ଳବର ଝଣ୍ଡା ବହନ କରିବେ।

## ପୁଞ୍ଜିବାଦ ମଣିଷର ଚିନ୍ତାଶୀଳତାକୁ ଧ୍ୱଂସ କରୁଛି, ଜନଗଣଙ୍କୁ ହୃଦୟଭରା ଭଲପାଇବା ଦେଇ ଜୟ କରିବକୁ ହେବ, ମନନଶୀଳତାକୁ ଜାଗ୍ରତ କରାଇବାକୁ ହେବ

ଆଜି ସବୁଠାରୁ ବଡ଼ ସମସ୍ୟା ହେଉଛି, ଯେଉଁ ଜନସାଧାରଣ ବିଭିନ୍ନ ସଙ୍କଟରେ ଜର୍ଜରିତ, ସେହି ସଙ୍କଟ କାହିଁକି, ସେହି ସଙ୍କଟର ସମାଧାନର ପଥ କେଉଁଠି, ସେ ସଂପର୍କରେ ସେମାନେ ଭାବୁ ନାହାନ୍ତି । ଗଭୀରଭାବେ ଚିନ୍ତା କରିବା, ବିଚାର କରିବା, ବୁଝିବା- ଏହି ମନଟି ଦେଶରୁ ଶାସକ ପୁଞ୍ଜିପତି ଶ୍ରେଣୀ ନଷ୍ଟ କରି ଦେଇଛି । ଚିନ୍ତାଶୀଳତା, ମନନଶୀଳତା, ଯୁକ୍ତିର ମୂଲ୍ୟ ଦେବା, ଏହି ଯେଉଁ ମାନସିକତା ଦିନେ କେତେକାଂଶରେ ଥିଲା ସେହି ମନଟି ଆମ ଦେଶରେ ଆଉ ବିଶେଷ ନାହିଁ । ସମାଜ ପ୍ରତି କୌଣସି ଦାୟବଦ୍ଧତା ନାହିଁ । ଦେଶକୁ ନେଇ ସମାଜକୁ ନେଇ କୌଣସି ଚିନ୍ତା ନାହିଁ, ଏପରିକି ପରିବାର ସଂପର୍କରେ ବି ଭାବେ ନାହିଁ, ଗରୀବ ଆତ୍ମୀୟ ସ୍ୱଜନ, ସାହି ପଡିଶାର ଲୋକଙ୍କ କଥା ତ ବହୁ ଦୂରରେ । ବ୍ୟାପକଭାବରେ ଚାଲିଛି କେବଳ ଆତ୍ମକେନ୍ଦ୍ରୀକତା, ଭୋଗସର୍ବସ୍ୱତା ଓ କୁତ୍ସିତ ଯୌନତା । ଏହା ହିଁ ହେଉଛି ଆଜିକାର ଦିନର କ୍ଷୟିଷ୍ଣୁ ପୁଞ୍ଜିବାଦ ଦ୍ୱାରା ସୃଷ୍ଟ ନୈତିକତାର ସଙ୍କଟ, ସଂସ୍କୃତି ଓ ମୂଲ୍ୟବୋଧର ସଂକଟର ଭୟାବହ ରୂପ । ଏହିଭଳି ଏକ ପରିସ୍ଥିତି ମଧ୍ୟରେ କେବଳ କିଛି ଦାବିଦୁବା ନେଇ ଆନ୍ଦୋଳନ କଲେ, ସମାବେଶ, ଶୋଭାଯାତ୍ରା, ସଭା ସମିତି କଲେ, ପୁଞ୍ଜିବାଦ ବିରୋଧୀ ବିପ୍ଳବର ଲକ୍ଷ୍ୟ ପୂରଣ ହୋଇ ପାରିବ ନାହିଁ । ଆଜିକାର କାମ ଖୁବ୍ କଠିନ । ଆମେ ଯେତେବେଳେ ରାଜନୈତିକ ଜୀବନ ଆରମ୍ଭ କରିଥିଲୁ ସେତେବେଳେ ବି ବାଧା ଥିଲା- ତାହା ଗୋଟିଏ ଧରଣର ବାଧା । ଆଜିର ବାଧା ଆହୁରି ଅନେକ କଠିନ । ମୁଁ କହିଛି, ଗୋଟିଏ ସମୟ ଥିଲା, ଯେତେବେଳେ ମାର୍କ୍ସବାଦ ନାମ ଶୁଣିଲେ ହିଁ ଅନେକେ ଆକର୍ଷଣବୋଧ କରୁଥିଲେ । ଆଜି ସେହି ଦିନ ଆଉ ନାହିଁ । ତେଣୁ ବର୍ତ୍ତମାନ ଯେଉଁମାନେ ବିପ୍ଳବର ଝଣ୍ଡା ବହନ କରିବେ, ସେମାନଙ୍କୁ ମାର୍କ୍ସବାଦୀ ଚିନ୍ତାର ଆହୁରି ଉନ୍ନତମାନ ଅର୍ଜନ କରିବାକୁ ହେବ । ମାର୍କ୍ସବାଦ ସମ୍ପର୍କରେ ଗଭୀର ଜ୍ଞାନଚର୍ଚ୍ଚା ଆବଶ୍ୟକ, ପୁଣି ଦରକାର ଜୀବନରେ ଉନ୍ନତ ସଂସ୍କୃତିର ପ୍ରତିଫଳନ । ଆଜି ବିପ୍ଳବୀ କର୍ମୀମାନଙ୍କୁ ଗୋଟିଏ ଦିଗରେ ବ୍ୟାପକ ଜନସଂଯୋଗ କରିବାକୁ ପଡିବ । ଯେଉଁ ଗ୍ରାମରେ ରୁହନ୍ତି, ଯେଉଁ ସାହି ବସ୍ତିରେ ରୁହନ୍ତି, ସେ ଅଞ୍ଚଳର ପ୍ରତ୍ୟେକଙ୍କ ଅନ୍ତରକୁ ଜୟ କରିବାକୁ ହେବ । ଚରିତ୍ର ଦ୍ୱାରା, ଆଚରଣ ଦ୍ୱାରା ମନୁଷ୍ୟତ୍ୱ ଦ୍ୱାରା, ବିପଦ ଆପଦରେ ପାଖରେ ଛିଡ଼ା ହୋଇ ସେମାନଙ୍କୁ ଜୟ

କରିବାକୁ ହେବ । କମ୍ରେଡ ଶିବଦାସ ଘୋଷ କହିଛନ୍ତି, ଜଣେ ବିପ୍ଳବୀର ଅବସ୍ଥାନ ହେଉଛି, ଯେଉଁଠାରେ ସେ ରୁହନ୍ତି, ଯେଉଁଠାରେ ସେ କାମ କରନ୍ତି, ସେଠାରେ ସେ ହୃଦୟଭରା ଭଲପାଇବା ଦେଇ ଜନଗଣଙ୍କୁ ଜୟ କରନ୍ତି । ଏହି ଭଲ ପାଇବା ମଧ୍ୟଦେଇ ସେମାନଙ୍କର ମନନଶୀଳତାକୁ ଜାଗ୍ରତ କରାଇବା, ତତ୍ତ୍ୱ ଚର୍ଚ୍ଚା ପ୍ରତି ଆଗ୍ରହ ସୃଷ୍ଟି କରାଇବା ଏକାନ୍ତ କର୍ତ୍ତବ୍ୟ । ପୁଣି ଯେତେବେଳେ ଜନଜୀବନରେ ବିଭିନ୍ନ ଧରଣର ସମସ୍ୟା, ସଂକଟ ଦେଖା ଦେଉଛି ଓ ସେମାନଙ୍କ ପ୍ରତି ଆକ୍ରମଣ ହେଉଛି–ସରକାରୀ ସ୍ତରରେ ଆକ୍ରମଣ ହେଉ, କାରଖାନାରେ ମାଲିକମାନଙ୍କର ଆକ୍ରମଣ ହେଉ, ପଞ୍ଚାୟତର ଦୁର୍ନୀତି ଅଥବା ଶିକ୍ଷା ବ୍ୟବସ୍ଥା ଉପରେ ଆକ୍ରମଣ ହେଉ, ସ୍ୱାସ୍ଥ୍ୟ ବ୍ୟବସ୍ଥାର ସଙ୍କଟ ହେଉ, ନାରୀ ନିର୍ଯ୍ୟାତନା ହେଉ, ତା ବିରୁଦ୍ଧରେ ଆନ୍ଦୋଳନ ଗଢିତୋଳିବାକୁ ହେବ ।

## ମାର୍କ୍ସବାଦର ଚର୍ଚ୍ଚା ଗଭୀରଭାବେ କରିବାକୁ ହେବ

ପୁଣି କେବଳ ଆନ୍ଦୋଳନ ଗଢିତୋଳିଲେ ହିଁ ହେବ ନାହିଁ, ଆନ୍ଦୋଳନ ଚାଲୁଥିବା ସମୟରେ 'କାହିଁକି ପୁଞ୍ଜିବାଦ ବିରୋଧୀ ବିପ୍ଳବ ଦରକାର', 'କାହିଁକି ମାର୍କ୍ସବାଦ ଦରକାର,' 'କାହିଁକି ସମାଜତନ୍ତ୍ର ଦରକାର', ସଠିକ ବିପ୍ଳବୀ ଦଳ ବିଚାରର ମାପକାଠି କ'ଣ', ଏହି ବକ୍ତବ୍ୟଗୁଡିକୁ ଆନ୍ଦୋଳନକାରୀ ଜନସାଧାରଣଙ୍କୁ ବୁଝାଇବାକୁ ହେବ । ଜନଗଣଙ୍କ ଦୈନନ୍ଦିନ ଜୀବନର ସଙ୍କଟ ସହିତ ଯୁକ୍ତ କରି ଏଭଳି ସହଜ ଓ ସରଳ ଭାଷାରେ ବୁଝାଇଦେବାକୁ ହେବ, ଯେପରି ସେମାନେ ତାହା ବୁଝି ପାରିବେ, ଗ୍ରହଣ କରି ପାରିବେ । ତତ୍‌ସହିତ ଉନ୍ନତ ନୈତିକତା ଅର୍ଜନର ଅପରିହାର୍ଯ୍ୟତା ମଧ୍ୟ ବୁଝାଇବାକୁ ହେବ । ସାମାଜିକ, ସଂସ୍କୃତିକ ଯେକୌଣସି କାମ କରୁ ନା କାହିଁକି, ଏହାକୁ ମୂଳ ଲକ୍ଷ୍ୟଭାବେ ଦୃଷ୍ଟିରେ ରଖିବାକୁ ହେବ । ଯଦିଓ ସ୍ଥଳ ବିଶେଷରେ ଏହାର ଫର୍ମ ଅଲଗା । ଏହି କାମଟି କରିବା ଖୁବ୍ କଠିନ, ପୁଣି ଏହା ଅବଶ୍ୟ କରଣୀୟ ।

ବିଗତ ଶତକର ତୃତୀୟ ଦଶକରୁ ଷଷ୍ଠ ଦଶକ ପର୍ଯ୍ୟନ୍ତ କେବଳ ଶିକ୍ଷିତ ସମ୍ପ୍ରଦାୟ ମଧ୍ୟରେ ନୁହେଁ ସାଧାରଣ ମଣିଷ ମଧ୍ୟରେ ବି ମାର୍କ୍ସବାଦ ଓ ସମାଜତନ୍ତ୍ର ସମ୍ପର୍କରେ ପ୍ରବଳ ଆକର୍ଷଣ ଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମହାନ ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ଲାଲ୍‌ଫୌଜ ନିକଟରେ ମାନବତାର ଶତ୍ରୁ ଫାସିଷ୍ଟ ଜର୍ମାନୀ, ଇଟାଲି ଓ ସାମ୍ରାଜ୍ୟବାଦୀ ଜାପାନର ପରାଜୟ ପରେ ଏହା ଆହୁରି ବଢି ଯାଏ । ଏହାଛଡା ଋଷିଆ, ଚୀନ୍, ପୂର୍ବ ୟୁରୋପ, ଉତ୍ତରକୋରିଆ ଆଦିକୁ ନେଇ ଶକ୍ତିଶାଳୀ ସମାଜତାନ୍ତ୍ରିକ ବ୍ୟବସ୍ଥା ଗଢିଉଠିବା ଏବଂ ସମାଜତନ୍ତ୍ର ସମର୍ଥନରେ ଏସିଆ,

ଆଫ୍ରିକା, ଲାଟିନ ଆମେରିକାରେ ଦୁର୍ବାର ଶକ୍ତିରେ ସାମ୍ରାଜ୍ୟବାଦ ବିରୋଧୀ ସ୍ୱାଧୀନତା ସଂଗ୍ରାମ ପରିଚାଳିତ ହେବାରୁ ତଥା ବିଶ୍ୱଶାନ୍ତି ରକ୍ଷା କ୍ଷେତ୍ରରେ ସୋଭିଏତ ୟୁନିୟନ ଅତନ୍ଦ୍ର ପ୍ରହରୀର ଭୂମିକା ପାଳନ ଯୋଗୁ ସେତେବେଳେ ମାର୍କ୍ସବାଦ ଓ ସମାଜତନ୍ତ୍ର ପ୍ରତି ଏହି ଆକର୍ଷଣ ପ୍ରବଳଭାବେ ବଢି ଯାଇଥିଲା । କିନ୍ତୁ ପରବର୍ତ୍ତୀକାଳରେ ସଂଶୋଧନବାଦୀ ଆକ୍ରମଣ ଓ ପୁଞ୍ଜିବାଦୀ ପ୍ରତିବିପ୍ଳବ ଯୋଗୁ ସୋଭିଏତ ସମାଜତନ୍ତ୍ରର ବିପର୍ଯ୍ୟୟ ଘଟିବା ଏବଂ ଦୀର୍ଘଦିନ ଧରି ମହାନ ଷ୍ଟାଲିନଙ୍କ ବିରୁଦ୍ଧରେ ବିରାମହୀନ କୁତ୍ସା ରଟନା ଚଳେଇବା ଫଳରେ ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ପ୍ରତିକୂଳ ହୋଇ ଛିଡ଼ା ହୋଇଛି । ଏହି ପରିସ୍ଥିତିରେ ବିପ୍ଳବୀ ସଂଗ୍ରାମ ଗଢିତୋଳିବା ଏବଂ ମାର୍କ୍ସବାଦ ଓ ସମାଜତନ୍ତ୍ର ସପକ୍ଷରେ ଜନମତ ସୃଷ୍ଟି କରିବା ଖୁବ କଠିନ । ତେଣୁ ଆଜିକାର ଏହି ସମାବେଶରେ ମାର୍କ୍ସବାଦ-ଲେନିନବାଦ ଶିବଦାସ ଘୋଷଙ୍କ ଚିନ୍ତାଧାରା ଯେ ଜନଗଣଙ୍କ ମୁକ୍ତି ସଂଗ୍ରାମରେ କାହିଁକି ଏକମାତ୍ର ଅମୋଘ ହତିଆର, ସେସମ୍ପର୍କରେ କିଛି କହିବାକୁ ଚାହେଁ ।

ଆପଣମାନେ ଜାଣନ୍ତି, ଏମିତି ହିଁ ଆମ ଦେଶରେ ଅନ୍ଧ ଧର୍ମବିଶ୍ୱାସ ଦୀର୍ଘଦିନ ଧରି ଚାଲୁଛି । ବର୍ତ୍ତମାନ ତାର ପ୍ରଭାବ ଆହୁରି ବଢିଛି । କ୍ଷମତାସୀନ ବୁର୍ଜୁଆ ଶ୍ରେଣୀ, ସରକାରୀ ବୁର୍ଜୁଆ ଦଳଗୁଡିକ ଏହି ଧର୍ମୀୟ ଅନ୍ଧତାକୁ ବଢାଇବା ସକାଶେ ଖୁବ୍ ପ୍ରୋତ୍ସାହନ ଦେଇ ଚାଲିଛନ୍ତି । ହତାଶାଚ୍ଛନ୍ନ ସାଧାରଣ ମଣିଷ ମଧ୍ୟ ମୁକ୍ତିର ଅନ୍ୟ କୌଣସି ପଥ ନପାଇ ଏହି ଦିଗରେ ଢଳୁଛି । ଏଭଳି ପରିସ୍ଥିତିରେ ଧର୍ମୀୟ ପଥରେ ଏବଂ ବିବେକାନନ୍ଦ, ଗାନ୍ଧିଜୀ, ରବିନ୍ଦ୍ରନାଥଙ୍କ ଭଳି ବଡ ମଣିଷମାନଙ୍କ ଦ୍ୱାରା ପ୍ରଚାରିତ ଆଦର୍ଶରେ ବର୍ତ୍ତମାନ ସଙ୍କଟରୁ କାହିଁକି ପରିତ୍ରାଣ ନାହିଁ, କାହିଁକି ମାର୍କ୍ସବାଦ ଏକମାତ୍ର ମୁକ୍ତି ସଂଗ୍ରାମର ପଥ, ଏହା ଆପଣମାନଙ୍କୁ ବୁଝିବାକୁ ଏବଂ ବୁଝାଇବାକୁ ହେବ । ଯଦିଓ ଏହି ସ୍ୱଳ୍ପ ସମୟର ସଭାରେ ସବୁକିଛି ଆଲୋଚନା କରିବା ସମ୍ଭବ ନୁହେଁ, ତଥାପି କିଛି କିଛି ପ୍ରାସଙ୍ଗିକ କଥା ମୁଁ ରଖିବାକୁ ଚାହେଁ । ଏହିସବୁ ବକ୍ତବ୍ୟ ସାଧାରଣତଃ ଜନସଭାରେ ଚର୍ଚ୍ଚା ହୁଏନା, ଆମେ କେବେ କେବେ କରିଛୁ ।

## ଇତିହାସରେ ଧର୍ମର ଭୂମିକାକୁ
## ମାର୍କ୍ସବାଦୀମାନେ ଶ୍ରଦ୍ଧାର ସହିତ ସ୍ୱୀକାର କରନ୍ତି

ଆପଣମାନଙ୍କର ଜାଣିବା ଦରକାର, ଧର୍ମୀୟ ଚିନ୍ତା ମାନବ ସମାଜରେ ପ୍ରଥମ ଅବସ୍ଥାରୁ ହିଁ ଥିଲା- ଏହି ଧାରଣା ଭ୍ରାନ୍ତ, ଇତିହାସରେ ଏହାର କୌଣସି ନଜିର ନାହିଁ । ଆଜି ମଧ୍ୟ ଆଫ୍ରିକାର ଘଞ୍ଚ ଅରଣ୍ୟରେ ଯେଉଁସବୁ ଆଦିମ ଜନଗୋଷ୍ଠୀ

ବାସ କରନ୍ତି, ଆଣ୍ଡାମାନରେ ଯେଉଁ ଜାରୋୟାମାନେ ବସବାସ କରନ୍ତି ସେମାନେ ଈଶ୍ୱର ବୋଲି କିଛି ଜାଣନ୍ତି ନାହିଁ, ଭଗବାନଙ୍କର ପୂଜା କରନ୍ତି ନାହିଁ। ଆଦିମ ସମାଜରେ ସ୍ଥାୟୀ ସମ୍ପତ୍ତି, ସମ୍ପତ୍ତିର ମାଲିକାନା, ଧନୀ-ଗରିବ, ଶାସକ-ଶାସିତ ଏସବୁ ଆସି ନାହିଁ। ସେତେବେଳେ ଗୋଷ୍ଠୀବଦ୍ଧ ମଣିଷ ବଞ୍ଚିବା ସକାଶେ ପ୍ରକୃତି ସହିତ ଲଢେଇ କରୁଥିଲା, ବିଭିନ୍ନ ପ୍ରକାର ପ୍ରାକୃତିକ ଶକ୍ତିକୁ ବଶୀଭୂତ କରିବା ପାଇଁ, ସନ୍ତୁଷ୍ଟ କରିବା ପାଇଁ ବିଭିନ୍ନ ଧରଣର ପ୍ରାଚୀନ ମ୍ୟାଜିକର ଆଶ୍ରୟ ନେଉଥିଲା, ନାନା ଧରଣର ମନ୍ତ୍ରତନ୍ତ୍ର ଉଚ୍ଚାରଣ କରୁଥିଲା, କିନ୍ତୁ କୌଣସି ଅତିପ୍ରାକୃତିକ ଶକ୍ତି କିମ୍ବା ଈଶ୍ୱର ଚିନ୍ତା ନଥିଲା। ସେମାନଙ୍କର ଚିନ୍ତା ଥିଲା ବସ୍ତୁଜଗତ ଭିତ୍ତିକ। ଯେଉଁ ବିବେକାନନ୍ଦଙ୍କୁ ଈଶ୍ୱର ବିଶ୍ୱାସୀମାନେ ଶ୍ରଦ୍ଧା କରନ୍ତି, ଆମେ ମଧ୍ୟ କରୁ, ସେ ନିଜେ ହିଁ ଏହି ସତ୍ୟର ସ୍ୱୀକୃତି ଦେଇ କହିଛନ୍ତି, "ପ୍ରଥମ ଅବସ୍ଥାରେ ମଣିଷ ବାହ୍ୟ ପ୍ରକୃତି ମଧ୍ୟରେ ହିଁ ବିଶ୍ୱର ସତ୍ୟ ଖୋଜିଥିଲା। ଏହା ଥିଲା ବସ୍ତୁମୟ ଜଗତ ମଧ୍ୟରୁ ଜୀବନର ସମସ୍ୟା ସମାଧାନ ପାଇବାର ପ୍ରଚେଷ୍ଟା।"[(୩)] ଆପଣମାନଙ୍କର ଜାଣିବା ଦରକାର ଯେ, ଭାରତବର୍ଷରେ ପ୍ରାଚୀନ କାଳରୁ କେବଳ ଆଧ୍ୟାତ୍ମବାଦର ହିଁ ଚର୍ଚ୍ଚା ହୋଇଛି, ବସ୍ତୁବାଦର ହୋଇ ନାହିଁ, ଏକଥା ମଧ୍ୟ ଠିକ୍ ନୁହେଁ। ଏଦେଶର ଦର୍ଶନ ସିଲାବସରେ ବର୍ତ୍ତମାନ ବି ବସ୍ତୁବାଦୀ ଦର୍ଶନ ହିସାବରେ ପ୍ରାଚୀନକାଳର ଚାର୍ବାକ ଦର୍ଶନ, ଲୋକାୟତ ଦର୍ଶନ ଇତ୍ୟାଦି ବସ୍ତୁବାଦୀ ଦର୍ଶନ ପଢା ହୁଏ। ପ୍ରଥମ ବେଦ ଋକ୍ ବେଦରେ ମଧ୍ୟ ମୂଳତଃ ପ୍ରକୃତି ଜଗତକୁ ନେଇ ଚର୍ଚ୍ଚା ହୋଇଛି। ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ଏକଥା ଜାଣନ୍ତି ନାହିଁ, ଭଗବାନ ବୁଦ୍ଧ ଭାବରେ ଯିଏ ଖ୍ୟାତ, ସେ ନିଜେ ହିଁ ଭଗବାନ ବିଶ୍ୱାସ କରୁ ନଥିଲେ। ଜୈନ ଧର୍ମର ପ୍ରତିଷ୍ଠାତା ମହାବୀର ମଧ୍ୟ କରୁ ନଥିଲେ। କ୍ଷିତି, ଅପ୍, ତେଜ, ମରୁତ, ବ୍ୟୋମ ଅର୍ଥାତ ମାଟି, ଜଳ, ଅଗ୍ନି, ବାୟୁ, ଆକାଶ- ଏହି ପଞ୍ଚଭୂତ ଅର୍ଥାତ୍ ପାଞ୍ଚଟି ବସ୍ତୁରୁ ହିଁ ଏହି ବିଶ୍ୱର ସମସ୍ତ କିଛି ସୃଷ୍ଟି, ଉକ୍ତ ଧାରଣା ଦିନେ ଏ ଦେଶରେ ପ୍ରଚଳିତ ଥିଲା। କେହି କେହି ବ୍ୟୋମ ବା ଆକାଶକୁ ବାଦଦେଇ ଚତୁର୍ଭୂତ ବା ଚାରୋଟି ବସ୍ତୁରୁ ସବୁ କିଛି ସୃଷ୍ଟି ହୋଇଛି ବୋଲି ବିଶ୍ୱାସ କରୁଥିଲେ। ବସ୍ତୁ କଣା ଦ୍ୱାରା ସବୁକିଛି ସୃଷ୍ଟି ହୋଇଛି, ଏକଥା କଣାଦ ମୁନି ମଧ୍ୟ କହିଥିଲେ। ଅଙ୍କ ଶାସ୍ତ୍ରରେ ଶୂନ(ଜିରୋ)ର ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ମଧ୍ୟ ଏହି ଦେଶରେ ହୋଇଥିଲା।

ତା'ହେଲେ ଧର୍ମୀୟ ଚିନ୍ତାର କ'ଣ କୌଣସି ଗୁରୁତ୍ୱପୂର୍ଣ୍ଣ ଭୂମିକା ନଥିଲା ? ଆମେ ମାର୍କ୍ସବାଦୀମାନେ ତାହା ମନେକରୁନା। ବରଂ ଆମେ ମାର୍କ୍ସବାଦୀମାନେ ଅତୀତର ଧର୍ମ ପ୍ରଚାରକମାନଙ୍କୁ ଗଭୀର ଶ୍ରଦ୍ଧା ଚକ୍ଷୁରେ ଦେଖୁ, ଧର୍ମର ଐତିହାସିକ

ପ୍ରଗତିଶୀଳ ଭୂମିକାକୁ ସ୍ୱୀକାର କରୁ ଏବଂ ଆମେ ବିଶ୍ୱାସ କରୁ ଗୋଟିଏ ବିଶେଷ ଯୁଗରେ ଧର୍ମ ହିଁ ସମାଜର ଅଗ୍ରଗତି କ୍ଷେତ୍ରରେ ସାହାଯ୍ୟ କରିଛି । ବରଂ ବୁର୍ଜୁଆ ଚିନ୍ତାବିଦମାନେ ଧର୍ମଭିତ୍ତିକ ରାଜତନ୍ତ୍ରକୁ ଉଚ୍ଛେଦ କରି ଯେତେବେଳେ ପ୍ରଜାତନ୍ତ୍ର ବା ସଂସଦୀୟ ବ୍ୟବସ୍ଥା ପ୍ରତିଷ୍ଠାର ମନନ ସୃଷ୍ଟି କରିବା ପାଇଁ ନବଜାଗରଣ ଆନ୍ଦୋଳନ କରିଥିଲେ, ଯେତେବେଳେ ଜନଗଣଙ୍କୁ ଧର୍ମୀୟ ପ୍ରଭାବମୁକ୍ତ କରିବା ସକାଶେ ସଂଗ୍ରାମ କରିଥିଲେ, ସେତେବେଳେ ଧର୍ମ ବିରୁଦ୍ଧରେ ସଂଗ୍ରାମ କରିବାକୁ ଯାଇ ବୁର୍ଜୁଆ ଚିନ୍ତାବିଦ ବେକନ୍, ହବସ୍, ଲକ୍, ସ୍ପିନୋଜା, କାଣ୍ଟ୍, ଫିଓରବାକ୍ ପ୍ରମୁଖ ଧର୍ମକୁ ମାନବଜାତି ପକ୍ଷରେ କ୍ଷତିକାରକ, ଅସତ୍ୟ ଓ ପରିତ୍ୟଜ୍ୟ ଭାବେ ଗଣ୍ୟ କରିଥିଲେ । କାରଣ, ମାନବ ସମାଜରେ କାହିଁକି ଓ କେଉଁ ସମୟରେ ତଥା କେଉଁ ପ୍ରୟୋଜନରେ ଧର୍ମୀୟ ଚିନ୍ତା ଆସିଥିଲା, ସେମାନେ ତାର ଉତ୍ତର ଖୋଜି ବାହାର କରି ପାରି ନଥିଲେ । ସର୍ବପ୍ରଥମେ ମହାନ କାର୍ଲ ମାକ୍ସ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରେ ଇତିହାସକୁ ବିଶ୍ଳେଷଣ କରି ତାର ଉତ୍ତର ଦେଇଥିଲେ । କି ଗଭୀର ଶ୍ରଦ୍ଧାରେ ମାର୍କ୍ସ କହିଥିଲେ, "ଧର୍ମୀୟ ଦୁଃଖ ପ୍ରକୃତ ଦୁଃଖର ହିଁ ପରିପ୍ରକାଶ । ଧର୍ମୀୟ ପ୍ରତିବାଦ ଅତ୍ୟାଚାରିତ ମଣିଷର ପ୍ରତିବାଦ । ଧର୍ମ ହେଉଛି ଅତ୍ୟାଚାରିତ ମଣିଷର ଦୀର୍ଘ ଶ୍ୱାସ ଓ ହୃଦୟହୀନ ପୃଥିବୀର ହୃଦୟ, ବିବେକହୀନ ଅବସ୍ଥାର ବିବେକ ।"[୪] ଏହାର ପରବର୍ତ୍ତୀ ବାକ୍ୟ ସମ୍ପର୍କରେ ମୁଁ ପରେ ଆଲୋଚନା କରିବି । ମହାନ ଏଙ୍ଗେଲ୍ସ କହିଛନ୍ତି, "ଖ୍ରୀଷ୍ଟ ଧର୍ମ ଏବଂ ଶ୍ରମିକ ଶ୍ରେଣୀର ସମାଜତନ୍ତ୍ର ଉଭୟ ହିଁ ଦାସତ୍ୱ ଓ ଦୁଃଖମୟ ଜୀବନର ଅବସାନ ଚାହେଁ । ପାର୍ଥକ୍ୟ ହେଉଛି ଖ୍ରୀଷ୍ଟ ଧର୍ମ ମନେ କରେ, ମୃତ୍ୟୁ ପରେ ସ୍ୱର୍ଗରେ ମୁକ୍ତି ଆସିବ, ଆଉ ସମାଜତନ୍ତ୍ର ବିଶ୍ୱାସ କରେ ସେହି ମୁକ୍ତି ଏହି ପୃଥିବୀରେ ହିଁ ସମାଜ ପରିବର୍ତ୍ତନ ଦ୍ୱାରା ଆସିବ ।"[୫] କମ୍ରେଡ ଶିବଦାସ ଘୋଷ ମଧ୍ୟ ଖ୍ରୀଷ୍ଟ ଓ ଇସ୍‌ଲାମ୍ ଧର୍ମର ଦାସପ୍ରଥା ବିରୋଧୀ ସଂଗ୍ରାମ ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି, "..... ସମାଜ ବିକାଶର ଗୋଟିଏ ସ୍ତରରେ ଆସି ଧର୍ମ ହିଁ ମଣିଷ ମଧ୍ୟରେ ନୀତି- ନୈତିକତା ଧାରଣା, ମୂଲ୍ୟବୋଧ, ସେବା ମନୋବୃତ୍ତି, ଅପରକୁ ହେୟ ନକରିବା, ନ୍ୟାୟ ଅନ୍ୟାୟ ବୋଧର ଚିନ୍ତା ଗଢିତୋଳିବାରେ ସାହାଯ୍ୟ କରିଛି । ଏହା ଫଳରେ ସମାଜରେ ଶୃଙ୍ଖଳାବୋଧ ଗଢି ଉଠିଛି ଏବଂ ତାହା ସମାଜରେ ସଂହତବୋଧର ଚିନ୍ତା ଗଢିତୋଳିବାରେ ସାହାଯ୍ୟ କରିଛି ଏବଂ ସେହି ଅର୍ଥରେ ମଧ୍ୟ ଧର୍ମ ସମାଜ ପ୍ରଗତିରେ ସାହାଯ୍ୟ କରିଛି ।"[୬] ଫଳରେ ଦେଖନ୍ତୁ ମାର୍କ୍ସବାଦୀ ଚିନ୍ତାନାୟକମାନେ କି ଗଭୀର ଶ୍ରଦ୍ଧାରେ ମାନବ ସଭ୍ୟତାର ଏକ ବିଶେଷ ସ୍ତରରେ ଧର୍ମର ଐତିହାସିକ ଭୂମିକାକୁ ଉଲ୍ଲେଖ

କରିଛନ୍ତି । ଅଥଚ ଦୁଃଖର ବିଷୟ ଏହାକୁ ନେଇ ମାର୍କ୍ସବାଦୀମାନଙ୍କ ବିରୁଦ୍ଧରେ କେତେ ଅପପ୍ରଚାର ଚାଲେ ! ମାର୍କ୍ସବାଦ ବିଜ୍ଞାନକୁ ହତିଆର କରି ବିଶ୍ଳେଷଣ କରି ଦର୍ଶାଇଛି, ଗୋଟିଏ ବିଶେଷ ଚିନ୍ତା ଓ ଭାବନା ସମାଜ ବିକାଶର ଗୋଟିଏ ବିଶେଷ ସ୍ତରରେ କିଭଳି ଗଢି ଉଠେ । ଭାବବାଦୀମାନେ ବା ଆଧ୍ୟାତ୍ମବାଦୀମାନେ ମନେ କରନ୍ତି ବସ୍ତୁଜଗତ ବହିର୍ଭୂତ ଏକ ଭାବର ଜଗତରୁ କିମ୍ବା ଐଶ୍ୱରୀକ ଶକ୍ତିରୁ ମଣିଷ ମନରେ ଚିନ୍ତା ସୃଷ୍ଟି ହୁଏ, ସୁପର ମାଇଣ୍ଡ ମଣିଷର ମାଇଣ୍ଡକୁ ନିୟନ୍ତ୍ରଣ କରେ, ସତ୍ ଏବଂ ବଡ ମଣିଷମାନଙ୍କ ମନ ମଧ୍ୟରେ ମାନବ କଲ୍ୟାଣକାରୀ ଐଶ୍ୱରିକ ବାଣୀ ଆସେ । ତେଣୁ ତାହା ଅଭ୍ରାନ୍ତ, ଅଲଙ୍ଘନୀୟ, ଶାଶ୍ୱତ ସତ୍ୟ । ବିଜ୍ଞାନର ଅଗ୍ରଗତି ଘଟି ନଥିବା ଯୋଗୁ, ପ୍ରାଚୀନକାଳର ବସ୍ତୁବାଦୀମାନେ ମଧ୍ୟ ବସ୍ତୁରୁ ହିଁ ଚିନ୍ତାର ସୃଷ୍ଟି ବୋଲି କହିଥିଲେ । ଏହାଠାରୁ ଅଧିକ କିଛି କହିପାରି ନଥିଲେ । ୟୁରୋପର ନବଜାଗରଣ ଯୁଗରେ ଯାନ୍ତ୍ରିକ ବସ୍ତୁବାଦୀମାନେ ମଣିଷ ଏବଂ ମଣିଷର ମସ୍ତିଷ୍କକୁ ଗୋଟିଏ ଧରଣର ବିଶେଷ ଯନ୍ତ୍ରଭାବେ ବାଖ୍ୟା କରିଛନ୍ତି । ସର୍ବପ୍ରଥମେ ମାର୍କ୍ସ ଆଧୁନିକ ବିଜ୍ଞାନକୁ ହତିଆର କରି ଭାବବାଦୀ ଦାର୍ଶନିକ ହେଗେଲଙ୍କର ବିରୋଧିତା କରି କହିଛନ୍ତି, "ମଣିଷ ମନରେ ବସ୍ତୁଜଗତ ପ୍ରତିଫଳିତ ହୋଇ ଚିନ୍ତାରେ ରୂପାନ୍ତରିତ ହୁଏ । ଏହାଛଡ଼ା ଭାବନା ଅନ୍ୟ କିଛି ନୁହେଁ ।"[୭] ଏସମ୍ପର୍କରେ ଲେନିନ୍ କହିଛନ୍ତି, "The reflection of nature in man's thought must be understood...not without contradiction, but in the.....process of movement, the arising of contradictions and their solutions". "ମଣିଷର ଚିନ୍ତାରେ ପ୍ରକୃତିର ପ୍ରତିଫଳନକୁ ଦ୍ୱନ୍ଦ୍ୱ (contradiction)ବିନା ବୁଝିଲେ ଚଳିବ ନାହିଁ, ବୁଝିବାକୁ ହେବ, ଗତିର ପ୍ରକ୍ରିୟାରେ ଦ୍ୱନ୍ଦ୍ୱଗୁଡିକ ଦେଖା ଦେଉଛି ଏବଂ ତାର ସମାଧାନ ଘଟୁଛି ।"[୮] ସେମାନଙ୍କର ସୁଯୋଗ୍ୟ ଛାତ୍ର କମ୍ରେଡ ଶିବଦାସ ଘୋଷ ଆଧୁନିକ ବିଜ୍ଞାନର ସର୍ବଶେଷ ଆବିଷ୍କାରକୁ ଭିତ୍ତିକରି କହିଛନ୍ତି, "... ବସ୍ତୁ ଯେ ଚେତନା ନିରପେକ୍ଷଭାବେ ଅବସ୍ଥାନ କରେ, ଏ ବିଷୟଟି ଆଜି ତର୍କାତୀତ । ପଞ୍ଚେନ୍ଦ୍ରିୟ ମାଧ୍ୟମରେ ବର୍ହିବିଶ୍ୱ ଓ ବାସ୍ତବ ପରିବେଶ ମଣିଷର ମସ୍ତିଷ୍କରେ ଯେଉଁ ଘାତ-ପ୍ରତିଘାତ ସୃଷ୍ଟି କରୁଛି, ତାହା ହିଁ ମଣିଷ ମସ୍ତିଷ୍କର ଯେଉଁ ବିଶେଷ କ୍ଷମତା, ଯାହାକୁ ପାୱାର ଅଫ୍ ଟ୍ରାନ୍ସଲେସନ ଅଫ୍ ଦ ହ୍ୟୁମାନ ବ୍ରେନ କୁହାଯାଏ- ତାକୁ ଭିତ୍ତି କରି ଚିନ୍ତା ଓ ଭାବର ଜନ୍ମ ହୋଇଛି ।"[୯] ସେ ଆହୁରି ମଧ୍ୟ କହିଛନ୍ତି, "ମନର ସ୍ୱାଧୀନତାର ମଧ୍ୟ ଏକ ସୀମା ଅଛି । ସେହି ସୀମାର ଦୁଇଟି ଦିଗ ଥାଏ । ଗୋଟିଏ ହେଉଛି ବିଶେଷ ବାସ୍ତବ ପରିବେଶ । ଅନ୍ୟଟି ହେଉଛି ଚିନ୍ତା ପ୍ରକ୍ରିୟା,

ଯେଉଁ ପ୍ରକ୍ରିୟାରେ ଜଣଙ୍କର ଚିନ୍ତା ପଦ୍ଧତି ଗଢିଉଠେ, ତାହା ତାଙ୍କର ଜ୍ଞାତ ବା ଅଜ୍ଞାତସାରରେ ଥାଇ ପାରେ। କିନ୍ତୁ ସେହି ଚିନ୍ତା ପଦ୍ଧତି ହିଁ ଚିନ୍ତାର ସ୍ୱାଧୀନତାର ସୀମା ନିର୍ଦ୍ଧାରଣ କରେ।"[୧୦] ତେଣୁ ଦେଖାଯାଏ, ମୂଳତଃ ବାସ୍ତବ ପରିସ୍ଥିତି ସମାନ ଥିବା ସତ୍ତ୍ୱେ, ଚିନ୍ତା ବା ଦୃଷ୍ଟିଭଙ୍ଗୀରେ ମୌଳିକ ପାର୍ଥକ୍ୟ ଥିବା ଯୋଗୁ ବିଦ୍ୟାସାଗର ଓ ରାମକୃଷ୍ଣ-ବଙ୍କିମଚନ୍ଦ୍ରଙ୍କ ମଧ୍ୟରେ, ରବିନ୍ଦ୍ରନାଥ ଓ ଶରତଚନ୍ଦ୍ରଙ୍କ ମଧ୍ୟରେ, ଗାନ୍ଧିଜୀ ଓ ସୁଭାଷଚନ୍ଦ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରଶ୍ନରେ ଚିନ୍ତାର ବହୁ ପାର୍ଥକ୍ୟ ଥିଲା।

ମାର୍କ୍ସବାଦୀ ଦୃଷ୍ଟିଭଙ୍ଗୀ ଭିତ୍ତିରେ କମ୍ରେଡ ଶିବଦାସ ଘୋଷ ଦର୍ଶାଇଛନ୍ତି, ଆଦିମ ସମାଜରେ ଈଶ୍ୱର ଚିନ୍ତା ଆସିବାର ବାସ୍ତବ ପରିବେଶ ବା ଉପାଦାନ ନଥିଲା। କିନ୍ତୁ ପରବର୍ତ୍ତୀ ସମାଜରେ ସ୍ଥାୟୀ ସମ୍ପତ୍ତି ଆସିଲା, ସମ୍ପତ୍ତିର ମାଲିକାନା ଆସିଲା ଏବଂ ଦାସ- ଦାସପ୍ରଭୁ ସମ୍ପର୍କ ସ୍ଥାପିତ ହେଲା, ଦାସପ୍ରଭୁମାନଙ୍କ ନିର୍ଦ୍ଦେଶରେ ଓ ନିର୍ଦ୍ଧାରିତ ନିୟମରେ ସମାଜ ପରିଚାଳିତ ହେବାକୁ ଲାଗିଲା। ଦାସପ୍ରଭୁମାନେ ନିଜର ଶୋଷଣ ସ୍ୱାର୍ଥରେ ସେମାନଙ୍କ ହୁକୁମକୁ ହିଁ ଚୂଡାନ୍ତ ମନେକଲେ ଏବଂ ଦାସମାନଙ୍କୁ ପଶୁଭାବେ ଗଣ୍ୟକରି ନିଷ୍ଠୁର ନିର୍ଯ୍ୟାତନା ଚଳେଇଲେ। ଏହି ଅତ୍ୟାଚାରିତ ଦାସମାନଙ୍କ କ୍ରନ୍ଦନ ହିଁ ସେଯୁଗରେ ଦଳେ ବଡ଼ ମଣିଷଙ୍କୁ ବ୍ୟଥାରେ ଉଦ୍‌ବେଳିତ କରିଥିଲା। ଏମାନେ ବାସ୍ତବ ଜୀବନରେ ଦେଖିଲେ, ଦାସପ୍ରଭୁଙ୍କ ନିର୍ଦ୍ଦେଶରେ ଓ ନିର୍ଦ୍ଧାରିତ ଶୃଙ୍ଖଳାରେ ସମାଜ ଚାଲିଛି; ପୁଣି ପ୍ରକୃତି ଜଗତରେ ଋତୁ ପରିବର୍ତ୍ତନ, ଦିନରାତି, ଜୁଆର-ଭଟ୍ଟା, ପ୍ରାଣୀର ଜନ୍ମ-ମୃତ୍ୟୁ ଇତ୍ୟାଦି ମଧ୍ୟ ଗୋଟିଏ ନିୟମରେ ଚାଲୁଛି। ତା'ହେଲେ ଏ ସବୁର ପରିଚାଳକଭାବେ ଜଣେ ପ୍ରଭୁ ନିଶ୍ଚେ ଅଛନ୍ତି ଏବଂ ସେ ହିଁ ବିଶ୍ୱ ପ୍ରଭୁ, ସେ ହିଁ ସବୁକିଛିର ସୃଷ୍ଟି କର୍ତ୍ତା, ସେ ହିଁ ଦାସପ୍ରଭୁ ଓ ଦାସମାନଙ୍କର ସ୍ରଷ୍ଟା। ଫଳରେ ତାଙ୍କର ନିୟମ, ତାଙ୍କର ନିର୍ଦ୍ଦେଶକୁ ଉଭୟ ଦାସପ୍ରଭୁ ଓ ଦାସମାନଙ୍କୁ ମାନିବାକୁ ହେବ। କ'ଣ ତାଙ୍କର ନିର୍ଦ୍ଦେଶ ? ଅନେକ ଚିନ୍ତାକରି ସେମାନେ ଯାହା ଯାହା ପାଇଲେ, ସେମାନେ ଯାହା ସତ୍ ବିଶ୍ୱାସରେ ମନେ କଲେ ଏବଂ ଘୋଷଣା କଲେ, ତାହା ହେଲା ଏସବୁ ହିଁ ଭଗବାନ, ଗଡ୍ ବା ଆଲ୍ଲାଙ୍କ ନିର୍ଦ୍ଦେଶ। ସେମାନେ କହିଲେ, ଦାସପ୍ରଭୁ ଓ ଦାସ ସମସ୍ତେ ହିଁ ଭଗବାନଙ୍କର ସନ୍ତାନ। ତେଣୁ ଦାସପ୍ରଭୁଙ୍କୁ ମଧ୍ୟ ଭଗବାନଙ୍କର ଶାସନକୁ ମାନି ଚାଲିବାକୁ ହେବ। ଏହିପରି ଭାବେ ହିଁ ଦାସପ୍ରଥା ଯୁଗରେ ଈଶ୍ୱର ଧାରଣା ଜନ୍ମ ହୋଇଛି ଏବଂ ଧର୍ମ ପ୍ରଚାରକମାନେ ଧର୍ମୀୟ ବାଣୀ ଆଣିଛନ୍ତି, କମ୍ରେଡ ଶିବଦାସ ଘୋଷ ଏହା ଦର୍ଶାଇଛନ୍ତି। ପୁଣି, ଧର୍ମପ୍ରଚାରକମାନଙ୍କର କେତେ ଅସାଧାରଣ ମାନବ ଦରଦୀ

ମନଥିଲା ଏବଂ ସେମାନେ କେତେ ବିରାଟ ପ୍ରତିଭାର ଅଧିକାରୀ ଥିଲେ, ତାହା ମଧ୍ୟ ବୁଝି ହୁଏ। କାରଣ ବାସ୍ତବରେ କୌଣସି ପ୍ରକୃତ ଭଗବାନ ନରହିବା ସତ୍ତ୍ୱେ ବି ଏମାନେ ମାନବ କଲ୍ୟାଣ ସକାଶେ ଅସାଧାରଣ ମନନଶୀଳତାର ପରିଚୟ ଦେଇଛନ୍ତି ଏବଂ ନୃଶଂସ ଅତ୍ୟାଚାର ସହ୍ୟ କରି ସଂଗ୍ରାମ କରିଛନ୍ତି। ସେଥିପାଇଁ ତ ସେମାନେ ଆମମାନଙ୍କର ଗଭୀର ଶ୍ରଦ୍ଧାଭାଜନ।

## ବର୍ତ୍ତମାନ ପ୍ରତିକ୍ରିୟାଶୀଳ ପୁଞ୍ଜିପତି ଶ୍ରେଣୀ ଧର୍ମକୁ 'ଅଫିମ' ହିସାବରେ ବ୍ୟବହାର କରୁଛି

ଦାସପ୍ରଭୁମାନେ କ୍ଷିପ୍ତ ହୋଇ ଧର୍ମପ୍ରଚାରକମାନଙ୍କୁ ଆକ୍ରମଣ କରିଛନ୍ତି, ଅନେକଙ୍କୁ ହତ୍ୟା କରିଛନ୍ତି, ଅନେକେ ଅନାହାରରେ ମୃତ୍ୟୁବରଣ କରିଛନ୍ତି। ଇତିହାସର ନିଷ୍ଠୁର ପରିହାସ ହେଉଛି, ପ୍ରଥମ ଯୁଗରେ ବିଭିନ୍ନ ଧର୍ମର ପ୍ରବର୍ତ୍ତକମାନେ ଅନାହାରରେ କାଳାତିପାତ କରିଛନ୍ତି, ତତ୍କାଳୀନ ଶାସକମାନଙ୍କ ନିର୍ମମ ଅତ୍ୟାଚାର ସହ୍ୟ କରିଛନ୍ତି, ସେମାନଙ୍କୁ ହତ୍ୟା ମଧ୍ୟ କରାଯାଇଛି। ମାତ୍ର ଆଜି ଯେଉଁ ଧର୍ମ ପ୍ରଚାରକମାନେ ନିଜକୁ ସେମାନଙ୍କର ପ୍ରତିନିଧି ବୋଲି ଦାବି କରୁଛନ୍ତି, ସେମାନେ କିନ୍ତୁ ବର୍ତ୍ତମାନର ବୃହତ ଶିଳ୍ପପତି ବ୍ୟବସାୟୀମାନଙ୍କ ସାହାଯ୍ୟରେ ଓ ସରକାରୀ ଆନୁକୂଲ୍ୟରେ ବିଶାଳ ବିଶାଳ ମନ୍ଦିର, ମସଜିଦ, ଗିର୍ଜା ନିର୍ମାଣ କରୁଛନ୍ତି ଏବଂ ଅମାପ ସମ୍ପତ୍ତିର ଅଧିକାରୀ ହୋଇ ଭୋଗ ବିଳାସରେ ଜୀବନ ଅତିବାହିତ କରୁଛନ୍ତି। ପ୍ରଥମ ଯୁଗର ଧର୍ମପ୍ରଚାରକମାନେ ତତ୍କାଳୀନ ସମାଜରେ ଏଭଳି କୌଣସି ଅନ୍ୟାୟ ନଥିଲା, ଯାହା ବିରୁଦ୍ଧରେ ଲଢେଇ କରିନାହାନ୍ତି, ଲଢିବାକୁ ଯାଇ ଅସହ୍ୟ ନିର୍ଯାତନା ସହ୍ୟ କରି ନାହାନ୍ତି। ଅଥଚ ଆଜି ସମାଜରେ କେତେ ଅନ୍ୟାୟ-ଅତ୍ୟାଚାର ଘଟି ଯାଉଛି, ଲକ୍ଷ ଲକ୍ଷ ମଣିଷ ଅନାହାରରେ, ବିନା ଚିକିତ୍ସାରେ ମୃତ୍ୟୁବରଣ କରୁଛନ୍ତି, କ୍ଷୁଧା ଜ୍ୱାଳାରେ ଆତ୍ମହତ୍ୟା କରୁଛନ୍ତି, ବେକାରୀ ଛଟେଇର ଦୁଃସହ ଜ୍ୱାଳାରେ ଜର୍ଜରିତ ହେଉଛନ୍ତି, ଶିଶୁକନ୍ୟାଠାରୁ ଆରମ୍ଭକରି ବୃଦ୍ଧା, କେତେ ନାରୀ ଧର୍ଷିତା ହୋଇ ଆର୍ତ୍ତନାଦ କରୁଛନ୍ତି, ଏହା ବିରୁଦ୍ଧରେ କୌଣସି ମନ୍ଦିର, ମସଜିଦ, ଗିର୍ଜା ଅଥବା ଧର୍ମ ପ୍ରଚାରକମାନେ ଏହା ବିରୁଦ୍ଧରେ ଲଢେଇ କରିବା ତ ଦୂରର କଥା, ସାମାନ୍ୟ ପ୍ରତିବାଦ କରୁଛନ୍ତି କି ? ଯୁକ୍ତି ଖାତିରରେ ଭାବି ଦେଖନ୍ତୁ ଆଜି ଯଦି ଯୀଶୁ, ମହମ୍ମଦ, ଚୈତନ୍ୟ, ବିବେକାନନ୍ଦ ଥାନ୍ତେ ସେମାନେ କ'ଣ ଏସବୁ ଦେଖି ଆଖି ବୁଜି ଧର୍ମୀୟ ଆରାଧନାରେ ମଗ୍ନ ଥାନ୍ତେ ନା ଲଢେଇର ଡାକରା ଦେଇଥାନ୍ତେ ! ବରଂ ଯେତେ ଧର୍ମୀୟ ଉନ୍ମାଦନା ବଢୁଛି, ସ୍ୱଘୋଷିତ ଗଡ୍‌ମ୍ୟାନମାନଙ୍କର ଭିଡ ବଢୁଛି, ଧର୍ମୀୟ ପ୍ରତିଷ୍ଠାନ ବଢୁଛି, ଦେଖା ଯାଉଛି ସେତେ ଅନ୍ୟାୟ, ଅଧର୍ମ ମଧ୍ୟ

ବଢୁଛି । ଅପରଦିଗରେ ଯେଉଁ ପୁଞ୍ଜିବାଦ ନବଜାଗରଣ ଯୁଗରେ, ସଂସଦୀୟ ଗଣତନ୍ତ୍ର ପ୍ରତିଷ୍ଠା ଯୁଗରେ ଧର୍ମ ବିରୁଦ୍ଧରେ ଲଢେଇ କରିଥିଲା, ଆଜିର ପ୍ରତିକ୍ରିୟାଶୀଳ ସ୍ତରରେ ପହଞ୍ଚି ସେହି ପୁଞ୍ଜିବାଦ ଅନ୍ଧ ଧର୍ମ ବିଶ୍ୱାସ ମଧ୍ୟରେ ମଣିଷକୁ ନିମଗ୍ନ ରଖିବାକୁ ଚାହୁଁଛି । ସେଦିନ ଧର୍ମ ଥିଲା, ପୁଞ୍ଜିବାଦର ଶତ୍ରୁ, ଆଉ ଆଜି ତାର ପରମ ମିତ୍ର । କାରଣ ଧର୍ମ ମାଧ୍ୟମରେ ଗରିବ ମଣିଷକୁ ଆଜି ବୁଝାଯାଏ, ଦୁଃଖ-ଦୁର୍ଦ୍ଦଶା, ଶୋଷଣ-ଅତ୍ୟାଚାର-ନିପୀଡନ ସବୁ ତ 'ବିଧାତାର ବିଧାନ, କପାଳ ଲିଖନ', 'ଖୁଦା କି ମର୍ଜି ନସିବ କି ଖେଲ' ! 'ପୂର୍ବ ଜନ୍ମର କର୍ମଫଳ', 'ଧନୀ-ଗରିବ ବିଧାତାର ସୃଷ୍ଟି,' 'ଏଜନ୍ମରେ ଦୁଃଖ କଷ୍ଟକୁ ହସ ହସ ମୁହଁରେ ସହ୍ୟ କଲେ ପରଜନ୍ମରେ ସ୍ୱର୍ଗବାସ ହେବ' ଇତ୍ୟାଦି ବହୁ ମିଥ୍ୟା ଓ ଅନ୍ଧବିଶ୍ୱାସ ଦ୍ୱାରା ଗରିବ ଜନସାଧାରଣଙ୍କୁ ବିଭ୍ରାନ୍ତ କରାଯାଏ । ଏଥିସକାଶେ ମାର୍କ୍ସଙ୍କର ଯେଉଁ କଥାଗୁଡିକୁ ପୂର୍ବରୁ କହିଛି, ତାଙ୍କର ଶେଷ କଥା ହେଉଛି, 'ଧର୍ମ ଜନଗଣଙ୍କର ଅଫିମ', ଅର୍ଥାତ ଶୋଷକ ବୁର୍ଜୁଆ ଶ୍ରେଣୀ ପୂର୍ବର ରାଜାମାନଙ୍କ ଭଳି ଧର୍ମକୁ ଅଫିମ ସଦୃଶ ବ୍ୟବହାର କରି ଜନଗଣଙ୍କୁ ଆଚ୍ଛନ୍ନ କରୁଛନ୍ତି । ଆଉ ଗୋଟିଏ କଥା ମଧ୍ୟ ଭାବି ଦେଖନ୍ତୁ, ଆଜି ଯେଉଁସବୁ ସମସ୍ୟା ଜନଜୀବନକୁ ଜର୍ଜରିତ କରୁଛି, ଅର୍ଥାତ କାରଖାନା ବନ୍ଦ ହେଉଛି, ଛଟେଇ ହେଉଛି, ବେକାରୀ ସମସ୍ୟା, ଦରଦାମ୍ ବୃଦ୍ଧି ବିଭିନ୍ନ ଧରଣର ଟ୍ୟାକ୍ସ ବୃଦ୍ଧି, ଶିକ୍ଷା ଓ ଚିକିତ୍ସାର ବ୍ୟୟ ବୃଦ୍ଧି, ଗଣତାନ୍ତ୍ରିକ ଅଧିକାର ହରଣ, ନାରୀ ନିର୍ଯ୍ୟାତନା ଇତ୍ୟାଦି ସମସ୍ୟାକୁ ନେଇ କ'ଣ କୌଣସି ଧର୍ମଶାସ୍ତ୍ରରେ କିଛି ଆଲୋଚନା ଅଛି ? ପୁଞ୍ଜିବାଦ କ'ଣ, ସାମ୍ରାଜ୍ୟବାଦ କ'ଣ, ସମାଜବାଦ କ'ଣ, ସଂସଦୀୟ ଗଣତନ୍ତ୍ର କ'ଣ, କେଉଁ ରାଜନୀତି ଓ କେଉଁ ରାଜନୈତିକ ଦଳକୁ ସମର୍ଥନ କରିବା ଉଚିତ ବା ବିରୋଧିତା କରିବା ଉଚିତ ଇତ୍ୟାଦି ସମ୍ପର୍କରେ କ'ଣ ବେଦ-ଗୀତା-ରାମାୟଣ-ମହାଭାରତ-ବାଇବେଲ-କୋରାନରେ କେଉଁଠି କୌଣସି ନିର୍ଦ୍ଦେଶ ଅଛି ? ନାହିଁ, ରହିବା ସମ୍ଭବ ନୁହେଁ, କାରଣ ସେହି ଯୁଗର ସମାଜରେ ଏହି ସବୁ ସମସ୍ୟା ବା ପ୍ରଶ୍ନ ଆସି ନାହିଁ । ତେଣୁ ଧର୍ମପ୍ରଚାରକମାନଙ୍କ ଭାବନାରେ ମଧ୍ୟ ଏଗୁଡ଼ିକ ଆସି ନାହିଁ । ସେମାନେ ଯାହାକିଛି କହିଛନ୍ତି, ସେହି ଯୁଗର ପରିପ୍ରେକ୍ଷୀରେ ହିଁ କହିଛନ୍ତି । ଏଥିସକାଶେ ଧର୍ମୀୟ ପଥରେ ଆଜି ଜୀବନରେ ସମ୍ମୁଖୀନ ହେଉଥିବା କୌଣସି ସମସ୍ୟାର ସମାଧାନ ନାହିଁ । ବରଂ ଶୋଷକ ବୁର୍ଜୁଆ ଶ୍ରେଣୀ ଧର୍ମୀୟ ଚିନ୍ତାକୁ ସେମାନଙ୍କ ଶୋଷଣ ବ୍ୟବସ୍ଥା ବଜାୟ ରଖିବା ସ୍ୱାର୍ଥରେ ବ୍ୟବହାର କରୁଛି । ତା'ସତ୍ତ୍ୱେ ମଧ୍ୟ ଆମେ ମନେକରୁ, ଯେଉଁମାନେ ଧର୍ମକୁ ନେଇ ବ୍ୟବସାୟ କରନ୍ତି ନାହିଁ, ପୁଞ୍ଜିପତି, ବ୍ୟବସାୟୀ,

କଳାବଜାରୀମାନଙ୍କୁ ତୁଷ୍ଟ ରଖି ସେମାନଙ୍କ ଆର୍ଥିକ ସାହାଯ୍ୟରେ ଧର୍ମୀୟ ପ୍ରତିଷ୍ଠାନ ଚଳାନ୍ତି ନାହିଁ, ସେହିସବୁ ସତ୍ ଧର୍ମବିଶ୍ୱାସୀମାନେ ଆଜି ଅନ୍ୟାୟ ଅତ୍ୟାଚାର ବିରୋଧୀ ଲଢେଇରେ କିଛି ମାତ୍ରାରେ ହେଲେ ବି ସାମିଲ ହେବେ। ଆମେ ଏକଥା ମଧ ମନେକରୁ ଯେ, ଯେତେଦିନ ପର୍ଯ୍ୟନ୍ତ ସାଧାରଣ ମଣିଷକୁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ଅଧିକାରୀ କରା ନଯିବ, ଶୋଷକ ବୁର୍ଜୁଆ ଶ୍ରେଣୀ ଶୋଷଣ ବଳବତ୍ତର ରଖିବା ସକାଶେ ଧର୍ମକୁ ଅଫିମ ସଦୃଶ ବ୍ୟବହାର କରି ଚାଲିଥିବ, ସମାଜରେ ଶାସକ ଓ ଶାସିତର ବିଭେଦ ରହିଯିବ, ଅତ୍ୟାଚାରିତ ମଣିଷ ପାର୍ଥିବ ଜଗତରେ ନ୍ୟାୟ ବିଚାରରୁ ବଞ୍ଚିତ ରହୁଥିବ, ନିଜର ବଞ୍ଚିବା ଭଳି ଜୀବନ ଜିଇଁ ପାରୁନଥିବ, ମୁକ୍ତିର ଯଥାର୍ଥ ପଥ ଖୋଜି ପାଉ ନଥିବ, ସେତେଦିନ ପର୍ଯ୍ୟନ୍ତ ଅସହାୟ ଶୋଷିତ ମଣିଷ 'ପରକାଳରେ ନ୍ୟାୟ ବିଚାର ଆଶାରେ ସତ୍ ମନରେ କଳ୍ପିତ ଭଗବାନଙ୍କ ଚିନ୍ତାକୁ ଜାବୁଡି ଧରିଥିବ।' ତେଣୁ ଆମେ ଅସହାୟ ବିଭ୍ରାନ୍ତ ଜନଗଣଙ୍କ ଧର୍ମୀୟ ଆବେଗକୁ ଆଘାତ ନକରି, ଶ୍ରେଣୀ ସଂଗ୍ରାମ ଓ ଗଣଆନ୍ଦୋଳନରେ ସାମିଲ କରିବା ମଧଦେଇ ସେମାନଙ୍କୁ ଯତ୍ନ ସହକାରେ ଯୁକ୍ତି ଦ୍ୱାରା ସଚେତନ କରୁ।

## ବିବେକାନନ୍ଦଙ୍କ ଆଦର୍ଶ କ'ଣ ଆଜି ମୁକ୍ତିର ପଥ ଦେଖାଇ ପାରିବ

ବର୍ତ୍ତମାନ ବିବେକାନନ୍ଦ, ଗାନ୍ଧିଜୀ ଓ ରବିନ୍ଦ୍ରନାଥଙ୍କ ଦ୍ୱାରା ପ୍ରଚାରିତ ଆଦର୍ଶ ସମ୍ପର୍କରେ ସଂକ୍ଷେପରେ କିଛି କହିବା ପାଇଁ ଚେଷ୍ଟା କରିବି। ଏମାନେ ସମସ୍ତେ ହିଁ ଆମମାନଙ୍କର ଅତ୍ୟନ୍ତ ଶ୍ରଦ୍ଧାଭାଜନ, ସତ୍, ବଡ଼ ମଣିଷ ଓ ମାନବ କଲ୍ୟାଣକାମୀ ଥିଲେ। ମୁଁ ମାର୍କ୍ସବାଦ-ଲେନିନବାଦ ଶିବଦାସ ଘୋଷଙ୍କ ଚିନ୍ତାଧାରାର ଜଣେ ଛାତ୍ର ହିସାବରେ ଯାହା ବୁଝିଛି ତାହା କହୁଛି। ବିବେକାନନ୍ଦଙ୍କ ସମ୍ପର୍କରେ କିଛି କହିବା ପୂର୍ବରୁ ବିବେକାନନ୍ଦଙ୍କ ସମେତ ଏ ଦେଶର ସମସ୍ତ ବଡ ମଣିଷଙ୍କର ଅଶେଷ ଶ୍ରଦ୍ଧାଭାଜନ ଅନ୍ୟ ଜଣେ ମନିଷୀଙ୍କ ସମ୍ପର୍କରେ ଦୁଇ ଚାରିପଦ କଥା କହିବା ଆବଶ୍ୟକ। ସେ ହେଉଛନ୍ତି ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ଯିଏ ସମସ୍ତ ଧର୍ମୀୟ ଶାସ୍ତ୍ର ଅଧୟନ କରି 'ପଣ୍ଡିତ' ଓ 'ବିଦ୍ୟାସାଗର' ଉପାଧି ଅର୍ଜନ କରିଥିଲେ। ସେ ଧର୍ମ ବିଶ୍ୱାସୀ ନୁହଁନ୍ତି ଜାଣି ମଧ ବିବେକାନନ୍ଦଙ୍କ ଗୁରୁ ରାମକୃଷ୍ଣ ପରମହଂସ ତାଙ୍କ ଘରକୁ ଯାଇ ଶ୍ରଦ୍ଧା ଜ୍ଞାପନ କରିଥିଲେ। ବିବେକାନନ୍ଦ ମଧ ବିଦ୍ୟାସାଗରଙ୍କ ପ୍ରତି ଗଭୀର ଶ୍ରଦ୍ଧା ଜ୍ଞାପନ କରିଥିଲେ। ରବିନ୍ଦ୍ରନାଥ ତାଙ୍କ ଚରିତ୍ରକୁ ବିଶ୍ଲେଷଣ କରି କହିଥିଲେ, 'ବିଦ୍ୟା ନୁହେଁ, ଦୟା ନୁହେଁ, ଅଜେୟ ପୌରୁଷ, ଅକ୍ଷୟ ମନୁଷ୍ୟତ୍ୱ।' ଅର୍ଥାତ୍, ବିଦ୍ୟାର ସାଗର ଓ ଦୟାର ସାଗର କହିଲେ ତାଙ୍କୁ ସମ୍ପୂର୍ଣ୍ଣ ବୁଝାଯାଇ ପାରିବ ନାହିଁ, ତାଙ୍କର ପ୍ରକୃତ ବୈଶିଷ୍ଟ୍ୟ ହେଉଛି, 'ଅଜେୟ ପୌରୁଷ,

ଅକ୍ଷୟ ମନୁଷ୍ୟତ୍ୱ' । ଏହି ବିଦ୍ୟାସାଗରଙ୍କ ସମୟରେ ୟୁରୋପରେ ସେତେବେଳେ ନବଜାଗରଣର ଶେଷ ପର୍ଯ୍ୟାୟ ଚାଲୁଥାଏ । ଧର୍ମୀୟ ଚିନ୍ତା ବିରୁଦ୍ଧରେ ସେତେବେଳେ ମଧ୍ୟ ବିଜ୍ଞାନର ଆବିଷ୍କାରକୁ ଭିତ୍ତିକରି ଯାନ୍ତ୍ରିକ ବସ୍ତୁବାଦ, ଅଜ୍ଞେୟବାଦ, ପାର୍ଥିବ ମାନବତାବାଦ ଲଢ଼େଇ କରୁଥିଲା । ଆଉ ଏଦେଶରେ ଇଂରେଜ ଶାସନ ଚାଲୁଥାଏ, ମଧ୍ୟଯୁଗୀୟ ସାମନ୍ତତାନ୍ତ୍ରିକ ଧର୍ମୀୟ ଅତ୍ୟାଚାର-ନିପୀଡନ ଚାଲୁଥାଏ, ଶିଳ୍ପ ପୁଞ୍ଜି ସଦ୍ୟ ଭୂମିଷ୍ଠ ହେଉଛି ବା ହେବାକୁ ଯାଉଛି, ଜାତୀୟ ଚିନ୍ତାର ମଧ୍ୟ କିଛିଟା ସ୍ଫୁରଣ ଘଟୁଥାଏ । ଏହି ପଟ୍ଟଭୂମିରେ ୨୧ ବର୍ଷ ବୟସରେ ଇଂରାଜୀ ଶିଖି ୟୁରୋପୀୟ ଜ୍ଞାନ-ବିଜ୍ଞାନ ସଂସ୍ପର୍ଶରେ ଆସି ଏହି ଶାସ୍ତ୍ରଜ୍ଞ ପଣ୍ଡିତ ୧୮୫୩ ମସିହାରେ ବଳିଷ୍ଠ କଣ୍ଠରେ ଇଂରେଜ ସରକାରକୁ ଜଣେଇଲେ, "କେତେକ କାରଣରୁ ସଂସ୍କୃତ କଲେଜରେ ଆମେ ବେଦାନ୍ତ ଓ ସାଂଖ୍ୟ ପଢ଼ାଇବାକୁ ବାଧ୍ୟ ହେଉଛୁ । ସାଂଖ୍ୟ ଓ ବେଦାନ୍ତ ଯେ ଭ୍ରାନ୍ତ ଦର୍ଶନ, ତାହା ଆଉ ବିତର୍କର ବିଷୟ ନୁହେଁ । ଏହି ଦର୍ଶନଗୁଡ଼ିକ ଯେତେ ଭ୍ରାନ୍ତ ହେଉନା କାହିଁକି, ହିନ୍ଦୁମାନଙ୍କ ମଧ୍ୟରେ ଏହା ପ୍ରତି ଅସୀମ ଶ୍ରଦ୍ଧା ଅଛି । ଯେତେବେଳେ ସଂସ୍କୃତ କୋର୍ସରେ ଏଗୁଡ଼ିକୁ ପଢ଼ାଇବାକୁ ହେଉଛି, ସେତେବେଳେ ଏଗୁଡ଼ିକର (ବେଦାନ୍ତ, ସାଂଖ୍ୟ) ବିରୁଦ୍ଧତା କରିବା ସକାଶେ ଇଂରାଜୀରେ ଯଥାର୍ଥ ଦର୍ଶନ ପଢ଼ାଇବାକୁ ହେବ ଯଦ୍ୱାରା କି ଏଗୁଡ଼ିକ ପ୍ରଭାବର ପ୍ରତିଷେଧକରୂପେ ଏହା କାମ କରିବ ।..... ଆଧୁନିକ ୟୁରୋପର ଜ୍ଞାନର ଆଲୋକ ଯେଉଁଠାରେ ପହଞ୍ଚିଛି ଏବଂ ଯେତିକି ବି ପହଞ୍ଚିଛି, ସେଠାରେ ସେତିକି ଦେଶୀୟ ପ୍ରାଚୀନ ଶାସ୍ତ୍ର ବିଦ୍ୟାର ପ୍ରଭାବ କମିଛି । ଫଳରେ ଏହି ୟୁରୋପୀୟ ଆଧୁନିକ ଶିକ୍ଷାର ପ୍ରସାର ବଢ଼ାଇବାକୁ ହେବ । ....ଏଭଳି ଶିକ୍ଷକ ଆବଶ୍ୟକ ଯେଉଁମାନେ ବଙ୍ଗଳା ଭାଷା କହୁଥିବେ, ଇଂରାଜୀ ଭାଷା ଜାଣିଥିବେ ଏବଂ ଧର୍ମୀୟ ସଂସ୍କାରମୁକ୍ତ ହୋଇଥିବେ । .... ଲେଖାପଢ଼ା ଆଉ କିଛି ଗଣିତ ଶିଖାଇ ଏହି ଶିକ୍ଷା ଶେଷ କରିଦେଲେ ଚଳିବ ନାହିଁ । ଶିକ୍ଷା ସମ୍ପୂର୍ଣ୍ଣ କରିବା ସକାଶେ ଭୂଗୋଳ, ଇତିହାସ, ଜୀବନଚରିତ, ପାଟିଗଣିତ, ଜ୍ୟାମିତି, ପଦାର୍ଥବିଦ୍ୟା, ନୀତିବିଜ୍ଞାନ, ରାଷ୍ଟ୍ର ବିଜ୍ଞାନ ଓ ଶରୀର ତତ୍ତ୍ୱ ପଢ଼ାଇବାକୁ ହେବ ।"[୧୧] ଏକଥା ମଧ୍ୟ ବିଦ୍ୟାସାଗର କହିଥିଲେ । ତତ୍କାଳୀନ ସରକାର ଏହାକୁ ଗ୍ରହଣ କରି ନଥିଲେ । ଅନେକେ ହିଁ ଜାଣନ୍ତି ନାହିଁ ଯେ, ବିଦ୍ୟାସାଗର ଭଗବାନ ବିଶ୍ୱାସ କରୁ ନଥିଲେ, ତାଙ୍କ ଦ୍ୱାରା ଲିଖିତ ପାଠ୍ୟ ପୁସ୍ତକଗୁଡ଼ିକରେ ଈଶ୍ୱରଙ୍କୁ ନେଇ କୌଣସି ଆଲୋଚନା ନଥିବାରୁ ପ୍ରବଳ ସମାଲୋଚନାର ଝଡ ଉଠିଥିଲା ଏବଂ ଇଂରେଜ ସରକାରଙ୍କ ଦ୍ୱାରା ନିଯୁକ୍ତ ପର୍ଯ୍ୟବେକ୍ଷକ ବିଶପ ମାର୍ଡକ ବିଦ୍ୟାସାଗରଙ୍କୁ 'ର୍‍ୟାଙ୍କ ମ୍ୟାଟେରିଆଲିଷ୍ଟ' ଆଖ୍ୟା

ଦେଇଥିଲେ । ପୁଣି ଏହି ବିଦ୍ୟାସାଗରଙ୍କୁ ଶ୍ରଦ୍ଧା ଜଣାଇବା ସକାଶେ ସ୍ୱୟଂ ରାମକୃଷ୍ଣ ତାଙ୍କ ଘରକୁ ଯାଇ ଦକ୍ଷିଣେଶ୍ୱର କାଳିମନ୍ଦିର ପରିଦର୍ଶନ ନିମନ୍ତେ ଆମନ୍ତ୍ରଣ କରିଥିଲେ । ମାତ୍ର ବିଦ୍ୟାସାଗର ଯାଇନଥିଲେ । କାରଣ ମନ୍ଦିର, ଦେବାଦେବୀ, ପୂଜାରେ ସେ ବିଶ୍ୱାସ କରୁନଥିଲେ । ଏସବୁ କଥା ଅନେକେ ହିଁ ଜାଣନ୍ତି ନାହିଁ । ବିଦ୍ୟାସାଗରଙ୍କ ଏହି ଐତିହସିକ ବକ୍ତବ୍ୟର କିଛି ଦଶକ ପରେ ବିବେକାନନ୍ଦଙ୍କର ଅଭ୍ୟୁତ୍ଥାନ ଘଟେ । ସେତେବେଳକୁ ୟୁରୋପ ଓ ଏ ଦେଶର ପରିସ୍ଥିତି ଭିନ୍ନ ରୂପ ନେଇ ସାରିଥାଏ । ୟୁରୋପରେ ସେତେବେଳକୁ ନବଜାଗରଣ ସମାପ୍ତ ହୋଇଛି, ପୁଞ୍ଜିବାଦ ସୃଷ୍ଟ ସଙ୍କଟ ଦେଖା ଦେଇଛି ଏବଂ ଶ୍ରମିକ ବିକ୍ଷୋଭ ଆରମ୍ଭ ହୋଇଛି । ୧୮୭୧ ମସିହାରେ ଫ୍ରାନ୍ସର ଶ୍ରମିକ ଶ୍ରେଣୀ ରକ୍ତାକ୍ତ ବିପ୍ଲବ ସଂଗଠିତ କରି କିଛି ମାସ ପର୍ଯ୍ୟନ୍ତ କ୍ଷମତାରେ ରହିଛି ଏବଂ ସାମ୍ୟ-ମୈତ୍ରୀ-ସ୍ୱାଧୀନତା ବାଣୀର ଉଦ୍‌ଗାତା ଫ୍ରାନ୍ସର ବୁର୍ଜୁଆମାନେ ହଜାର ହଜାର ଶୃଙ୍ଖଳିତ ବନ୍ଦୀ ଶ୍ରମିକଙ୍କୁ ବଦ୍ଧଭୂମିକୁ ନେଇଯାଇ ନିଷ୍ଠୁରଭାବେ ହତ୍ୟା କରିଛନ୍ତି । ସେତେବେଳେ ପୁଞ୍ଜିବାଦ ଏକଚାଟିଆ ପୁଞ୍ଜି ଦିଗରେ ଆଗଉଛି ଏବଂ ଯେଉଁ ବୁର୍ଜୁଆମାନେ ରାଜତନ୍ତ୍ର ବିରୋଧୀ ଲଢେଇରେ ଧର୍ମୀୟ ଭାବଧାରା ବିରୁଦ୍ଧରେ ବୈଜ୍ଞାନିକ ଚିନ୍ତାକୁ ଉତ୍ସାହିତ କରିଥିଲେ, ସେତେବେଳେ ସେହିମାନେ ହିଁ ଶ୍ରମିକ ବିପ୍ଳବରେ ଭୀତ ହୋଇ ଧର୍ମୀୟ ଚିନ୍ତାର ପୁନର୍ଜୀବନ ଘଟାଉଛନ୍ତି । ଉକ୍ତ ପରିବେଶରେ ସଠିକ ପଥର ସନ୍ଧାନ ନପାଇ ଟଲ୍‌ଷ୍ଟୟଙ୍କ ଭଳି ମହାନ ମାନବ ଦରଦୀ କହିଛନ୍ତି, ସମାଜର ସମସ୍ତ ସଙ୍କଟ ସକାଶେ ବିଜ୍ଞାନ ଓ ଶିଳ୍ପ ବିପ୍ଲବ ଦାୟୀ । ତେଣୁ ପୁନର୍ବାର ଧର୍ମୀୟ ଚିନ୍ତା ଆବଶ୍ୟକ, ଅତୀତକୁ ଫେରିଯିବାକୁ ହେବ । ଅନେକାଂଶରେ ରବିନ୍ଦ୍ରନାଥଙ୍କ କବିତା ଭଳି- 'ଦାଓ ଫିରେ ସେଇ ଅରଣ୍ୟ, ଲହ ଏ ନଗର' (ଫେରାଇ ଦିଅ ସେହି ଅରଣ୍ୟ, ନେଇଯାଅ ଏହି ନଗର) । ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ନଥିବା ଯୋଗୁ ଏବଂ ପୁଞ୍ଜିବାଦୀ ଶ୍ରେଣୀ ଶୋଷଣର ଚରିତ୍ରକୁ ନବୁଝି ପାରିବା ଫଳରେ, ଟଲଷ୍ଟୟ ଏଭଳି ଭାବିଥିଲେ । ଏହି ପରିସ୍ଥିତିରେ ୟୁରୋପର ଦଳେ ଧର୍ମବିଶ୍ୱାସୀ ଗୀତା-ବେଦ-ବେଦାନ୍ତ ପ୍ରତି ପ୍ରବଳ ଅନୁରାଗ ପ୍ରକାଶ କରିଛନ୍ତି । ପୁନଶ୍ଚ ସେହି ସମୟରେ ମଧ୍ୟ ଏଦେଶରେ ଖ୍ରୀଷ୍ଟ ଧର୍ମ ପ୍ରଚାରକଗଣ ପ୍ରଚାର ଚଳାଇଥାନ୍ତି, ଭାରତ ଅସଭ୍ୟ ଓ ବର୍ବର ଯୁଗରେ ଥିଲା । ସେମାନେ ହିଁ ୟୁରୋପରୁ ସଭ୍ୟତାର ଆଲୋକ ଆଣିଛନ୍ତି । ଶିକ୍ଷାଭିମାନୀ ଦଳେ ବ୍ରାହ୍ମ ମଧ୍ୟ ସାଧାରଣ ହିନ୍ଦୁମାନଙ୍କୁ ଅସଭ୍ୟ ଗଣ୍ୟ କରି ବିଚ୍ଛିନ୍ନ ସହରବାସୀ ହୋଇଗଲେ । ଆଉ ଇୟଂ ବେଙ୍ଗଲ ଗୋଷ୍ଠୀର ଏକାଂଶ ସେତେବେଳେ ମଧ୍ୟ ଭାବୁଥାନ୍ତି କେଉଁ ପାପ ପାଇଁ ସେମାନେ ଭାରତରେ ଜନ୍ମଗ୍ରହଣ କଲେ, କାହିଁକି

ୟୁରୋପରେ ଜନ୍ମି ପାରିଲେ ନାହିଁ, ଏହି ଅବଶୋଷରୁ ଦେଶୀୟ ୟୁରୋପିଆନ ବନିଗଲେ। ଏମାନେ ଏହିଭଳିଭାବେ ଏଦେଶ ଓ ଦେଶବାସୀଙ୍କୁ ଆଘାତ କରୁଥିଲେ। ଅନ୍ୟପଟରେ ଏ ଦେଶରେ ସେତେବେଳେ ଶିଳ୍ପପୁଞ୍ଜି କୈଶୋର ଅତିକ୍ରମ କରି ଯୌବନରେ ପଦାର୍ପଣ କରିବାକୁ ଯାଉଛି, ଜାତୀୟତାବାଦୀ ଚିନ୍ତାର ଉନ୍ମେଷ ଘଟୁଛି।

## ବିବେକାନନ୍ଦଙ୍କ ସ୍ୱପ୍ନ କାହିଁକି ଅପୂରିତ ରହିଲା

ଏହି ପରିସ୍ଥିତିରେ ସଦ୍ୟ ଜାଗ୍ରତ ଜାତୀୟତାବାଦର ପ୍ରତିନିଧି ହିସାବରେ ବିବେକାନନ୍ଦ ବଳିଷ୍ଠଭାବେ ଠିଆ ହେଲେ। ତାଙ୍କ ମଧ୍ୟଦେଇ ଅପମାନିତ ଜାତୀୟତାବାଦ ଭାରତର ଶ୍ରେଷ୍ଠତ୍ୱ ପ୍ରମାଣରେ ବ୍ରତୀ ହୋଇ ପ୍ରାଚୀନ ଭାରତକୁ ମୁହଁ ଫେରାଇଲା। ସେ ଦର୍ଶାଇଲେ ଯେତେବେଳେ ସମଗ୍ର ୟୁରୋପ ପ୍ରାୟ ଜଙ୍ଗଲରେ ଥିଲା ସେତେବେଳେ ଭାରତରେ ଶକ୍ତିଶାଳୀ ଦର୍ଶନ ବେଦ-ବେଦାନ୍ତର ସାଧନା ଚାଲୁଥିଲା। ଫଳରେ ସେ ଗୋଟିଏ ହାତରେ ବଳିଷ୍ଠ ଜାତୀୟତାବାଦର ପତାକା ଏବଂ ଅନ୍ୟ ହାତରେ ଜରାଜୀର୍ଣ୍ଣ, ଅକାର୍ଯ୍ୟକାରୀ ବେଦାନ୍ତକୁ ଉର୍ଦ୍ଧ୍ୱୋତୋଳିତ କରି କହିଲେ, 'ପଶ୍ଚିମରୁ ନେବାକୁ ହେବ ବିଜ୍ଞାନ, ଆଉ ପଶ୍ଚିମକୁ ଦେବାକୁ ହେବ ବେଦାନ୍ତ।' ସେ ଏହି ଭାବବାଦୀ ଦର୍ଶନ ବେଦାନ୍ତ ଦୃଷ୍ଟିଭଙ୍ଗୀରେ ସମସ୍ତ ପ୍ରଶ୍ନ ଓ ସମସ୍ୟାର ଉତ୍ତର ଖୋଜିଲେ। ସୁତରାଂ ଗୋଟିଏଦିଗରେ ବିଦ୍ୟାସାଗର ଯେଉଁ ବେଦାନ୍ତ ଓ ଅନ୍ୟାନ୍ୟ ଧର୍ମୀୟ ଶାସ୍ତ୍ରଗୁଡ଼ିକୁ ଭ୍ରାନ୍ତ ଦର୍ଶନ ଗଣ୍ୟ କରି, ତାର ପ୍ରଭାବରୁ ଏଦେଶର ମଣିଷର ମନନକୁ ମୁକ୍ତ କରିବା ସକାଶେ ସଂଗ୍ରାମ କରିଥିଲେ, ବିଦ୍ୟାସାଗରଙ୍କ ପ୍ରତି ଅଗାଧ ଶ୍ରଦ୍ଧା ଜ୍ଞାପନ କରି ମଧ୍ୟ ପରବର୍ତ୍ତୀ ସମୟରେ ଭିନ୍ନ ପରିସ୍ଥିତିରେ ବିବେକାନନ୍ଦ ସେହି ବେଦାନ୍ତର ହିଁ ଶ୍ରେଷ୍ଠତ୍ୱ ପ୍ରମାଣର ସଂଗ୍ରାମରେ ଲିପ୍ତ ହେଲେ। ୧୮୯୭ ମସିହାରେ ବେଦାନ୍ତ ଭିତ୍ତିରେ ବିଶ୍ୱର ସୃଷ୍ଟି ସମ୍ପର୍କରେ ବିବେକାନନ୍ଦ କହିଥିଲେ, “Here is the word sristi , which expresses the universe. Mark that the word does not mean creation. I am helpless in talking English. I have to translate the Sanskrit words as best as I can. It is sristi, projection. ...All the forces whether you can call them gravitation or attraction or repulsion, whether expressing themselves as heat or electricity or magnetism are nothing but variations of that unit energy. Whether they express themselves as thought , reflected from Antahkaran, the inner organs of man, or as action from an external organ, the unit from which they spring it what is called the prana. Again what is called Prana? prana is spandana or vibration, When all this universe shall

have resolved back into its primal stage, what becomes of this infinite force? Do they think that it becomes extinct? Of course not. If it became extinct, what would be the cause of the next wave, because motion is going in wave forms rising, falling, rising again, falling again....And what becomes of what you call matter? The forces permeate all matters, which all dissolve into Akash, which is the primal matter. Akash is the primal form of matter. This Akash vibrates under the action of prana; and when the next sristi is becoming up as the vibration becomes quicker, the Akash is lashed into all these forms which we call suns and moons, and systems...Gross matter is the last to emerge and the most external and this gross matter had the finer matter before it. Yet we see that the whole thing has been resolved into two, but there is not yet a final unity. There is the unity of forces prana; there is the unity of matter called Akash. Is there Any unity to be found among them again? can they be melted into one? our modern science is mute here, it has not yet found its way out; and it is doing so, just as it has been slowly finding the same old prana and the same ancient Akash, it will have to move along the same lines. The next unity is the Omnipresent impersonal. Being known by its old mythological name as Brahma, the Four - headed Brahma and psychologically called Mahat. This is where the two unite.... At the end of a cycle, everything becomes finer and finer and is resolved back into primal state from which is sprang, and there it remains for a time, quiescent, ready to spring forth again. That is called sristi, projection.” (“ ‘ସୃଷ୍ଟି’ ଏହି ଶବ୍ଦଟି ବିଶ୍ୱକୁ ବ୍ୟକ୍ତ କରେ । ଲକ୍ଷ୍ୟ କରନ୍ତୁ ଶବ୍ଦଟି କ୍ରିୟେସନକୁ ବୁଝାଏ ନାହିଁ । ଇଂରାଜୀରେ ନ କହି ମୋର ଉପାୟ ନାହିଁ । ମୋ ପକ୍ଷରେ ଯେତିକି ସମ୍ଭବ ସଂସ୍କୃତ ଶବ୍ଦଗୁଡିକର ଅନୁବାଦ କରିବାକୁ ଚେଷ୍ଟା କରିବି । ଏହା ହେଉଛି ‘ସୃଷ୍ଟି’, ବହିଃପ୍ରକ୍ଷେପ (Projection) । ସମସ୍ତ ଶକ୍ତି ହିଁ (ଫୋର୍ସେସ୍) ଯେଉଁଗୁଡ଼ିକୁ ମାଧ୍ୟାକର୍ଷଣ ବା ଆକର୍ଷଣ ଅଥବା ବିକର୍ଷଣ, ଯେଉଁ ନାମରେ କୁହାଯାଉ, ଅଥବା ତାପ, ବିଦ୍ୟୁତ ବା ଚୁମ୍ବକ ଯେଉଁ ଭାବରେ ହିଁ ଏଗୁଡିକ ପ୍ରକାଶିତ ହେଉ ନା କାହିଁକି, ତାହା ସେହି ଏକକ ଶକ୍ତିର ହିଁ ବିଭିନ୍ନ ଧରଣର ପରିପ୍ରକାଶ ବ୍ୟତୀତ ଅନ୍ୟ କିଛି ନୁହେଁ । ମଣିଷର ଅଭ୍ୟନ୍ତରର ଅଙ୍ଗ ‘ଅନ୍ତଃକରଣ’ରୁ ଭାବନା ରୂପରେ ପ୍ରତିଫଳିତ ହେଉ ଅଥବା ବାହାରର ଅଙ୍ଗର କ୍ରିୟା ହେଉ, ସବୁର ଉତ୍ସ ହେଲା ପ୍ରାଣ । ପୁନଶ୍ଚ ପ୍ରାଣ କାହାକୁ କୁହାଯାଏ ? ପ୍ରାଣ ହେଉଛି ସ୍ପନ୍ଦନ ବା କମ୍ପନ (vibration) । ଯେତେବେଳେ ଏହି ସମଗ୍ର ବିଶ୍ୱ ତା’ର ପ୍ରାଥମିକ ସ୍ତରକୁ ଫେରିଯିବ, ସେତେବେଳେ ସେହି ଅସୀମ ଶକ୍ତିର କ’ଣ ହେବ ?

ସେମାନେ କ'ଣ ମନେ କରନ୍ତି, ସେହି ଶକ୍ତି ବିଲୁପ୍ତ ହୋଇଯିବ ? ନିଶ୍ଚିତ ନୁହେଁ। ଯଦି ଏହା ବିଲୁପ୍ତ ହୋଇଯାଏ, ତାହେଲେ ପରବର୍ତ୍ତୀ ପ୍ରବାହର କାରଣ କ'ଣ ହେବ, କାରଣ ଗତି-ପ୍ରବାହ ସଦୃଶ ଘଟୁଛି-ଉଠୁଛି ପଡୁଛି, ପୁଣି ଉଠୁଛି, ପୁଣି ପଡୁଛି। ....ତୁମେମାନେ ଯାହାକୁ ପଦାର୍ଥ କୁହ, ତାର କଣ ହୁଏ ? ଶକ୍ତି ସମୂହ ଯେଉଁସବୁ ପଦାର୍ଥ ମଧ୍ୟରେ ପ୍ରବିଷ୍ଟ ହୁଏ, ସେଇ ପଦାର୍ଥଗୁଡ଼ିକ 'ଆକାଶ'ରେ ବିଲୀନ ହୁଏ ଯାହା ପଦାର୍ଥର ମୂଳ ଉତ୍ସ। 'ଆକାଶ'ହିଁ ହେଉଛି ପଦାର୍ଥର ଆଦି ରୂପ (ପ୍ରାଇମାଲ),ପ୍ରାଣର କ୍ରିୟାରେ ଆକାଶ କମ୍ପିତ ହୁଏ, ଏହି କମ୍ପନ ଦ୍ରୁତତର ହେବାରୁ ପରବର୍ତ୍ତୀ 'ସୃଷ୍ଟି' ଆସିଥାଏ ଏବଂ ଯାହାକୁ ଆମେ ସୂର୍ଯ୍ୟ, ଚନ୍ଦ୍ର ଓ ବ୍ୟବସ୍ଥାସମୂହ (system) କହୁ, ଆକାଶ ପ୍ରବଳ ବେଗରେ ଏସବୁରେ ରୂପାନ୍ତରିତ ହୁଏ (lashed into)..... ପ୍ରଥମେ ପଦାର୍ଥ ସୂକ୍ଷ୍ମତର ଥାଏ, ତାପରେ ସ୍ଥୁଳ ଓ ସ୍ଥୁଳତର ପଦାର୍ଥ ଆବିର୍ଭୂତ ହୁଏ ଏବଂ ଯାହା ସବୁଠାରୁ ବେଶୀ (ଏକ୍ସଟ୍ରିମ୍) ବାହ୍ୟତଃ ପ୍ରକାଶିତ ହୁଏ। ତା'ସତ୍ତ୍ୱେ ବି ଆମେ ଦେଖୁଛୁ, ସବୁକିଛି ଦୁଇଟିରେ ମିଶୁଛି, ତଥାପି କିନ୍ତୁ ଚୂଡାନ୍ତ ଐକ୍ୟ ହେଉ ନାହିଁ। ଶକ୍ତିର ଐକ୍ୟ ହେଉଛି 'ପ୍ରାଣ'ରେ, ପଦାର୍ଥର ଐକ୍ୟ ହେଉଛି 'ଆକାଶ'ରେ, କିନ୍ତୁ ଉଭୟଙ୍କ ମଧ୍ୟରେ କ'ଣ କୌଣସି ଐକ୍ୟ ଦେଖାଯାଏ ? ଉଭୟ କଣ ଗୋଟିଏରେ ମିଶି ପାରନ୍ତି ? ଆଧୁନିକ ବିଜ୍ଞାନ ଏ ବିଷୟରେ ନୀରବ ଏବଂ ଏପର୍ଯ୍ୟନ୍ତ ପଥ ଖୋଜି ପାଇ ନାହିଁ, ଚେଷ୍ଟା ଚାଲିଛି। ଯେପରି ଧୀରେ ଧୀରେ ସେହି ପୁରୁଣା 'ପ୍ରାଣ' ଓ ସେହି ପ୍ରାଚୀନ 'ଆକାଶ'କୁ ସେ ଖୋଜି ପାଇଛି, ସେମିତି ଏହି ପଥରେ ଆଗେଇବାକୁ ହେବ। ପରବର୍ତ୍ତୀ ଐକ୍ୟ ହେଉଛି ସର୍ବତ୍ର ବିରାଜମାନ, ବିମୂର୍ତ୍ତ ସତ୍ତା, ଯାହାକୁ ପୁରା କାହାଣୀରେ 'ବ୍ରହ୍ମ' ନାମରେ ଡକାଯାଏ, ଚାରୋଟି ମଥା ବିଶିଷ୍ଟ 'ବ୍ରହ୍ମ' ଯାହାକୁ ମନସ୍ତାତ୍ତ୍ୱିକ ଦିଗରୁ 'ମହତ' କୁହାଯାଏ। ଏଠାରେ ହିଁ ଉଭୟ (ପ୍ରାଣ ଓ ଆକାଶ) ଐକ୍ୟବଦ୍ଧ ଥାନ୍ତି..... ଗୋଟିଏ ଚକ୍ର ଶେଷରେ (ସାଇକେଲ) ସବୁକିଛି ସୂକ୍ଷ୍ମରୁ ସୂକ୍ଷ୍ମତର ହେଉ ହେଉ ଆଦି ଅବସ୍ଥାକୁ ଫେରିଯାଏ, ସେଠାରେ ପୁନର୍ବାର ଆବିର୍ଭୂତ ହେବା ସକାଶେ କିଛି ସମୟ ସକ୍ରିୟ ଅବସ୍ଥାରେ ଥାଏ। ଏହାକୁ ହିଁ କୁହାଯାଏ ସୃଷ୍ଟି, ବହିଃପ୍ରକ୍ଷେପଣ(ପ୍ରୋଜେକ୍ସନ୍)"।

ଏହି କଥା ଦ୍ୱାରା ବିବେକାନନ୍ଦ ଦର୍ଶାଇଲେ, 'ଚିରନ୍ତନ ବ୍ରହ୍ମ ହିଁ ଏକମାତ୍ର ସତ୍ୟ', ଅନ୍ୟସବୁ କିଛି ତାର ପରିପ୍ରକାଶ ମାତ୍ର। ତାଙ୍କ ମତରେ ଆକାଶ ହେଉଛି ବସ୍ତୁ ଏବଂ ପ୍ରାଣ ହେଉଛି ଏନର୍ଜି, ଉଭୟ ହିଁ ବ୍ରହ୍ମ ବା ମହତରୁ ଉତ୍ପନ୍ନ ହେଉଛି। ପ୍ରାରମ୍ଭିକ ଅବସ୍ଥାରେ ଉଭୟ ସୂକ୍ଷ୍ମ ଥାଆନ୍ତି। ତା ପରେ ପ୍ରାଣ ଆକାଶ ସଂସ୍ପର୍ଶରେ ଆସେ ଏବଂ ସ୍ପନ୍ଦନ ସୃଷ୍ଟି ହୁଏ। ତାପରେ ଆକାଶ ବା ବସ୍ତୁ ବୃହତରୁ ବୃହତ୍ତର

ହେବାକୁ ଲାଗେ। ଏହିଭଳି ଭାବେ ହିଁ ସୂର୍ଯ୍ୟ, ଚନ୍ଦ୍ର ଓ ଅନ୍ୟମାନେ ଆସିଛନ୍ତି। ପୂନର୍ବାର ଆକାଶ ଓ ପ୍ରାଣ ସୂକ୍ଷ୍ମରୁ ସୂକ୍ଷ୍ମତର ହୋଇଚାଲେ ଏବଂ ଶେଷ ପର୍ଯ୍ୟନ୍ତ ବ୍ରହ୍ମରେ ବିଲୀନ ହୋଇଯାଆନ୍ତି। ଏହିଭଳି ଭାବେ ହିଁ ଚକ୍ରାକାରରେ ଘୂରି ଘୂରି ଫେରି ଆସନ୍ତି ଓ ଯାଆନ୍ତି। ସୁତରାଂ ଏହି ଜଗତର ସବୁକିଛି ହିଁ ପୁର୍ବନିର୍ଦ୍ଧାରିତ। ଆକାଶ ଓ ପ୍ରାଣ ବ୍ରହ୍ମରୁ ଉତ୍ପନ୍ନ ହୁଏ, ସୂକ୍ଷ୍ମରୁ ବୃହତ୍ତର ହୁଏ, ପୁନର୍ବାର ସୂକ୍ଷ୍ମ ହୋଇ ବ୍ରହ୍ମରେ ବିଲୀନ ହୋଇଯାଏ, ପୁଣି ଆସେ ଓ ଯାଏ। ଏହି ପ୍ରକ୍ରିୟାର ବାରମ୍ବାର ପୁନରାବୃତ୍ତି ଘଟିଚାଲେ। ଫଳରେ ନୂତନ କିଛି ସୃଷ୍ଟି ହୁଏନା, ଯଦିଓ ସବୁ ସମାନ ନୁହେଁ। ତଥାପି ଏହି ପ୍ରସଙ୍ଗରେ ୟୁରୋପର ଭାବବାଦୀ ଦାର୍ଶନିକ ହେଗେଲଙ୍କ ଚିନ୍ତା ମୁଁ ଉଲ୍ଲେଖ କରିବାକୁ ଚାହେଁ। ହେଗେଲଙ୍କ ଚିନ୍ତା କ'ଣ ଥିଲା, ତାହା ମୁଁ ମହାନ ଏଙ୍ଗେଲ୍ସଙ୍କ ଭାଷାରେ କହୁଛି। ଏଙ୍ଗେଲ୍ସ କହିଛନ୍ତି, "with Hegel.... for what we cognize in the real world is precisely its thought content that which makes the world a gradual realisation of the absolute idea which absolute idea has existed somewhere from eternity, independent of the world and before the world.... According to him , nature as mere alienation of the idea is incapable of development in time, capable only extending its manifoldness in space, so that it displays simultaneously and alongside of the another all the stages of development comprised in it and is condemned to an eternal repeatation of the same process".(13)

ହେଗେଲଙ୍କ ମତ ଅନୁଯାୟୀ ଏହାର ଅର୍ଥ ହେଲା, ଚିରନ୍ତନ ଭାବ (absolute idea) ଅନନ୍ତକାଳରୁ ବିଶ୍ୱ ସୃଷ୍ଟି ପୂର୍ବରୁ ହିଁ ଏବଂ ବିଶ୍ୱ ଠାରୁ ବିଚ୍ଛିନ୍ନ ହୋଇ ସ୍ୱାଧୀନଭାବେ ବିରାଜ କରୁଛି ତଥା ଏହାଠାରୁ ହିଁ ବିଶ୍ୱଜଗତର ସୃଷ୍ଟି। ଏହି ବିଶ୍ୱରେ ନୂତନ କୌଣସି ବିକାଶ ବା ପରିବର୍ତ୍ତନ ହେଉ ନାହିଁ, ପୂର୍ବ ନିର୍ଦ୍ଧାରିତ ଅବସ୍ଥାରେ ଏହି ବିଶ୍ୱ ଏବଂ ବିଶ୍ୱର ସମସ୍ତ କିଛିର ପରିବର୍ତ୍ତନ ଚିରନ୍ତନ ଭାବ ମଧ୍ୟରେ ନିହିତ ଥାଏ, ତାହା ପ୍ରକାଶିତ ହୋଇଚାଲେ ପୁଣି 'ଚିରନ୍ତନ ଭାବ'କୁ ଫେରିଯାଏ। ଏହାର ପୁନରାବୃତ୍ତି ବାରମ୍ବାର ଘଟିଚାଲିଥାଏ। ହେଗେଲଙ୍କ ନିକଟରେ ଯାହା 'ଚିରନ୍ତନ ଭାବ' , ବିବେକାନନ୍ଦଙ୍କ ନିକଟରେ ତାହା ପରମ ବ୍ରହ୍ମ ବା ମହତ। ପାର୍ଥକ୍ୟ ହେଉଛି ବିବେକାନନ୍ଦ କିଛିଟା ସାଂଖ୍ୟ ଦର୍ଶନର 'ପୁରୁଷ' ଓ 'ପ୍ରକୃତି' ଭଳି 'ଆକାଶ' ଓ 'ପ୍ରାଣର' ଚିନ୍ତା କରିଥିଲେ। ପୁନଶ୍ଚ ସେ କହିଥିଲେ 'ମହତ'ରୁ ହିଁ ଉଭୟର ଉତ୍ପତ୍ତି ହୋଇଛି। ବର୍ତ୍ତମାନ ଆପଣମାନେ ବିଚାର କରି ଦେଖନ୍ତୁ, ଆଧୁନିକ ବିଜ୍ଞାନର ନାନା ଯୁଗାନ୍ତକାରୀ ଆବିଷ୍କାରର ଆଲୋକରେ ପ୍ରକୃତି ଜଗତ ସମ୍ପର୍କରେ ବିବେକାନନ୍ଦଙ୍କର ଏହି ବିଶ୍ଳେଷଣକୁ କଣ ଯୁକ୍ତି ଗ୍ରାହ୍ୟ କୁହାଯାଇପାରେ ?

ପଶ୍ଚିମର ସମାଜତାନ୍ତ୍ରିକ ଭାବଧାରା ଦ୍ୱାରା ପ୍ରଭାବିତ ହୋଇ ବିବେକାନନ୍ଦ ମଧ୍ୟ ଭବିଷ୍ୟତରେ ଶୁଦ୍ର ବା ଶ୍ରମିକର ଶାସନ ପ୍ରତିଷ୍ଠା ହେବ ବୋଲି ଧାରଣା ବ୍ୟକ୍ତ କରିଥିଲେ । ସେ ଶ୍ରେଣୀବିଭକ୍ତ ସମାଜକୁ ଦାସପ୍ରଥା, ରାଜତନ୍ତ୍ର, ପୁଞ୍ଜିବାଦ ଏହିଭଳି ଭାବେ ବ୍ୟାଖ୍ୟା ନକରି, ବହୁ କାଳ ଧରି ଭାରତରେ ପ୍ରଚଳିତ ବର୍ଣ୍ଣଭେଦ ଭିତ୍ତିରେ ଚିହ୍ନିତ କରି କହିଥିଲେ – " Human society in turn is governed by the four castes - the priests, the soldiers, the traders and the labourers... last will come the labourers' ( sudra ) rule. Its advantages will be distribution of phyisical comforts- its disadvantages ( perhaps) the lowering culture. There will be great distribution of ordinary culture, but extra-ordinary geniuses will be less and less".(14) ("ମାନବସମାଜ ପର୍ଯ୍ୟାୟକ୍ରମେ ଚାରୋଟି ବର୍ଣ୍ଣ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏବଂ ଶ୍ରମିକ ଦ୍ୱାରା ଶାସିତ ହୋଇଛି .... ସର୍ବଶେଷରେ ଶ୍ରମିକ (ଶୁଦ୍ର)ର ଶାସନ ପ୍ରତିଷ୍ଠା ହେବ । ଏହାର ସୁବିଧାର ଦିଗ ହେବ, ଦୈହିକ ଭୋଗର ବଣ୍ଟନ– ଏହାର ଅସୁବିଧା (ସମ୍ଭବତଃ) ହେବ ସଂସ୍କୃତିର ପତନ । ସାଧାରଣ ସଂସ୍କୃତି ବ୍ୟାପକଭାବେ ପ୍ରଚାରିତ ହେବ କିନ୍ତୁ ଅସାଧାରଣ ପ୍ରତିଭାବାନମାନଙ୍କ ସଂଖ୍ୟା କମିବାକୁ ଲାଗିବ ।") ଶ୍ରମିକ ଶ୍ରେଣୀର ଶାସନ ବା ସମାଜତନ୍ତ୍ର ସମ୍ପର୍କରେ ତାଙ୍କର ଏହି ଧାରଣା ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରେ ସମାଜ ବିକାଶର ନିୟମକୁ ଅନୁଧାବନ କରି ଗଢି ଉଠି ନାହିଁ । ସେହି ସମୟରେ ୟୁରୋପରେ ସମାଜତନ୍ତ୍ର ସମ୍ପର୍କରେ ନାନା କାଳ୍ପନିକ ଧାରଣାର ଚର୍ଚ୍ଚା ଚାଲୁଥିଲା, ତା ଦ୍ୱାରା ହିଁ ସେ ପ୍ରଭାବିତ ହୋଇଥିଲେ । ଲକ୍ଷ୍ୟଣୀୟ  ବିଷୟ, ସେ କହିଛନ୍ତି, ଶ୍ରମିକ ଶାସନରେ ଦୈହିକ ଭୋଗର ବଣ୍ଟନର ସୁବିଧା ହେବା ସତ୍ତ୍ୱେ ବି ସଂସ୍କୃତିର ମାନ ନିମ୍ନଗାମୀ ହେବ ଏବଂ ଅସାଧାରଣ ପ୍ରତିଭାର ବିକାଶ କମିଯିବ । ଏଥିରୁ ବୁଝାପଡେ, ବୁଦ୍ଧିର ଶକ୍ତି ଓ ଶ୍ରମ ଶକ୍ତିର ପାର୍ଥକ୍ୟ ହେଉଛି ଚିରନ୍ତନ, ଏହି ପ୍ରଚଳିତ ଧାରଣା ତାଙ୍କ ମଧ୍ୟରେ ବି କାମ କରିଛି । ତାଙ୍କର କ୍ରିଏସନ୍ ତତ୍ତ୍ୱ ଅନୁଯାୟୀ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୁଦ୍ର ଶାସନ ଚକ୍ର ପରି ବାରମ୍ବାର ଘୁରିଘୁରି ଆସିବ । ଅର୍ଥାତ ଧରି ନେବାକୁ ହେବ, ଆଦିମ ସମାଜ, ଦାସପ୍ରଥା, ସାମନ୍ତତନ୍ତ୍ର, ପୁଞ୍ଜିବାଦ, ସମାଜବାଦ ବାରମ୍ବାର ଘୁରି ଘୁରି ମାନବ ସମାଜକୁ ଫେରିଆସିବ । ତାଙ୍କର ଏହି ଚିନ୍ତା କ'ଣ ଇତିହାସ ସମ୍ମତ ଓ ଗ୍ରହଣଯୋଗ୍ୟ ?

ପୁଣି ଦେଖନ୍ତୁ, ଅଦ୍ୱୈତ ବେଦାନ୍ତରେ ବିଶ୍ୱାସୀ ହେବା ଯୋଗୁ ଜଣେ ଏତେବଡ ମଣିଷଙ୍କ ମଧ୍ୟରେ କି ବିପତ୍ତି ସୃଷ୍ଟି ହେଲା ! ଗୋଟିଏ ଦିଗରେ ଜଣେ

ବିବେକାନନ୍ଦ ଆଧୁନିକ ବିଜ୍ଞାନର ଅଗ୍ରଗତିର ପ୍ରଶଂସା କରି କହୁଛନ୍ତି, "ବ୍ରହ୍ମାଣ୍ଡ ସମ୍ପର୍କରେ ଆଧୁନିକ ଜ୍ୟୋତିର୍ବିଦ ଓ ବୈଜ୍ଞାନିକମାନଙ୍କ ମତବାଦ କ'ଣ, ତାହା ଆମେ ଜାଣୁ। ପୁଣି ଏହା ମଧ୍ୟ ଜାଣୁ ଯେ, ଏହା ପ୍ରାଚୀନ ଧର୍ମତତ୍ତ୍ୱବିଦମାନଙ୍କର କି ପ୍ରକାର କ୍ଷତି କରିଛି, ଯେମିତି ଗୋଟିଏ ଗୋଟିଏ ନୂତନ ନୂତନ ବୈଜ୍ଞାନିକ ଆବିଷ୍କାର ଘଟୁଛି ସେମିତି ସେମାନଙ୍କ ଘର ଉପରେ ଗୋଟିଏ ଗୋଟିଏ କରି ବୋମା ପଡୁଛି।..."(୧୫) ଅନ୍ୟ ଦିଗରେ ଆଉ ଜଣେ ବିବେକାନନ୍ଦ କହୁଛନ୍ତି, "We say Newton discovered Gravitation. was it sitting anywhere in a corner waiting for him! It was in his own mind, the time came and he found it out. All knowledge that the world has ever received comes from the mind. The external world is simply the suggestion, the occasion, which sets you to study your own mind. The falling of an apple gave the suggetions to Newton, and he studied his own mind. He rearranged all the previous links of thought in his mind and discovered a new link among them, which we call the law of gravitation." ("ଆମେ ଯେ କହୁ ନିୟୁଟନ ମାଧ୍ୟାକର୍ଷଣ ତତ୍ତ୍ୱ ଆବିଷ୍କାର କରିଥିଲେ, ସେ କଣ କୌଣସି ଘର କୋଣରେ ବସି ସେଥି ସକାଶେ ଅପେକ୍ଷା କରି ରହିଥିଲେ ? ମାଧ୍ୟାକର୍ଷଣ ତତ୍ତ୍ୱ ତାଙ୍କ ମନ ଭିତରେ ହିଁ ଥିଲା, ଯେତେବେଳେ ସମୟ ଆସିଛି , ସେତେବେଳେ ସେ ତାହା ଦେଖି ପାରିଛନ୍ତି। ଆଜି ପର୍ଯ୍ୟନ୍ତ ବିଶ୍ୱ ଯେତେ ଜ୍ଞାନ ଆହରଣ କରିଛି ସବୁ ହିଁ ମନ ମଧ୍ୟରୁ ଆସିଛି । ତୁମ ମନ ଅଭ୍ୟନ୍ତରରେ ହିଁ ବିଶ୍ୱର ଅନନ୍ତ ଜ୍ଞାନ ଭଣ୍ଡାର ରହିଛି। ବହିଃଜଗତ ହେଉଛି କେବଳ ମାତ୍ର ଭାବନାର ଉପକରଣ (suggestion), ଗୋଟିଏ ଘଟଣା (occasion), ଯାହା ତୁମର ମନକୁ ବିଚାରରେ ନିୟୋଜିତ କରେ। ଆପେଲ ପଡିବାର ଘଟଣା ନିୟୁଟନଙ୍କ ନିକଟକୁ ଭାବନାର ଉପକରଣ ହିସାବରେ ଆସେ ଏବଂ ସେ ନିଜର ମନକୁ ଅଧ୍ୟୟନ କରନ୍ତି। ତାଙ୍କ ମନ ମଧ୍ୟରେ ପୂର୍ବରୁ ଚିନ୍ତାର ଯେଉଁ ଗ୍ରନ୍ଥିଗୁଡିକ ଥିଲା, ସେଗୁଡିକୁ ସେ ପୁନଃଗ୍ରନ୍ଥିତ କରିଛନ୍ତି ଏବଂ ସେଗୁଡିକ ମଧ୍ୟରେ ନୂତନ ସଂପର୍କ ଆବିଷ୍କାର କରିଛନ୍ତି-ଯାହାକୁ ଆମେ ମାଧ୍ୟାକର୍ଷଣ ତତ୍ତ୍ୱ କହୁ"(୧୬)।) ବିବେକାନନ୍ଦଙ୍କର ଏହି ବିଚାରଧାରା ଅନୁଯାୟୀ ଦଶ ହଜାର ବର୍ଷ ପୂର୍ବରୁ ମଧ୍ୟ ଯେ କେହି ମାଧ୍ୟାକର୍ଷଣ ତତ୍ତ୍ୱ ଆବିଷ୍କାର କରି ପାରିଥାନ୍ତେ। ଗ୍ୟାଲିଲିଓ, ନିଉଟନ, ଆଇନଷ୍ଟାଇନ, ପ୍ଲାଙ୍କ, ହାଇଜେନବର୍ଗଙ୍କ ଠାରୁ ଆରମ୍ଭ କରି ଜଗଦିଶଚନ୍ଦ୍ର ବୋଷ-ପ୍ରଫୁଲଚନ୍ଦ୍ର ରାୟ-ସତ୍ୟେନ ବସୁ-ମେଘନାଦ ସାହା-ସି.ଭି. ରମଣଙ୍କ ସମେତ ଅନେକଙ୍କର ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର କିମ୍ବା ଆଧୁନିକ

ଗଣତନ୍ତ୍ରର ଧାରଣା, ମାନବତାବାଦୀ ଚିନ୍ତା, ସଂସଦୀୟ ଗଣତନ୍ତ୍ର ଠାରୁ ଆରମ୍ଭ କରି ସମାଜତନ୍ତ୍ରର ଧାରଣା ସବୁକିଛି ହିଁ ଆଦିମ ସମାଜରେ, ଦାସପ୍ରଥା ଯୁଗରେ ଘଟିପାରିଥାନ୍ତା ବା ସକ୍ରେଟିସ, ପ୍ଲାଟୋ, ଯୀଶୁ, ଶଙ୍କରାଚାର୍ଯ୍ୟ ପ୍ରମୁଖ ଆବିଷ୍କାର କରି ପାରିଥାନ୍ତେ ! କେବଳମାତ୍ର ଆପେଲ ପଡିଲା ଭଳି ଏକ ଉପକରଣ ଦରକାର ହେଉଥିଲା । ଥରେ ଭାବିଦେଖନ୍ତୁ, ଏହା କଣ ବିଜ୍ଞାନସମ୍ମତ ଓ ଯୁକ୍ତିସମ୍ମତ ଚିନ୍ତା ? ଯେହେତୁ ସେ ବିଶ୍ବାସ କରୁଥିଲେ ଆତ୍ମା, ପରମାତ୍ମା ବା ବ୍ରହ୍ମର ଅଂଶ ଯାହା ସମସ୍ତଙ୍କ ମଧ୍ୟରେ ହିଁ ଅବସ୍ଥାନ କରେ, ଆଉ ପରମ ବ୍ରହ୍ମ ହିଁ ପରମ ସତ୍ୟ, ଯାହା ଶାଶ୍ୱତ, ସନାତନ, ଆଦି ଅନନ୍ତ କାଳ ଧରି ଏହି ପରମ ସତ୍ୟ ସମସ୍ତଙ୍କ ମଧ୍ୟରେ ଅବସ୍ଥାନ କରୁଛି, ଫଳରେ ନୂତନ କୌଣସି ସତ୍ୟ ଆବିଷ୍କୃତ ହୋଇପାରେନା । ଚିରନ୍ତନ ସତ୍ୟ ସମସ୍ତଙ୍କ ମନ ମଧ୍ୟରେ ହିଁ ଅବସ୍ଥାନ କରୁଛି । ତେଣୁ ସେ କହିଛନ୍ତି, "knowledge is inherent in man, no knowledge comes from outside, it is all inside. Education is the manifestation of the perfection already in man."(17) ("କୌଣସ ଜ୍ଞାନ ହିଁ ବର୍ହିଃଜଗତରୁ ଆସେ ନାହିଁ, ମଣିଷ ମଧ୍ୟରେ ହିଁ ତାହା ଅନ୍ତର୍ନିହିତ ଥାଏ । ମଣିଷ ଭିତରେ ଇତି ମଧ୍ୟରେ ହିଁ ଯେଉଁ ପରିପୂର୍ଣ୍ଣତା (perfection) ଥାଏ, ଶିକ୍ଷା ହେଉଛି ତାର ପରିପ୍ରକାଶ (manifestation) ମାତ୍ର ।"(୧୭)

ପୁଣି ଦେଖନ୍ତୁ, ଜଣେ ଅସାଧାରଣ ମାନବପ୍ରେମୀ ବିବେକାନନ୍ଦ, କ୍ଷୁଧାର୍ତ୍ତ ମଣିଷର କ୍ରନ୍ଦନରେ ବିଚଳିତ ହୋଇ କୃଦ୍ଧ କଣ୍ଠରେ ଧିକ୍କାର କରି ଧନୀମାନଙ୍କୁ କହୁଛନ୍ତି- "ଲକ୍ଷ ଲକ୍ଷ ଦରିଦ୍ର, ନିଷ୍ପେସିତ ନରନାରୀଙ୍କ ବୁକୁର ରକ୍ତ ଦ୍ୱାରା ଅର୍ଜିତ ଅର୍ଥରେ ଶିକ୍ଷାଲାଭ କରି ଏବଂ ବିଳାସିତାରେ ଆକଣ୍ଠ ନିମଜ୍ଜିତ ରହି ମଧ୍ୟ ଯେଉଁମାନେ ଏହି ଦରିଦ୍ରମାନଙ୍କ କଥା ଚିନ୍ତା କରିବା ପାଇଁ ଥରେ ମାତ୍ର ଅବସର ପାଆନ୍ତି ନାହିଁ, ମୁଁ ସେମାନଙ୍କୁ ବିଶ୍ୱାସଘାତକ କୁହେ । ଯେତେ ଦିନ ଭାରତରେ କୋଟି କୋଟି ମଣିଷ ଅଜ୍ଞାନତାରେ ବୁଡି ରହିଥିବେ, ସେତେଦିନ ସେମାନଙ୍କ ପଇସାରେ ନିଶ୍ଚିତ ଅଥଚ ସେମାନଙ୍କ ଆଡକୁ ଫେରି ଚାହାଁନ୍ତି ନାହିଁ, ଏଧରଣର ପ୍ରତ୍ୟେକ ଲୋକଙ୍କୁ ମୁଁ ଦେଶଦ୍ରୋହୀ ମନେ କରେ ।"(୧୮) ସେ ଆହୁରି ମଧ୍ୟ କହିଛନ୍ତି, "ଭାରତର କୋଟି କୋଟି ଦୁସ୍ଥ ମଣିଷ ତୁଷାର୍ତ୍ତ କଣ୍ଠରେ ଚାହିଁଛନ୍ତି ରୁଟି, ସେମାନେ ଆମଠାରୁ ରୁଟି ଚାହୁଁଛନ୍ତି, ଆଉ ଆମେ ସେମାନଙ୍କୁ ପଥର ଦେଉଛୁ । ଅନାହାରୀ ମଣିଷକୁ ଧର୍ମ ଶିଖାଇବା ବା ଦର୍ଶନଶାସ୍ତ୍ର ବୁଝାଇବା ଅର୍ଥ ସେମାନଙ୍କୁ ଅପମାନିତ କରିବା । ... ଯେତେ ଦିନ ଭାରତବର୍ଷର କୋଡିଏ କୋଟି ଲୋକ କ୍ଷୁଧାର୍ତ୍ତ ପଶୁ ଭଳି

ଜୀବନ ବିତାଉଥିବେ, ସେତେଦିନ ଯେଉଁ ଧନୀ ଲୋକମାନେ ସେମାନଙ୍କୁ ପେଷି ଟଙ୍କା ରୋଜଗାର କରି ଆରାମ ଅୟସରେ ଦିନ ବିତାଉଛନ୍ତି, ଅଥଚ ସେମାନଙ୍କ ପାଇଁ କିଛି କରୁନାହାନ୍ତି, ମୁଁ ସେମାନଙ୍କୁ ହତଭାଗା ପାମର ବୋଲି କୁହେ।"(୧୯) କ୍ଷୁଧାର୍ତ୍ତ ମଣିଷର ଯନ୍ତ୍ରଣାରେ ଅସ୍ଥିର ହୋଇ ଗଭୀର ବେଦନାରେ ସେ ଏହି ଧରଣର ଅନେକ କଥା କହିଛନ୍ତି।

ପୁନଶ୍ଚ ଅଦ୍ୱୈତ ବେଦାନ୍ତରେ ବିଶ୍ୱାସୀ ସେହି ବିବେକାନନ୍ଦ ହିଁ ୧୮୯୭ ମସିହାରେ ଲାହୋର ବକ୍ତୃତାରେ କହିଥିଲେ, "whether you know it or not, through all hands you work, through all feet you move, you are the king enjoying in the palace, you are the beggar leading that miserable existence in the street; you are in the ignorant as well as in the learned, you are in the man who is weak, and you are in the strong; that is why I don't even care whether I have to strave, because there will be millions of mouths eating at the same time, and they are all mine. Therefore I should not care what becomes of me and mine, for the whole universe is mine, I am enjoying all the bliss at the same time.... herein is morality, here, in Adwaita alone, is morality explained." ("ତୁମେ ଜାଣ ବା ନଜାଣ, ଯେତେ ପାଦ ଚାଲୁଛି, ଯେତେ ହାତ କାମ କରୁଛି, ସବୁରି ମଧ୍ୟରେ ହିଁ ତୁମେ ଅଛ; ଯେଉଁ ରାଜା ରାଜପ୍ରାସାଦରେ ବିଳାସରେ ଜୀବନକୁ ଉପଭୋଗ କରୁଛି ତା' ମଧ୍ୟରେ ତୁମେ ଅଛ ପୁଣି ଯେଉଁ ଭିକାରୀ ରାସ୍ତାରେ ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ବି ଅଛି, ତା'ମଧ୍ୟରେ ବି ତୁମେ ଅଛ। ତୁମେ ଶିକ୍ଷିତ ମଧ୍ୟରେ ଅଛ, ପୁଣି ଅଶିକ୍ଷିତ ମଧ୍ୟରେ ବି ଅଛ; ପୁଣି ଯିଏ ଦୁର୍ବଳ ତାଙ୍କ ମଧ୍ୟରେ ବି ଅଛ ଆଉ ଯିଏ ସବଳ ତାଙ୍କ ମଧ୍ୟରେ ବି ଅଛ।.... ଏଥିପାଇଁ ମୋତେ ଯେ କ୍ଷୁଧାର୍ତ୍ତ ଅବସ୍ଥାରେ ରହିବାକୁ ହୁଏ,ସେଥି ନିମିତ୍ତ ମୋର କୌଣସି ଭୃକ୍ଷେପ ନାହିଁ। କାରଣ ମୁଁ ଯେତେବେଳେ କ୍ଷୁଧାର୍ତ୍ତ, ଠିକ୍ ସେତିକି ବେଳେ ସେହି ମୁଁ ହିଁ ଲକ୍ଷ ଲକ୍ଷ ମୁହଁରେ ଖାଦ୍ୟ ଗ୍ରହଣ କରୁଛି। ଏହି ସମସ୍ତଙ୍କର ମୁହଁ ତ ମୋରି ମୁହଁ। କେବଳ ମୋର କଣ ହେଉଛି ତାକୁ ନେଇ ମୋର ଭାବିବା ଉଚିତ ନୁହେଁ। କାରଣ ସମଗ୍ର ବିଶ୍ୱ ହିଁ ହେଉଛି ମୁଁ। ସେହି ସମାନ ସମୟରେ ହିଁ ସମସ୍ତ ଆନନ୍ଦ ମୁଁ ଉପଭୋଗ କରୁଛି। .... ଏହିଠାରେ ହିଁ ରହିଛି ନୈତିକତା। ଏକମାତ୍ର ଅଦୈତ ବେଦାନ୍ତରେ ହିଁ ନୈତିକତା ବ୍ୟାଖ୍ୟା କରା ହୋଇଛି।"(୨୦) ଜଣେ ମାନବଦରଦୀ ବିବେକାନନ୍ଦଙ୍କ ବିରୋଧିତା କରୁଛନ୍ତି ଅଦୈତ ବେଦାନ୍ତରେ ବିଶ୍ୱାସୀ ଅନ୍ୟଜଣେ ବିବେକାନନ୍ଦ। କାରଣ ଅଦୈତ ବେଦାନ୍ତ ଅନୁଯାୟୀ ସେ ବିଶ୍ୱାସ କରନ୍ତି ଏକମାତ୍ର ପରମବ୍ରହ୍ମ ହିଁ ସତ୍ୟ, ସମସ୍ତଙ୍କ

ମଧ୍ୟରେ ହିଁ ସେ ବିରାଜମାନ । ଫଳରେ ରାଜା ଓ ଭିକାରୀ, ଶିକ୍ଷିତ ଓ ଅଶିକ୍ଷିତ, ଦୁର୍ବଳ ଓ ସବଳ, ଭୂରି ଭୋଜନରେ ଲିପ୍ତ ବ୍ୟକ୍ତି ଓ କ୍ଷୁଧାର୍ତ୍ତ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ, କାରଣ ସମସ୍ତେ ହିଁ ଏକ ଓ ଅଦ୍ୱିତୀୟ । ତେଣୁ କାହାର ତ କୌଣସି ସମସ୍ୟା ରହି ପାରେନା । ଅର୍ଥାତ ଜଣେ ଜାତୀୟତାବାଦୀ ମାନବଦରଦୀ ବିବେକାନନ୍ଦ ବାସ୍ତବ ସମାଜର ଶୋଷଣ-ଦାରିଦ୍ର୍ୟ ଦେଖି ସିଂହ ଗର୍ଜନରେ ତାଙ୍କର ପ୍ରତିବାଦୀ କଣ୍ଠସ୍ୱର ତୋଳୁଛନ୍ତି, ପୁଣି ଅଦ୍ୱୈତ ବେଦାନ୍ତ ଦର୍ଶନର ଦୃଷ୍ଟିଭଙ୍ଗୀରେ ଆବଦ୍ଧ ଆଉ ଜଣେ ବିବେକାନନ୍ଦ କହୁଛନ୍ତି, 'ଜଗତ ମିଥ୍ୟା, ବ୍ରହ୍ମ ହିଁ ସତ୍ୟ', ତେଣୁ ବାସ୍ତବରେ ଦୁଃଖ କଷ୍ଟ ବୋଲି କିଛି ନାହିଁ । ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ନଥିବା ଫଳରେ ଏତେବଡ଼ ଜଣେ ମହାନ ବ୍ୟକ୍ତିଙ୍କର କି ଟ୍ରାଜିକ୍ ପରିଣତି ! ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିବେକାନନ୍ଦଙ୍କର ଶ୍ରେଷ୍ଠ ଶିଷ୍ୟା ଭଗିନୀ ନିବେଦିତା ରାମକୃଷ୍ଣ ମିଶନ ସହିତ ସମ୍ପର୍କ ଛିନ୍ନ କରି ଅବିଭକ୍ତ  ବଙ୍ଗ ପ୍ରଦେଶର ବିପ୍ଲବୀ ଆନ୍ଦୋଳନ ସହିତ ଯୁକ୍ତ ହୋଇଥିଲେ । ତାଙ୍କର ପ୍ରିୟ କନିଷ୍ଠ ଭ୍ରାତା ଡ. ଭୂପେନ୍ଦ୍ରନାଥ ଦତ୍ତ, ଯିଏ ବିବେକାନନ୍ଦଙ୍କୁ ଗଭୀର ଶ୍ରଦ୍ଧା କରୁଥିଲେ, ସେ ମଧ୍ୟ ରାମକୃଷ୍ଣ ମିଶନ ସହିତ ଯୁକ୍ତ ନହୋଇ ବିପ୍ଳବୀ ଆନ୍ଦୋଳନରେ ଯୋଗଦେଇଥିଲେ ଏବଂ ପରବର୍ତ୍ତୀକାଳରେ ମାର୍କ୍ସବାଦ ଗ୍ରହଣ କରିଥିଲେ । ସେହି ସମୟର ବିପ୍ଳବୀ ଆନ୍ଦୋଳନର ଅନ୍ୟତମ ନେତା, ବେଙ୍ଗଲ ଭଲେଣ୍ଟିୟରର୍ସର ଅଧିନାୟକ ଶ୍ରଦ୍ଧେୟ ହେମଚନ୍ଦ୍ର ଘୋଷ ତାଙ୍କର ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି ଯେ, ସ୍କୁଲର ସିନିୟର ଛାତ୍ର ହିସାବରେ ସେ ଓ ତାଙ୍କର କେତେଜଣ ବନ୍ଧୁ ସନ୍ୟାସ ଧର୍ମ ଗ୍ରହଣ ସକାଶେ ଦୀକ୍ଷା ନେବା ପାଇଁ ବିବେକାନନ୍ଦଙ୍କ ପାଖକୁ ଯାଇଥିଲେ । ବିବେକାନନ୍ଦ ସେମାନଙ୍କୁ ତିରସ୍କାର କରି କହିଥିଲେ, ପରାଧିନ ଦେଶରେ ଧର୍ମ ଚର୍ଚ୍ଚା ଅର୍ଥ ସନ୍ୟାସୀ ହେବା ନୁହେଁ, ଦେଶର ସ୍ୱାଧିନତା ସକାଶେ ସଂଗ୍ରାମ କରିବା ହିଁ ଏକମାତ୍ର ଧର୍ମ ଚର୍ଚ୍ଚା । ଏହିଭଳି ବହୁ ଯୁବକଙ୍କୁ ବିବେକାନନ୍ଦ ଦେଶାତ୍ମବୋଧରେ ଉଦବୁଦ୍ଧ କରିଥିଲେ । ଏହା ଚିନ୍ତା କରିବା ଅସ୍ୱାଭାବିକ ନୁହେଁ ଯେ, ସେ ଯଦି ଆଉ କିଛି ବର୍ଷ ବଞ୍ଚି ଥାଆନ୍ତେ, ତା'ହେଲେ ସେ ହିଁ ହୁଏତ ବଙ୍ଗ ଭଙ୍ଗ ବିରୋଧୀ ଆନ୍ଦୋଳନର ନେତୃତ୍ୱ ଦେଇଥାନ୍ତେ । ତାଙ୍କର ଦେଶାତ୍ମବୋଧକ ଆହ୍ୱାନ ବହୁ ଯୁବକଙ୍କୁ ଭାରତୀୟ ଜାତୀୟତାବାଦରେ ଅନୁପ୍ରାଣିତ କରିଥିଲା, ପରବର୍ତ୍ତୀକାଳରେ ଯେଉଁମାନେ ହାତରେ ଗୀତା ନେଇ ଶପଥ ଗ୍ରହଣ କରୁଥିଲେ । ଏହିଭଳି ଭାବେ ହିଁ ପୁଣି ଆମ ଦେଶରେ ଧର୍ମଭିତ୍ତିକ ଜାତୀୟତାବାଦ ଗଢି ଉଠେ ଯାହାକୁ ଗାନ୍ଧିଜୀ ଆହୁରି ଶକ୍ତିଶାଳୀ କରିଥିଲେ ଏବଂ ତା ସହିତ ନିଜର ସଶସ୍ତ୍ର ବିପ୍ଳବ ବିରୋଧି ବା 'ଅହିଂସା'ର

ଧାରଣାକୁ ଯୁକ୍ତ କରିଥିଲେ। ଶୁଣାଯାଏ, ଚତୁର୍ଦ୍ଦିଗରେ ବେଦନାଦାୟକ ପରିସ୍ଥିତି ଦେଖି ଏବଂ ତାଙ୍କର ସ୍ୱପ୍ନ ସଫଳ ନହେବା ଯୋଗୁ ମୃତ୍ୟୁ ପୂର୍ବରୁ ବିବେକାନନ୍ଦ ଖୁବ୍ ଦୁଃଖ ପ୍ରକାଶ କରିଥିଲେ। ଏହା ଠିକ୍ ଯେ, ସେ ଯଦି ବିଦ୍ୟାସାଗରଙ୍କ ଚିନ୍ତା ଏବଂ ସଂଗ୍ରାମକୁ ବହନ କରିଥାନ୍ତେ, ତାହେଲେ ଭାରତବର୍ଷ ଅନ୍ୟ ଏକ ବିବେକାନନ୍ଦଙ୍କୁ ପାଇଥାନ୍ତା। ଦେଶର ପରିସ୍ଥିତି ଅନ୍ୟ ପ୍ରକାର ହୋଇଥାନ୍ତା। ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଜ୍ଞାପନ କରି କହୁଛି, ବିବେକାନନ୍ଦଙ୍କ ଏହିଭଳି ଚିନ୍ତା ଦ୍ୱାରା ଦେଶର ବର୍ତ୍ତମାନର ସଙ୍କଟର ସମାଧାନ କ'ଣ ସମ୍ଭବ ?

## ଗାନ୍ଧୀବାଦ କ'ଣ ଆମ ଜୀବନର ସମସ୍ୟା ସମାଧାନର ପଥ ଦେଖାଇ ପାରେ ?

ବର୍ତ୍ତମାନ ଗାନ୍ଧିଜୀଙ୍କ ଚିନ୍ତାଧାରାକୁ ବିଚାର କରି ଦେଖନ୍ତୁ। ଗାନ୍ଧିଜୀ ତାଙ୍କ ଚିନ୍ତା-ଭାବନାର ଉତ୍ସ ସମ୍ପର୍କରେ ନିଜେ ହିଁ କହିଛନ୍ତି, "ମୁଁ ଯାହାକିଛି କହୁଛି ତାହା ହେଉଛି ଈଶ୍ୱରଙ୍କ ବାଣୀ। ଭଗବାନଙ୍କ କଣ୍ଠସ୍ୱର ମୁଁ ଶୁଣିବାକୁ ପାଏ, ଏହି ଦାବୀ ମୋର ନୂତନ ନୁହେଁ। ....ଯେତେବେଳେ ମୁଁ ଏହି କଣ୍ଠସ୍ୱର ଶୁଣୁଛି, ସେତେବେଳେ ମୁଁ ସ୍ୱପ୍ନ ଦେଖୁ ନାହିଁ। ଏହି କଣ୍ଠସ୍ୱର ଶୁଣିବା ପୂର୍ବରୁ ମୋ ମଧ୍ୟରେ ଏକ ଭୟଙ୍କର ସଂଗ୍ରାମ ହୁଏ। ଅକସ୍ମାତ ଏହି କଣ୍ଠସ୍ୱର ମୋ ମଧ୍ୟରେ ଆସେ। ..... ନିଶ୍ଚିତ ହୁଏ ଯେ, ଏହା ସେହି କଣ୍ଠସ୍ୱର। ....ଏହା ମଧ୍ୟ ରାତ୍ରିରେ ୧୧ଟାରୁ ୧୨ଟା ମଧ୍ୟରେ ଘଟେ। ମୁଁ ଆରାମ ଅନୁଭବ କରେ ଏବଂ ଏ ସମ୍ପର୍କରେ ନୋଟ ଲେଖିବା ଆରମ୍ଭ କରେ, ଯାହା ପାଠକମାନେ ଦେଖିଛନ୍ତି। ..... ସଂଶୟବାଦୀମାନଙ୍କୁ ବୁଝାଇ ପାରିଲା ଭଳି ମୋର ଆଉ କୌଣସି ସାକ୍ଷ୍ୟ ନାହିଁ। ..... କିନ୍ତୁ ମୁଁ ଏହା କହି ପାରେ ଯେ, ଯଦି ସମଗ୍ର ବିଶ୍ୱ ସର୍ବସମ୍ମତ ଭାବେ ଏହା ବିରୁଦ୍ଧରେ ରାୟ ଦିଅନ୍ତି ତାହା ହେଲେ ବି ମୁଁ ଯେ ଭଗବାନଙ୍କର କଣ୍ଠସ୍ୱର ଶୁଣିଛି, ମୋର ଏ ବିଶ୍ୱାସରୁ ମୋତେ କେହି ଟଳାଇ ପାରିବେ ନାହିଁ।"[୨୧]

ଦେଖନ୍ତୁ, ବିଂଶ ଶତାବ୍ଦୀରେ ଅନ୍ଧ ଧର୍ମବିଶ୍ୱାସର ବଶବର୍ତ୍ତୀ ହୋଇ ଗାନ୍ଧିଜୀଙ୍କ ପରି ଜଣେ ମହାନ ବ୍ୟକ୍ତି କ'ଣ କହୁଛନ୍ତି ? କାରଣ ସେ ମଧ୍ୟ ବିଶ୍ୱାସ କରୁଥିଲେ, ମାଇଣ୍ଡକୁ ସୁପର ମାଇଣ୍ଡ ପରିଚାଳନା କରେ। ସତ୍ ମନରେ ଆରାଧନା କଲେ ଭଗବାନଙ୍କର ବାଣୀ ଶୁଣିବାକୁ ମିଳେ। ତେଣୁ ଅହିଂସାକୁ ଭଗବାନଙ୍କର ବାଣୀ ଭାବେ ଗଣ୍ୟ କରି ସେ କହିଛନ୍ତି, "ଏପରିକି ମୋତେ ଯଦି ନିଶ୍ଚୟତା ଦିଆଯାଇଥାନ୍ତା ଯେ, ସଶସ୍ତ୍ର ସଂଗ୍ରାମ ପଥରେ ହିଁ ସ୍ୱାଧୀନତା ଆସିବ, ମୁଁ ତାହା ପ୍ରତ୍ୟାଖ୍ୟାନ କରିଥାନ୍ତି। କାରଣ ତାହା ଯଥାର୍ଥ ସ୍ୱାଧୀନତା ହୋଇ ନଥାନ୍ତା"[୨୨]

ଏଥିସକାଶେ ସେ ସୁଭାଷ ଚନ୍ଦ୍ର, ଭଗତ ସିଂଙ୍କ ସଶସ୍ତ୍ର ବିପ୍ଳବବାଦକୁ ବ୍ରିଟିଶ ସାମ୍ରାଜ୍ୟବାଦଠାରୁ ମଧ୍ୟ ବେଶୀ ବିପଦଜନକ ବୋଲି ଗଣ୍ୟ କରି ଚରମ ବିରୋଧିତା କରିଥିଲେ । ସେ ବୈଜ୍ଞାନିକ ବିଚାରଧାରାକୁ ଅଗ୍ରାହ୍ୟ କରିଥିଲେ, ଶ୍ରେଣୀ ବିଭକ୍ତ ସମାଜରେ ବ୍ୟକ୍ତିର ଚିନ୍ତା ଯେ କୌଣସି ନା କୌଣସି ଶ୍ରେଣୀର ଚିନ୍ତା ହେବାକୁ ବାଧ୍ୟ, ଏହାକୁ ମଧ୍ୟ ଅଗ୍ରାହ୍ୟ କରିଥିଲେ । ସତ୍ ମନ ସତ୍ତ୍ୱେ ବି ବୁଝିପାରି ନାହାନ୍ତି ଯେ, ସେହି ସମୟର ସ୍ୱାଧିନତା ଆନ୍ଦୋଳନରେ ଶ୍ରେଣୀ ବିଭକ୍ତ ଭାରତବର୍ଷର ବୁର୍ଜୁଆ ଶ୍ରେଣୀର ଶ୍ରମିକ ବିପ୍ଳବ ଭୀତି ଜନିତ ଶ୍ରେଣୀ ସ୍ୱାର୍ଥରୁ ହିଁ ତାଙ୍କ ମଧ୍ୟରେ ତାଙ୍କ ଅଜ୍ଞାତସାରରେ ଧର୍ମାନ୍ଧତା ଓ ସଶସ୍ତ୍ର ବିପ୍ଳବ ବିରୋଧିତା ଜନ୍ମ ନେଇଛି- ଯାହା କମ୍ରେଡ ଶିବଦାସ ଘୋଷ ପରବର୍ତ୍ତୀ କାଳରେ ଦର୍ଶାଇଥିଲେ । ପୁନଶ୍ଚ ଦେଖନ୍ତୁ, ଭଗବାନଙ୍କର ବାଣୀ ଭାବେ ହିଁ ଗାନ୍ଧିଜୀ କଣ କହିଛନ୍ତି, "ଭଗବାନ ମାଲିକକୁ ବି ସୃଷ୍ଟି କରିଛନ୍ତି, ଶ୍ରମିକମାନଙ୍କୁ ମଧ୍ୟ ସୃଷ୍ଟି କରିଛନ୍ତି । ମାଲିକ ହେଉଛି ବୁଦ୍ଧିର ଶକ୍ତି ଆଉ ଶ୍ରମିକ ହେଉଛି ଶ୍ରମ ଶକ୍ତି ।..... ଧନୀ ପାଖରେ ସମ୍ପତ୍ତି ରହିବ ଯେଉଁଥିରୁ ସେ ତାର ଯୁକ୍ତିସଙ୍ଗତ ଓ ନ୍ୟାୟସଙ୍ଗତ ପ୍ରୟୋଜନ ଅନୁଯାୟୀ ବ୍ୟବହାର କରିବ । ବଳକା ଅଂଶର ଟ୍ରଷ୍ଟିଭାବେ ସମାଜର ପ୍ରୟୋଜନରେ ବ୍ୟବହାର ନିମନ୍ତେ ମାଲିକ ରହିବ । ... ଗୋଟିଏ ଜାତି ବ୍ୟକ୍ତିଗତ ମାଲିକାନା ବ୍ୟତୀତ ନିଜସ୍ୱ ସମ୍ପତ୍ତି ସୃଷ୍ଟି କରିପାରେନା । ତାକୁ କେବଳ ଦେଖିବାକୁ ହୁଏ ଯେପରି ସେହି ସମ୍ପତ୍ତିର ଅପବ୍ୟବହାର ନହୁଏ, ନ୍ୟାୟ ଓ ସଠିକ ପଥରେ ଯେମିତି ତାର ବ୍ୟବହାର ହୁଏ ।..... ପୁଞ୍ଜିପତିମାନଙ୍କ ବିରୁଦ୍ଧରେ ମୋର କୌଣସି ବିଦ୍ୱେଷ ନାହିଁ, ..... ମୁଁ ସେମାନଙ୍କ ହୃଦୟକୁ ଦ୍ରବିଭୂତ କରିବାକୁ ଚାହେଁ, ଯଦ୍ୱାରା ସେମାନେ ସେମାନଙ୍କର କମ ଭାଗ୍ୟବାନ ଭାଇମାନଙ୍କ ପାଇଁ କିଛି ନ୍ୟାୟସଙ୍ଗତ କାମ କରିବେ । ..... ମୁଁ ପୁଞ୍ଜିପତି ଓ ଜମିଦାରମାନଙ୍କୁ ଅହିଂସା ପଥରେ ବଦଳାଇବାକୁ ଚାହେଁ । ତେଣୁ ମୋ ନିକଟରେ ଶ୍ରେଣୀ ସଂଗ୍ରାମର ଅନିବାର୍ଯ୍ୟତା ନାହିଁ.... ଆମର ସମାଜତନ୍ତ୍ର ବା ସାମ୍ୟବାଦ  ଅହିଂସା ଭିତ୍ତିରେ ଏବଂ ମାଲିକ ଓ ଶ୍ରମିକ, ଜମିଦାର ଓ ଖଜଣାଦାନକାରୀମାନଙ୍କ ମଧ୍ୟରେ ସମ୍ପ୍ରତିମୂଳକ ସହଯୋଗୀତା ମଧ୍ୟଦେଇ ଆସିବ ।"(୨୩) ସେ ସମାଜତନ୍ତ୍ର ସମ୍ପର୍କରେ ଏକ ଅଭିନବ ଧାରଣା ବ୍ୟକ୍ତ କରି କହିଥିଲେ – "Socialism is a beautiful word, and so far as I am aware, in socialism all the members of society are equal- none high, non low. In the individual body, the head is not high because it is the top of the  body, nor are the soles of the feet low because they touch the earth. Even as members of the individual body are equal,

so are the members of the society. This is socialism. In it, the prince and the peasants the wealthy and the poor, the employer and the employee are all on the same level."(24) ("ସମାଜତନ୍ତ୍ର ଏକ ସୁନ୍ଦର କଥା ଏବଂ ମୁଁ ଯେତେଦୂର ଜାଣେ ସମାଜତନ୍ତ୍ରରେ ସମାଜର ସମସ୍ତ ସଦସ୍ୟ ହିଁ ସମାନ– କେହି ଉଚ୍ଚରେ ନୁହେଁ ବା କେହି ନୀଚ ନୁହେଁ। ଜଣେ ବ୍ୟକ୍ତିର ଦେହରେ ମସ୍ତିଷ୍କ ଉର୍ଦ୍ଧ୍ୱରେ ଅଛି ବୋଲି ଏହା ଉଚ୍ଚ ନୁହେଁ, ପୁଣି ପାଦ ମାଟିକୁ ସ୍ପର୍ଶ କରେ ବୋଲି ତାହା ନୀଚ ନୁହେଁ। ଦେହର ସମସ୍ତ ଅଙ୍ଗ ଯେମିତି ସମାନ, ସେହିପରି ସମାଜର ସମସ୍ତ ସଦସ୍ୟ ସମାନ। ଏହା ହିଁ ହେଉଛି ସମାଜତନ୍ତ୍ର। ଏହି ବ୍ୟବସ୍ଥାରେ ରାଜପୁତ୍ର ଓ କୃଷକ, ଧନୀ ଓ ଗରିବ, ମାଲିକ ଓ ଶ୍ରମିକ ସମସ୍ତେ ହିଁ ସମାନ ସ୍ତରରେ ଥାନ୍ତି।") ଗାନ୍ଧିଜୀଙ୍କର ଏହି କଳ୍ପିତ ସମାଜତନ୍ତ୍ର ତ ଆଜି ଦେଶରେ ଚାଲିଛି, ଯେଉଁଠି କୋଟିପତି ଓ ଭିକାରୀ, ଧନୀ ଓ ଗରିବ, ମାଲିକ ଓ ଶ୍ରମିକ, ଜମିଦାର ଓ କ୍ଷେତ ମଜଦୁର ସମସ୍ତେ ହିଁ ମାନବ ଦେହର ଅଙ୍ଗପ୍ରତ୍ୟଙ୍ଗ ସଦୃଶ ଗୋଟିଏ ସମାଜର ସଦସ୍ୟ ! ଗାନ୍ଧିଜୀ ସାରା ଜୀବନ ତାଙ୍କର ଏହିସବୁ ଚିନ୍ତାକୁ ଭଗବାନଙ୍କର ବାଣୀ ଭାବେ ବିଶ୍ୱାସ କରି କାମ କରିଯାଇଛନ୍ତି ଏବଂ ଜାତିର କଲ୍ୟାଣ ନାମରେ ନିଜର ଅଜ୍ଞାତସାରରେ ପୁଞ୍ଜିପତିମାନଙ୍କ ସ୍ୱାର୍ଥ ହିଁ ରକ୍ଷା କରିଯାଇଛନ୍ତି। ଆପଣମାନେ ହିଁ ବିଚାର କରି ଦେଖନ୍ତୁ, ଗାନ୍ଧିଜୀଙ୍କ ଆକାଂକ୍ଷିତ ଅହିଂସା ପଥରେ ପୁଞ୍ଜିପତିମାନଙ୍କର 'ହୃଦୟ' କେତେ ଦ୍ରବିଭୂତ ହୋଇଛି, 'ସମ୍ପଦ'ର କେତେ ଅଂଶ ସେମାନେ ନିଜର 'ଯୁକ୍ତିସଙ୍ଗତ ଓ ନ୍ୟାୟସଙ୍ଗତ ପ୍ରୟୋଜନ' ଅନୁଯାୟୀ ବ୍ୟବହାର କରୁଛନ୍ତି ଏବଂ କେତେ 'ବାକି ଅଂଶ' 'କମ୍ ଭାଗ୍ୟବାନ ଭାଇମାନଙ୍କ' ସକାଶେ ପ୍ରକୃତରେ ବ୍ୟବହାର କରୁଛନ୍ତି ! ବର୍ତ୍ତମାନ ବିଚାର କରି ଦେଖନ୍ତୁ ଗାନ୍ଧୀବାଦ ଦ୍ୱାରା ଦେଶରେ ପୁଞ୍ଜିବାଦୀ ଶୋଷଣର ଅବସାନ ହୋଇପାରେ କି ?

## ରବିନ୍ଦ୍ରନାଥଙ୍କ ଭଳି ଜଣେ ବଡ଼ ମଣିଷ ମଧ୍ୟ ଭାବବାଦୀ ଦୃଷ୍ଟିଭଙ୍ଗୀ ପାଇଁ ଅଟକି ଗଲେ

ଭାବବାଦୀ ଦୃଷ୍ଟିଭଙ୍ଗୀ ଓ ଶାଶ୍ୱତ ସତ୍ୟର ଧାରଣାରୁ ମୁକ୍ତ ହୋଇନପାରିବା ଫଳରେ ଆଉ ଜଣେ ବଡ ମଣିଷ ରବିନ୍ଦ୍ରନାଥ ଠାକୁର ବି ଗାନ୍ଧିଜୀଙ୍କ ତୁଳନାରେ ଅଧିକ ରକ୍ଷଣଶୀଳତାରୁ ମୁକ୍ତ, ଉଦାର ଓ ମୁକ୍ତମନା ହେବା ସତ୍ତ୍ୱେ ମଧ୍ୟ ସମସ୍ୟା ସମାଧାନର ପଥ ଦେଖାଇ ପାରିଲେ ନାହିଁ। ମହାନ ମାନବତାବାଦୀ ରବିନ୍ଦ୍ରନାଥ ଶୋଷିତ ମଣିଷଙ୍କ ପ୍ରତି ତୀବ୍ର ବେଦନା ଅନୁଭବ କରି ଲେଖୁଛନ୍ତି, "ଚିରଦିନ ହିଁ ମାନବ ସଭ୍ୟତାରେ ଦଳେ ଅଖ୍ୟାତ ଲୋକ ଥାନ୍ତି। ସେମାନଙ୍କର ସଂଖ୍ୟା ହିଁ ବେଶୀ, ସେହିମାନେ ହିଁ ବାହନ, ସେମାନଙ୍କର ମଣିଷ ହେବା ନିମନ୍ତେ ସମୟ

ନାହିଁ। ଦେଶର ସମ୍ପଦର ଉଚ୍ଛିଷ୍ଟରେ ସେମାନେ ପ୍ରତିପାଳିତ। ସବୁଠାରୁ କମ୍ ଖାଇ, କମ୍ ପିନ୍ଧି, କମ୍ ଶିକ୍ଷା ପାଇ ବାକି ସମସ୍ତଙ୍କର ପରିଚର୍ଚ୍ଚା କରନ୍ତି।..... କଥାରେ କଥାରେ ସେମାନେ ରୋଗରେ ପଡି ମରନ୍ତି, ଉପାସରେ ମରନ୍ତି, ଉପରଓ୍ୱାଲାର ଗୋଇଠା ପ୍ରହାର ଖାଇ ମରନ୍ତି,.... ସବୁଥିରୁ ସେମାନେ ବଞ୍ଚିତ। ସେହିମାନେ ହିଁ ସଭ୍ୟତାର ପିଲିସଜ, ମଥାରେ ପ୍ରଦୀପ ଧରି ଛିଡା ହୋଇ ଥାଆନ୍ତି– ଉପରର ସମସ୍ତେ ହିଁ ଅଲୋକ ପାଆନ୍ତି, ସେମାନଙ୍କ ଶରୀର ଦେଇ ତେଲ ବୋହିଯାଏ।"(୨୫) ଏହି ରବିନ୍ଦ୍ରନାଥ ପୁଣି ଲେଖୁଛନ୍ତି, "ମୁଁ ବହୁ ଦିନ ଏମାନଙ୍କ କଥା ଭାବିଛି। ମନେ ହୋଇଛି, ଏହାର ସମାଧାନର କୌଣସି ଉପାୟ ନାହିଁ। ଦଳେ ତଳ ସ୍ତରରେ ନରହିଲେ ଆଉ ଦଳେ କେବେ ବି ଉପରେ ରହି ପାରିବେ ନାହିଁ। ଅଥଚ ଉପରେ ରହିବାର ଆବଶ୍ୟକତା ଅଛି। ଉପରେ ନରହିଲେ ନିତାନ୍ତ ପାଖରେ ଥିବା ସୀମା ବାହାରେ କିଛି ଦେଖାଯାଏ ନାହିଁ, କେବଳ ମାତ୍ର ଜୀବିକା ନିର୍ବାହ ନିମନ୍ତେ ତ ମଣିଷର ମଣିଷତ୍ୱ ନୁହେଁ। ଏକାନ୍ତ ଜୀବିକାକୁ ଅତିକ୍ରମ କଲା ପରେ ଯାଇ ତାର ସଭ୍ୟତା। ସଭ୍ୟତାର ଶ୍ରେଷ୍ଠ ଫସଲ ଅବକାଶର ହିଁ ଫଳ। ମୁଁ କେବଳ ଭାବୁଛି, ଯେଉଁମାନେ ଖାଲି ନିଜର ଅବସ୍ଥା ଯୋଗୁ ନୁହେଁ, ଶରୀର ଓ ମନର ସ୍ଥିତି ଯୋଗୁ ନୀଚ ସ୍ତରରେ କାମ କରିବାକୁ ବାଧ୍ୟ ଓ ସେହି କାମର ହିଁ ଯୋଗ୍ୟ,ଏମାନଙ୍କ ସକାଶେ ଯଥାସମ୍ଭବ ଶିକ୍ଷା-ସ୍ୱାସ୍ଥ୍ୟ-ସୁଖ-ସୁବିଧାର ଚେଷ୍ଟା କରିବା ଉଚିତ।"(୨୬) ଗାନ୍ଧିଜୀ ଯେମିତି କହିଛନ୍ତି, "ଭଗବାନ ମାଲିକଙ୍କୁ ସୃଷ୍ଟି କରିଛନ୍ତି, ଶ୍ରମିକଙ୍କୁ ମଧ୍ୟ ସୃଷ୍ଟି କରିଛନ୍ତି। ମାଲିକ ହେଉଛି ବୁଦ୍ଧିର ଶକ୍ତି ଆଉ ଶ୍ରମିକ ହେଉଛି ଶ୍ରମ ଶକ୍ତି," ସେହିପରି ରବିନ୍ଦ୍ରନାଥ ମଧ୍ୟ କହିଛନ୍ତି, "ଦଳେ ତଳ ସ୍ତରରେ ନରହିଲେ ଆଉ ଦଳେ ଉପରେ ରହିପାରିବେ ନାହିଁ। ଅଥଚ ଉପରେ ରହିବାର ଆବଶ୍ୟକତା ଅଛି।..... ସଭ୍ୟତାର ଶ୍ରେଷ୍ଠ ଫସଲ ଅବକାଶର ହିଁ ଫଳ। ..... ଯେଉଁମାନେ କେବଳ ଅବସ୍ଥା ଯୋଗୁ ନୁହେଁ, ଶରୀର ଓ ମନର ସ୍ଥିତି ଯୋଗୁ ନୀଚ ସ୍ତରରେ କାମ କରିବାକୁ ବାଧ୍ୟ ଓ ସେହି କାମର ହିଁ ଯୋଗ୍ୟ।..... ଅର୍ଥାତ୍ ଦୁଇ ଜଣ ହିଁ ଏକ ମତ ଯେ ସମାଜରେ ବୁଦ୍ଧିର ଶକ୍ତି ଓ ଶ୍ରମ ଶକ୍ତିର ପାର୍ଥକ୍ୟ ଚିରନ୍ତନ। ଶ୍ରମ ଶକ୍ତି 'ଶାରୀରିକ ଓ ମାନସିକ ସ୍ଥିତି ଯୋଗୁ କାମ କରିବାକୁ ବାଧ୍ୟ ଓ ସେହି କାମର ହିଁ ଯୋଗ୍ୟ।' ବୁଦ୍ଧିର ଶକ୍ତି ନରହିଲେ 'ସମ୍ପଦ' ଓ 'ସଭ୍ୟତାର ଶ୍ରେଷ୍ଠ ଫସଲ' ଫଳିବ ନାହିଁ। ଅନ୍ୟଦିଗରେ ଋଷିଆରେ ମହାନ ଲେନିନ୍ ଓ ଷ୍ଟାଲିନଙ୍କ ନେତୃତ୍ୱରେ ପୁଞ୍ଜିବାଦୀ ବ୍ୟକ୍ତିଗତ ମାଲିକାନା ଉଚ୍ଛେଦ କରି ଶ୍ରମିକ ଶ୍ରେଣୀର ଯେଉଁ ସାମାଜିକ ମାଲିକାନା ପ୍ରତିଷ୍ଠିତ ହୋଇଥିଲା, ୧୯୩୦ ମସିହାରେ ସେହି ସମାଜତାନ୍ତ୍ରିକ ସୋଭିଏତ

ୟୁନିୟନ ପରିଦର୍ଶନ କରି ଉଦାର, ଗଣତାନ୍ତ୍ରିକ ମାନବତାବାଦୀ ରବିନ୍ଦ୍ରନାଥ ମୁଗ୍ଧ ଚିତ୍ତରେ ଲେଖିଛନ୍ତି, "... ଦିନେ ଫରାସୀ ବିଦ୍ରୋହ ଅସାମ୍ୟର ତାଡନାରେ ଘଟିଥିଲା। ... ସେଦିନର ଏହି ବିପ୍ଲବର ସାମ୍ୟ, ମୈତ୍ରୀ, ସ୍ୱାତନ୍ତ୍ର୍ୟ ବାଣୀ ସ୍ୱଦେଶର ସୀମା ପାର ହୋଇ ଧ୍ୱନିତ ହୋଇଥିଲା। ମାତ୍ର ତାହା ତିଷ୍ଠି ପାରି ନଥିଲା। ଏଠାରେ ଏମାନଙ୍କର ବାଣୀ ମଧ୍ୟ ବିଶ୍ୱରୂପୀ। ଆଜି ପୃଥିବୀର ଅନ୍ତତଃ ଏହି ଗୋଟିଏ ଦେଶର ଲୋକ ସାମଜିକ ସ୍ୱାର୍ଥ ଭିତ୍ତିରେ ହିଁ ସମସ୍ତ ମଣିଷର କଥା ଚିନ୍ତା କରୁଛନ୍ତି। ... ଜଗତବ୍ୟାପୀ ଏମାନଙ୍କର ପ୍ରତିକୂଳତା, ସମସ୍ତେ ଏମାନଙ୍କର ବିରୋଧୀ। ... ହଜାର ବର୍ଷ ବିରୁଦ୍ଧରେ ଦଶ-ପନ୍ଦରଟା ବର୍ଷ ଜିତିବ ବୋଲି ପଣ କରିଛନ୍ତି। ଅନ୍ୟ ଦେଶ ତୁଳନାରେ ଏମାନଙ୍କର ଅର୍ଥର ଶକ୍ତି ଅତି ସାମାନ୍ୟ, କିନ୍ତୁ ପ୍ରତିଜ୍ଞାର ଶକ୍ତି ଦୁର୍ଦ୍ଧର୍ଶ। .... ପୃଥିବୀରେ ଯେଉଁଠି ସବୁଠାରୁ ବଡ ଐତିହାସିକ ଯଜ୍ଞର ଅନୁଷ୍ଠାନ ଚାଲିଛି, ନିମନ୍ତ୍ରଣ ପାଇ ସେଠାକୁ ନ ଆସିଥିଲେ ମୋ ପକ୍ଷେ ଅମାର୍ଜନୀୟ ହୋଇଥାନ୍ତା। .... ଆପାତତଃ ଋଷିଆକୁ ଆସିଛି-ନହେଲେ ଏ ଜନ୍ମର ତୀର୍ଥ ଦର୍ଶନ ଅସମାପ୍ତ ରହିଥାନ୍ତା।"[୨୭] ପୁଞ୍ଜିବାଦୀ ବ୍ୟକ୍ତି ମାଲିକାନା ଉଚ୍ଛେଦ କରି ଋଷିଆରେ ପ୍ରତିଷ୍ଠିତ ସମାଜତନ୍ତ୍ର ସମ୍ପର୍କରେ ରବିନ୍ଦ୍ରନାଥ କେତେ ବଡ଼ ଆଶା ବ୍ୟକ୍ତ କରିଥିଲେ ! ଅଥଚ ସେହି ରବିନ୍ଦ୍ରନାଥ ପୁଞ୍ଜିବାଦୀ ବ୍ୟକ୍ତି ମାଲିକାନା ସପକ୍ଷରେ ଲେଖିଛନ୍ତି, "ସମ୍ପତ୍ତି ହେଉଛି ବ୍ୟକ୍ତିର ଆତ୍ମପ୍ରକାଶର ଭାଷା, ବ୍ୟକ୍ତିର ଯଦି ସମ୍ପତ୍ତି ନଥାଏ ଅର୍ଥାତ ବ୍ୟକ୍ତି ହାତରେ ଯଦି ସମ୍ପତ୍ତିର ମାଲିକାନା ନଥାଏ, ତାହେଲେ ବ୍ୟକ୍ତି ଆତ୍ମପ୍ରକାଶ କରିପାରିବ ନାହିଁ।..... ବ୍ୟକ୍ତିର ସମ୍ପତ୍ତି ରହିବ ଅଥଚ ତାର ଭୋଗର ଏକାନ୍ତ ସ୍ୱାତନ୍ତ୍ର୍ୟକୁ ସୀମାବଦ୍ଧ କରି ଦେବାକୁ ହେବ। ସେଇ ସୀମା ବାହାରେ ତାର ଉଦ୍‌ବୃତ୍ତ ଅଂଶ ସର୍ବସାଧାରଣଙ୍କ ସକାଶେ ଛାଡି ଦେବାକୁ ହେବ।"[୨୮]ସୁତରାଂ, ଗାନ୍ଧିଜୀ ଯେପରି ପୁଞ୍ଜିପତିମାନଙ୍କୁ କହିଛନ୍ତି, "ଧନୀ ପାଖରେ ସମ୍ପଦ ରହିବ, ସେମାନେ ସମ୍ପଦ ସୃଷ୍ଟି କରିପାରିବେ.... ନିଜର ଯୁକ୍ତିସଙ୍ଗତ ଓ ନ୍ୟାୟସଙ୍ଗତ ପ୍ରୟୋଜନ ଅନୁସାରେ ଯେତିକି ଆବଶ୍ୟକ ସେତିକି ସମ୍ପଦ ନେବେ,..... ବାକି ଅଂଶ ସମାଜର ପ୍ରୟୋଜନରେ ବ୍ୟବହାର ପାଇଁ ରହିବ," ସେହିପରି ରବିନ୍ଦ୍ରନାଥ ମଧ୍ୟ କହିଛନ୍ତି, "ବ୍ୟକ୍ତିର ସମ୍ପତ୍ତି ରହିବ, ଅଥଚ ତାର ଭୋଗର ଏକାନ୍ତ ସ୍ୱାତନ୍ତ୍ର୍ୟକୁ ସୀମାବଦ୍ଧ କରି ଦେବାକୁ ହେବ। ସେହି ସୀମା ବାହାରେ ତାର ଉଦ୍‌ବୃତ୍ତ ଅଂଶ ସର୍ବସାଧାରଣ ସକାଶେ ଛାଡି ଦେବାକୁ ହେବ।"

ମୁଁ ପୂର୍ବରୁ କହିଛି, ରବିନ୍ଦ୍ରନାଥ ଭାବବାଦୀ ହେବା ସତ୍ତ୍ୱେ ବି ଗାନ୍ଧିଜୀଙ୍କ ତୁଳନାରେ ଅନେକ ଉଦାର ଏବଂ ଯୁକ୍ତିବାଦୀ ଥିଲେ। ମହାନ ମଣିଷ ବୋଲି ତ

ତାଙ୍କର ୮୦ତମ ଜନ୍ମ ଦିନ ଭାଷଣରେ ସେ କହିଥିଲେ, "ନିଭୃତରେ ସାହିତ୍ୟର ରସସମ୍ଭୋଗର ଉପକରଣର ବେଷ୍ଟନୀ ମଧ୍ୟରୁ ଦିନେ ମୋତେ ବାହାରି ଆସିବାକୁ ହୋଇଥିଲା। ସେଦିନ ଭାରତବର୍ଷର ଜନସାଧାରଣଙ୍କ ଯେଉଁ ନିଦାରୁଣ ଦାରିଦ୍ର୍ୟ ମୋ ସମ୍ମୁଖରେ ଉଦ୍‌ଘାଟିତ ହେଲା, ତାହା ହୃଦୟବିଦାରକ (ସଭ୍ୟତାର ସଙ୍କଟ, ଜନ୍ମବାର୍ଷିକୀ ସଂସ୍କରଣ, ଖଣ୍ଡ ୨୭)।" ସେ ମୂଳତଃ– 'Art for art's sake'ର ଗଣ୍ଡି ମଧ୍ୟରେ ରହି ଶେଷ ଜୀବନରେ କଠିନ ବାସ୍ତବତାର ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ସେ 'ପୃଥିବୀ,' 'ଐକ୍ୟତାନ,' 'ଆଫ୍ରିକା,' 'ଓରା କାଜ କରେ' ଆଦି କବିତା ରଚନା କରିଥିଲେ। ସେ 'ଆଫ୍ରିକା' କବିତାରେ ସାମ୍ରାଜ୍ୟବାଦୀ ବ୍ୟବସ୍ଥାକୁ ତୀବ୍ର ଧିକ୍କାର ଜଣାଇଥିଲେ। ପଶ୍ଚିମୀ ସାମ୍ରାଜ୍ୟବାଦୀ ବ୍ୟବସ୍ଥାକୁ ତୀବ୍ର ସମାଲୋଚନା କରି ସୋଭିଏତ ସମାଜତନ୍ତ୍ର ପ୍ରତି ଆଶାବ୍ୟକ୍ତ କରିଥିଲେ। ସାରା ଜୀବନ 'ଅହିଂସା ଆନ୍ଦୋଳନ'ର ସମର୍ଥକ ଥାଇ ମଧ୍ୟ ଶେଷ ଜୀବନରେ ଲେଖିଥିଲେ,

"ନାଗିନୀରା ଚାରିଦିକେ ଫେଲିତେଛେ ବିଷାକ୍ତ ନିଃଶ୍ୱାସ,
ଶାନ୍ତିର ଲଲିତ ବାଣୀ ଶୋନାଇବେ ବ୍ୟର୍ଥ ପରିହାସ।
ବିଦାୟ ନେବାର ଆଗେ ତାଇ,
ଡାକ ଦିୟେ ଯାଇ,
ଦାନବେର ସାଥେ ଯାରା ସଂଗ୍ରାମେର ତରେ
ପ୍ରସ୍ତୁତ ହତେଛେ ଘରେ ଘରେ।"

'ଐକ୍ୟତାନ' କବିତାରେ ଗଭୀର ବେଦନା ସହିତ ରବିନ୍ଦ୍ରନାଥ ନିଜର ସୀମାବଦ୍ଧତା ସମ୍ପର୍କରେ ଅନୁତାପ କରି ଲେଖିଛନ୍ତି,

"ଆମି ପୃଥିବୀର କବି,
ଯେଥା ତାର ଯତ ଉଠେ ଧ୍ୱନି
ଆମାର ବାଁଶୀର ସୁରେ ତାରା ଜାଗିବେ ତଖନି–
ଏଇ ସ୍ୱର ସାଧନାୟ ପୌଁଛିଲ ନା
ବହୁତର ଡାକ, ରୟେ ଗେଛେ ଫାଁକ।.....
ପାଇନେ ସର୍ବତ୍ର ତାର ପ୍ରବେଶେର ଦ୍ୱାର,
ବାଧା ହୟେ ଆଛେ ମୋର୍ ବଡ଼ାଗୁଲି ଜୀବନଯାତ୍ରାର,
ଚାଷୀ ଖେତେ ଚାଲାଇତେଛେ ହାଲ,
ତାଁତି ବସେ ତାଁତ ବୋନେ, ଜେଲେ ଫେଲେ ଜାଲ।
ବହୁଦୂର ପ୍ରସାରିତ ଏଦେର ବିଚିତ୍ର କର୍ମଭାର,
ତାରଇ ପରେ ଭର ଦିୟେ ଚଲିତେଛେ ସମସ୍ତ ସଂସାର।

ଅତି କ୍ଷୁଦ୍ର ଅଂଶେ ତାର ସମ୍ମାନେର ଚିରନିର୍ବାଶନେ
ସମାଜେର ଉଚ୍ଚ ମଞ୍ଚେ ବସେଛି ସଂକୀର୍ଣ୍ଣ ବାତାୟନେ।
ମାଝେ ମାଝେ ଗେଛି ଆମି ଓପାଡ଼ାର ପ୍ରାଙ୍ଗନେର ଧାରେ।
ଭିତରେ ପ୍ରବେଶ କରି ସେ ଶକ୍ତି ଛିଲ ନା ଏକେବାରେ।”

ତାଙ୍କ ଭଳି ଜଣେ ବଡ଼ ମଣିଷ କେତେ ଦୁଃଖରେ ଏହି କଥା ଲେଖିଥିଲେ, ତାହା ବୁଝିହୁଏ। ତାଙ୍କର ଏକ ସୀମାବଦ୍ଧତାକୁ ସେ ବୁଝିଥିଲେ, ତା ହେଉଛି ତାଙ୍କର ବିଭବଶାଳୀ ଅଭିଜାତ ଜୀବନଯାତ୍ରା। କିନ୍ତୁ ଆଉ ଗୋଟିଏ ବିଷୟ ସେ ଧରିପାରି ନାହାନ୍ତି, ତାହା ହେଲା ସତ୍ୟାନୁସନ୍ଧାନ କ୍ଷେତ୍ରରେ, ସମସ୍ୟା ବିଚାର କରିବା କ୍ଷେତ୍ରରେ ତାଙ୍କର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ନଥିବା ଏବଂ ଶ୍ରେଣୀ ବିଭକ୍ତ ସମାଜରେ ପ୍ରତ୍ୟେକ ବ୍ୟକ୍ତିର ଚିନ୍ତାରେ ଯେ ଶ୍ରେଣୀ ଦୃଷ୍ଟିଭଙ୍ଗୀ ଥାଏ, ସେହି ସତ୍ୟ ଧରି ନପାରିବା। ତେଣୁ ବିଚାର କ୍ଷେତ୍ରରେ ଭାବବାଦ, ଶାଶ୍ୱତ ସତ୍ୟର ଧାରଣା ଓ ଐତିହ୍ୟବାଦର ପରିମଣ୍ଡଳ ମଧ୍ୟରେ ସେ ଆବଦ୍ଧ ରହିଗଲେ। ଅସାଧାରଣ ପ୍ରତିଭା ଓ ମାନବଦରଦୀ ମନର ଅଧିକାରୀ ହୋଇ ମଧ୍ୟ ସେ ଏହିଠାରେ ଅଟକି ଗଲେ। ଯାହାଫଳରେ ବିଦ୍ୟାସାଗରଙ୍କ ପ୍ରତି ଅପରିସୀମ ଶ୍ରଦ୍ଧା ଜ୍ଞାପନ କରି ମଧ୍ୟ ବିଦ୍ୟାସାଗରଙ୍କ ମହାନ ଆଦର୍ଶ ଓ ସଂଗ୍ରାମକୁ ରବିନ୍ଦ୍ରନାଥ ତାଙ୍କ ସାହିତ୍ୟରେ ପ୍ରତିଫଳିତ କରିପାରି ନାହାନ୍ତି, ଯାହା ସୁନିପୁଣ ଶିଳ୍ପ ଶୈଳୀରେ ସେହି କାମଟିକୁ ବଳିଷ୍ଠଭାବେ କରିପାରିଛନ୍ତି ବସ୍ତୁବାଦୀ, ପାର୍ଥିବ (ସିକୁଲାର) ମାନବତାବାଦୀ ଓ ଆପୋଷହୀନ ସଂଗ୍ରାମୀ ମହାନ ସାହିତ୍ୟିକ ଶରତଚନ୍ଦ୍ର।

ଯାହା ହେଉ, ଗାନ୍ଧିଜୀଙ୍କ ତୁଳନାରେ ଅନେକ ବେଶୀ ଉଦାର, ମୁକ୍ତମନା ଓ ଯୁକ୍ତିବାଦୀ ହୋଇ ମଧ୍ୟ ରବିନ୍ଦ୍ରନାଥ ‘ନୀତି-ନୈତିକତା’ ପ୍ରଶ୍ନରେ ଗାନ୍ଧିଜୀଙ୍କ ପରି ବୁର୍ଜୁଆ ମାନବତାବଦୀ ଚିନ୍ତାର ପରିମଣ୍ଡଳ ମଧ୍ୟରେ ହିଁ ଶେଷ ପର୍ଯ୍ୟନ୍ତ ରହିଗଲେ। ଇତିପୂର୍ବରୁ ୟୁରୋପର ପାର୍ଥିବ ମାନବତାବାଦୀ ଫିୟୋରବାକ୍ ମଧ୍ୟ ଏହି ସମାନ ଧାରଣା ବ୍ୟକ୍ତ କରି କହିଥିଲେ, “rational self-restraint with regard to ourselves and love again love in our relations with others.” ଏହାର ଅର୍ଥ ହେଲା, ନିଜ କ୍ଷେତ୍ରରେ ରହିବ ଯୁକ୍ତିସଙ୍ଗତ ଆତ୍ମନିୟନ୍ତ୍ରଣ ଏବଂ ଅନ୍ୟମାନଙ୍କ ସହିତ ସମ୍ପର୍କ କ୍ଷେତ୍ରରେ ରହିବ ଭଲପାଇବା, କେବଳ ଭଲପାଇବା। ତାଙ୍କର କଳ୍ପିତ ଏହି ବ୍ୟକ୍ତି କୌଣସି ବିଶେଷ ସମୟର, କୌଣସି ଶ୍ରେଣୀର ଅନ୍ତର୍ଭୁକ୍ତ ନୁହେଁ, ସବୁକିଛି ଉର୍ଦ୍ଧ୍ୱରେ ‘abstract human being’(ବିମୂର୍ତ୍ତ ମାନବ)। ଏହି ଫିୟୋରବାକ ମାନବତାବାଦୀ ନୈତିକତାକୁ ଚିରନ୍ତନ ବୋଲି ମନେ କରିଛନ୍ତି। ଏକ୍ଷେତ୍ରରେ ଏହି ପୁଞ୍ଜିବାଦର ପ୍ରଗତିଶୀଳ ଯୁଗରେ ପାର୍ଥିବ ମାନବତାବାଦୀ

ଫିଯୋରବାକ ଏବଂ ପୁଞ୍ଜିବାଦର ପ୍ରତିକ୍ରିୟାଶୀଳ ଯୁଗରେ ଭାବବାଦୀ ଗାନ୍ଧିଜୀ ଏବଂ ରବିନ୍ଦ୍ରନାଥଙ୍କର ଦୃଷ୍ଟିଭଙ୍ଗୀ ସମାନ ଥିଲା ।

ଏହି ଦୃଷ୍ଟିଭଙ୍ଗୀ ଅନୁଯାୟୀ ବ୍ୟକ୍ତି ମାଲିକାନା ଓ ସମ୍ପତ୍ତି ଅର୍ଜନର ଅଧିକାର ଏବଂ ମାଲିକ ଓ ଶ୍ରମିକ ମଧ୍ୟରେ ପାର୍ଥକ୍ୟ ଶାଶ୍ୱତ, ଅପରିବର୍ତ୍ତନୀୟ ଏବଂ ଯୁକ୍ତିସଙ୍ଗତ । ମାଲିକମାନେ ସମାଜ କଲ୍ୟାଣ ନିମିତ୍ତ ସେମାନଙ୍କ ଉପାର୍ଜନରୁ 'ନ୍ୟାୟସଙ୍ଗତ ପ୍ରାପ୍ୟ' ନେଇ ବାକି ଅଂଶଟିକୁ ସମାଜକୁ ଦାନ କରିବେ । କେଉଁ ମାନଦଣ୍ଡରେ ନିର୍ଦ୍ଧାରିତ ହେବ, କେଉଁଟା ମାଲିକର 'ନ୍ୟାୟସଙ୍ଗତ ପ୍ରାପ୍ୟ' ବା 'ଭୋଗର ଏକାନ୍ତ ସ୍ୱାତନ୍ତ୍ର୍ୟର ସୀମା ?' କୌଣସି ମାଲିକ କଣ କେବେ କହିବ, ସେ ଯେଉଁ ମୁନାଫା ନେଉଛି ତାହା 'ନ୍ୟାୟସଙ୍ଗତ' ନୁହେଁ, ବା ସେ 'ଭୋଗର ଏକାନ୍ତ ସ୍ୱାତନ୍ତ୍ର୍ୟର ସୀମା' ଲଙ୍ଘନ କରୁଛି ? ପୁଞ୍ଜିବାଦୀ ମାଲିକାନା ବ୍ୟବସ୍ଥା ହିଁ ତ ଆଇନ ତିଆରି କରିଛି । ସେଇ ଆଇନ ଅନୁଯାୟୀ ସେମାନେ ଆତ୍ମସାତ କରୁଥିବା ମୁନାଫା ତ ଆଇନସଙ୍ଗତ ଓ ନ୍ୟାୟସଙ୍ଗତ  ହେବ ହିଁ ହେବ । ଆପଣମାନେ ହିଁ ବିବେଚନା କରନ୍ତୁ, ରବିନ୍ଦ୍ରନାଥଙ୍କର ଏହି ଦୃଷ୍ଟିଭଙ୍ଗୀ ଦ୍ୱାରା ବର୍ତ୍ତମାନର ପୁଞ୍ଜିବାଦ ସୃଷ୍ଟ ସଙ୍କଟର ସମାଧାନ କ'ଣ ସମ୍ଭବ ?

## ମାର୍କ୍ସବାଦୀ ଦର୍ଶନ ଆକାଶରୁ ଖସି ନାହିଁ

ଏଥିରୁ ବୁଝାପଡ଼େ, ପୁଞ୍ଜିବାଦୀ ଶୋଷଣ ଉଚ୍ଛେଦର ସଂଗ୍ରାମରେ, ଶୋଷଣ ମୁକ୍ତ ସମାଜତନ୍ତ୍ର ପ୍ରତିଷ୍ଠାର ସଂଗ୍ରାମରେ ମାର୍କ୍ସବାଦର ପ୍ରୟୋଜନ କେତେ ଅପରିହାର୍ଯ୍ୟ ! ମାର୍କ୍ସବାଦୀ ଚିନ୍ତା ଆକାଶରୁ ଖସି ନାହିଁ । ତାହା ମହାନ ମାର୍କ୍ସଙ୍କ କଳ୍ପନାପ୍ରସୂତ ମଧ୍ୟ ନୁହେଁ । ଅତୀତରେ ଦାସପ୍ରଥା ଯୁଗରେ ଅତ୍ୟାଚାରିତ ଦାସମାନଙ୍କ କଲ୍ୟାଣ ପାଇଁ ଯେମିତି ଧର୍ମୀୟ ଚିନ୍ତା ଆସିଥିଲା, ପରବର୍ତ୍ତୀ କାଳରେ ଧର୍ମଭିତ୍ତିକ ରାଜତନ୍ତ୍ର ବିରୁଦ୍ଧରେ ପୁଞ୍ଜିପତି ଓ  ଭୂମିଦାସମାନଙ୍କ ସଂଗ୍ରାମର ପ୍ରୟୋଜନରେ ଯେମିତି ପାର୍ଥିବ ମାନବତାବାଦ, ଯାନ୍ତ୍ରିକ ବସ୍ତୁବାଦ ଓ ଜାତୀୟତାବାଦୀ ଚିନ୍ତା ଆସିଥିଲା, ସେମିତି ପୁଞ୍ଜିବାଦୀ ବ୍ୟବସ୍ଥାରେ ଶୋଷିତ ଶ୍ରମିକ ଶ୍ରେଣୀର ମୁକ୍ତିର ପ୍ରୟୋଜନରେ ଆଧୁନିକ ବିଜ୍ଞାନକୁ ହତିଆର କରି ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ବା ମାର୍କ୍ସବାଦ ଆସିଛି । ଅନ୍ୟାନ୍ୟ ଦାର୍ଶନିକମାନେ ଯେଉଁଠି ସତ୍ୟ ଚିରନ୍ତନ ବୋଲି ମନେକରି ସତ୍ୟ ନିର୍ଦ୍ଧାରଣ କ୍ଷେତ୍ରରେ ନିଜର ମନେ ହେବାକୁ ହିଁ ଚୂଡ଼ାନ୍ତ ବୋଲି ଗଣ୍ୟ କରୁଥିଲେ, ସେଠି ଏକମାତ୍ର ମାର୍କ୍ସ ହିଁ ସତ୍ୟ ନିର୍ଦ୍ଧାରଣ କ୍ଷେତ୍ରରେ ପରୀକ୍ଷିତ ଓ ପ୍ରମାଣିତ ବୈଜ୍ଞାନିକ ବିଚାର ପଦ୍ଧତିକୁ ହିଁ ଗ୍ରହଣ କରିଥିଲେ । ଏହି ବୈଜ୍ଞାନିକ ବିଚାର ପଦ୍ଧତି ଭିତ୍ତିରେ ସେ ଦର୍ଶାଇଲେ, ଦୁନିଆରେ କୌଣସି କିଛି ଶାଶ୍ୱତ ନୁହେଁ, ନିରନ୍ତର ପରିବର୍ତ୍ତନଶୀଳ । ସେ ଦର୍ଶାଇଛନ୍ତି, ସତ୍ୟ ସର୍ବଦା ପରିବର୍ତ୍ତନଶୀଳ, ବିଶେଷ ଓ ଆପେକ୍ଷିକ । ଫିଜିକ୍ସ, କେମିଷ୍ଟ୍ରି, ବାୟୋଲୋଜି ପ୍ରଭୃତି ବିଜ୍ଞାନର

ବିଭିନ୍ନ ଶାଖା ପରୀକ୍ଷା ନିରୀକ୍ଷା ମାଧ୍ୟମରେ ବାରମ୍ବାର ପ୍ରମାଣ କରିଛି ଯେ, ସମଗ୍ର ବିଶ୍ୱ ବସ୍ତୁମୟ, ପ୍ରକୃତି ବର୍ହିଃଭୂତ କୌଣସି ଅତିପ୍ରାକୃତିକ ଶକ୍ତିର ଅସ୍ତିତ୍ୱ ନାହିଁ। ବସ୍ତୁକୁ ସୃଷ୍ଟି କରାଯାଇ ପାରେ ନା, ଧ୍ୱଂସ ମଧ୍ୟ କରାଯାଇ ପାରେନା। ମାସ୍ ଓ ଏନର୍ଜି, ବସ୍ତୁର ଦୁଇ ଧରଣର Form ବା ରୂପ। ଗୋଟିଏ ଅନ୍ୟଟିରେ ରୂପାନ୍ତରିତ ହୁଏ ଏବଂ କରାଯାଏ। ଏହି ବିଶ୍ୱର ଆରମ୍ଭ ବା ଶେଷ ବୋଲି କିଛି ନାହିଁ। ଯେତେବେଳେ କୌଣସି ବିଶେଷ ବସ୍ତୁ ପରିବର୍ତ୍ତନ ମାଧ୍ୟମରେ ନୂତନ ବିଶେଷ ବସ୍ତୁରେ ରୂପାନ୍ତରିତ ହୁଏ, ସେତେବେଳେ ଆପେକ୍ଷିକ ଅର୍ଥରେ ତାର ଆରମ୍ଭ ଅଛି। ପୁନଶ୍ଚ ଯେତେବେଳେ ସେହି ବିଶେଷ ବସ୍ତୁ ପୁନର୍ବାର ସେହି ଏକା ପ୍ରକ୍ରିୟାରେ ଅନ୍ୟ ବସ୍ତୁରେ ରୂପାନ୍ତରିତ ହେଉଛି, ସେତେବେଳେ ଆପେକ୍ଷିକ ଅର୍ଥରେ ତାର ଶେଷ ମଧ୍ୟ ଅଛି। ସର୍ବବୃହତ ଗ୍ରହ ଠାରୁ ଆରମ୍ଭ କରି ସର୍ବାପେକ୍ଷା କ୍ଷୁଦ୍ରତମ ବସ୍ତୁକଣା ପର୍ଯ୍ୟନ୍ତ ସୁନିର୍ଦ୍ଦିଷ୍ଟ ନିୟମରେ ନିରନ୍ତର ଗତିଶୀଳ ଓ ପରିବର୍ତ୍ତନଶୀଳ। ଈଶ୍ୱରଙ୍କ ଅସ୍ତିତ୍ୱର ଧାରଣା ଯେହେତୁ ବିଜ୍ଞାନ ଦ୍ୱାରା ଆବିଷ୍କୃତ ନୁହେଁ, ତାହା କାଳ୍ପନିକ, ସେହି କାରଣରୁ 'ଏକ, ଅଦ୍ୱିତୀୟ, ସର୍ବଶକ୍ତିମାନ ଭଗବାନ'ରେ ବିଶ୍ୱାସୀ ହୋଇ ମଧ୍ୟ ବିଭିନ୍ନ ଧର୍ମର ଈଶ୍ୱର ବିଶ୍ୱାସୀମାନଙ୍କ ମଧ୍ୟରେ ଧର୍ମକୁ ନେଇ ଦ୍ୱନ୍ଦ୍ୱ-ସଂଘାତ, ହଣାକଟା, ରକ୍ତପାତ, ହତ୍ୟାଲୀଳା ଆଦି ଚାଲୁଛି। ମାତ୍ର ବିଜ୍ଞାନର କୌଣସି ଆବିଷ୍କାର ଯେହେତୁ କୌଣସି ବ୍ୟକ୍ତିର ନିଜସ୍ୱ ଧାରଣା ପ୍ରସୂତ ନୁହେଁ, ପରୀକ୍ଷିତ ଓ ପ୍ରମାଣିତ, ସେଥିପାଇଁ ସେହି ଆବିଷ୍କାରକୁ ନେଇ ବୈଜ୍ଞାନିକମାନଙ୍କ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ନଥାଏ। ମାର୍କ୍ସ ବିଶେଷ ବିଜ୍ଞାନଗୁଡିକ ଦ୍ୱାରା ଆବିଷ୍କୃତ ବିଶେଷ ନିୟମ ଗୁଡ଼ିକୁ ଦ୍ୱାନ୍ଦ୍ୱିକ ପଦ୍ଧତିରେ Co-ordinate and Co-relate (ସମନ୍ୱିତ ଓ ସଂଯୋଜିତ) କରି କିଛି ନିର୍ଦ୍ଦିଷ୍ଟ ସାଧାରଣ ନିୟମ ଆବିଷ୍କାର କରିଛନ୍ତି, ଯେଉଁଗୁଡିକ ପ୍ରକୃତି ଜଗତ ଓ ମାନବ ସମାଜର ସମସ୍ତ ପ୍ରକାର ପରିବର୍ତ୍ତନ କ୍ଷେତ୍ରରେ କ୍ରିୟାଶୀଳ, ଫଳରେ ଏହା universal (ସାର୍ବଜନୀନ)। ତେଣୁ ମାର୍କ୍ସବାଦ ଏକ ବୈଜ୍ଞାନିକ ଦର୍ଶନ। ମାର୍କ୍ସବାଦ ଆସିବା ପରେ ସମଗ୍ର ମାନବଜାତି ସତ୍ୟ ନିର୍ଦ୍ଧାରଣ କ୍ଷେତ୍ରରେ ପ୍ରଥମ କରି ଏହି ବୈଜ୍ଞାନିକ ଦର୍ଶନକୁ ହତିଆର ହିସାବରେ ପାଇଲା। ବୈଜ୍ଞାନିକମାନେ ଯେମିତି କୌଣସି ନିୟମ ସୃଷ୍ଟି କରି ନାହାନ୍ତି, ଯେଉଁ ନିୟମ ମଣିଷର ଅଜ୍ଞାତରେ ପ୍ରକୃତି ଜଗତରେ କାମ କରୁଛି, ମଣିଷ ତାହାକୁ ଜାଣି ସଚେତନଭାବେ ଯେମିତି ନିଜର କଲ୍ୟାଣରେ ବ୍ୟବହାର କରିପାରେ, ସେଥିସକାଶେ ଆବିଷ୍କାର କରୁଛି- ମାର୍କ୍ସଙ୍କ ଦ୍ୱାରା ଆବିଷ୍କୃତ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ସାଧାରଣ ନିୟମଗୁଡିକ ମଧ୍ୟ ସେମିତି ପୂର୍ବରୁ ହିଁ ମଣିଷର ଅଜ୍ଞାତସାରରେ ପ୍ରକୃତିଜଗତ ଓ ସମାଜ ଜୀବନରେ କ୍ରିୟାଶୀଳ ଥିଲା। ଏହି ଦ୍ୱନ୍ଦ୍ୱମୂଳକ ବସ୍ତୁବାଦକୁ ପ୍ରୟୋଗ କରି ହିଁ ମାର୍କ୍ସ ଦର୍ଶାଇଲେ, ମାନବ ଇତିହାସର ପରିବର୍ତ୍ତନ ମଧ୍ୟ କୌଣସି ଦୈବ ଶକ୍ତି

ନିର୍ଦ୍ଧାରିତ ବା କାର୍ଯ୍ୟକାରଣ ସମ୍ପର୍କ ବର୍ହିଃଭୂତ ଆକସ୍ମିକ ଏକ ଘଟଣା ନୁହେଁ, ଏହା ମଧ୍ୟ ନିର୍ଦ୍ଦିଷ୍ଟ ବୈଜ୍ଞାନିକ ନିୟମ ଦ୍ୱାରା ନିୟନ୍ତ୍ରିତ । ମାର୍କ୍ସ ଏହି ନିୟମଗୁଡ଼ିକୁ ଆବିଷ୍କାର କରିଛନ୍ତି ଯଦ୍ୱାରା ମଣିଷ ସଚେତନଭାବେ ସମାଜର ଅନ୍ତର୍ନିହିତ ନିୟମର କ୍ରିୟାକୁ ତ୍ୱରାନ୍ୱିତ କରି ସମାଜ ପରିବର୍ତ୍ତନ ଘଟାଇ ପାରେ ।

ମାର୍କ୍ସ ଦର୍ଶାଇଲେ, ଏହି ନିୟମ ଅନୁସରଣ କରି ହିଁ ଆଦିମ ସମାଜ ଆସିଛି ଯେଉଁଠି ଧନୀ ଓ ଗରିବର ଭେଦଭାବ ନଥିଲା । ସ୍ଥାୟୀ ସମ୍ପତ୍ତି ଆସିବାପରେ ମାଲିକାନାକୁ ଭିତ୍ତିକରି ପ୍ରଥମ ଶ୍ରେଣୀ ବିଭକ୍ତ ସମାଜ ଦାସପ୍ରଥା ଆସିଲା, ପରବର୍ତ୍ତୀକାଳରେ ରାଜତନ୍ତ୍ର, ତାପରେ ପୁଞ୍ଜିବାଦ ଆସିଛି । ଏକା ନିୟମରେ ସମାଜତନ୍ତ୍ର ଏବଂ ପରବର୍ତ୍ତୀକାଳରେ ଆହୁରି ବିକାଶର ପଥରେ ସାମ୍ୟବାଦ ଆସିବ । ତାପରେ ଆହୁରି ଉନ୍ନତତର ସମାଜ ଆସୁଥିବ । ପ୍ରକୃତିଜଗତରେ ନିୟମ ଚେତନା ନିରପେକ୍ଷଭାବେ କ୍ରିୟା କରେ, ମାନବ ସମାଜରେ ମଣିଷର ଚେତନା ସଚେତନଭାବେ ଏହି ନିୟମର କ୍ରିୟାକୁ ତ୍ୱରାନ୍ୱିତ କରିପାରେ, ପୁଣି ବାଧା ଆସିଲେ ବିଳମ୍ବିତ ମଧ୍ୟ କରାଇପାରେ । ସେ ଦର୍ଶାଇଛନ୍ତି, ଦାସପ୍ରଥା ଯୁଗରେ ସମାଜ ଶ୍ରେଣୀବିଭକ୍ତ ହେବାପରେ ଏ ପର୍ଯ୍ୟନ୍ତ ସମାଜରେ ଯେତେ ପରିବର୍ତ୍ତନ ଘଟିଛି, ତାହା ଶ୍ରେଣୀ ସଂଗ୍ରାମର ଭିତ୍ତିରେ ହିଁ ଘଟିଛି । କ୍ଷମତାସିନ ଶୋଷକ ଶ୍ରେଣୀ ସମାଜ ପରିବର୍ତ୍ତନକୁ ଅଟକାଇବାକୁ ଚାହିଁଛି ବୋଲି ପ୍ରତିକ୍ରିୟାଶୀଳ, ଆଉ ଶୋଷିତ ଶ୍ରେଣୀ ସମାଜ ପରିବର୍ତ୍ତନ ପାଇଁ ସଂଗ୍ରାମ କରିଛି ବୋଲି ପ୍ରଗତିଶୀଳ । ଏହିଭଳି ଭାବେ ଦାସମାନେ ଦାସପ୍ରଥାକୁ ଉଚ୍ଛେଦ କରିଛନ୍ତି, ପରେ ପୁଞ୍ଜିପତିମାନେ ଭୂମିଦାସମାନଙ୍କୁ ସଂଗଠିତ କରି ରାଜତନ୍ତ୍ରକୁ ଉଚ୍ଛେଦ କରିଛନ୍ତି,ଏହିଭଳିଭାବେ ଶ୍ରମିକଶ୍ରେଣୀ ମଧ୍ୟ ପୁଞ୍ଜିବାଦକୁ ଉଚ୍ଛେଦ କରିବ । ଦାସମାନଙ୍କର ଆଦର୍ଶଗତ ହତିଆର ଥିଲା ତତ୍‌କାଳୀନ ଧର୍ମୀୟ ଚିନ୍ତା, ପୁଞ୍ଜିପତି ଶ୍ରେଣୀର ଆଦର୍ଶଗତ ହତିଆର ଥିଲା ପାର୍ଥିବ ବା ଧର୍ମୀୟ ପ୍ରଭାବମୁକ୍ତ ମାନବତାବାଦ, ଯାନ୍ତ୍ରିକ ବସ୍ତୁବାଦ । ସେମିତି ଶ୍ରମିକମାନଙ୍କ ଆଦର୍ଶଗତ ହତିଆର ହେଉଛି ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ । ଏହି ଦ୍ୱନ୍ଦ୍ୱମୂଳକ ବସ୍ତୁବାଦକୁ ପ୍ରୟୋଗ କରି ମାର୍କ୍ସ ଦର୍ଶାଇଛନ୍ତି, ସମସ୍ତ ସମ୍ପଦ ଏପରିକି ପୁଞ୍ଜିର ସ୍ରଷ୍ଟା ମଧ୍ୟ ମଣିଷର ଦୈହିକ ଓ ମାନସିକ ଶ୍ରମଶକ୍ତି, ପୁଞ୍ଜିପତିମାନେ ନୁହଁନ୍ତି । ମାତ୍ର ପୁଞ୍ଜିବାଦୀ ବ୍ୟବସ୍ଥାରେ ଶ୍ରମଶକ୍ତି ହେଉଛି ସାମାଜିକ, ପଣ୍ୟର ଚରିତ୍ର ବି ସାମାଜିକ ହେବା ସତ୍ତ୍ୱେ ମଧ୍ୟ ଉତ୍ପାଦନ ଯନ୍ତ୍ରର ମାଲିକାନା ହେଉଛି ବ୍ୟକ୍ତିଗତ ଏବଂ ଉତ୍ପାଦନ ମଧ୍ୟ ବ୍ୟକ୍ତିଗତ ମାଲିକର ଲାଭ ଅର୍ଜନ ସ୍ୱାର୍ଥରେ କରାଯାଏ । ସେ ଆହୁରି ମଧ୍ୟ ଦର୍ଶାଇଛନ୍ତି, ଶ୍ରମିକକୁ ତାର ପ୍ରାପ୍ୟ ନ୍ୟାଯ୍ୟ ମଜୁରିରୁ ବଞ୍ଚିତ କରି ମାଲିକ ମୁନାଫା ଅର୍ଜନ କରେ । ଅନ୍ୟଦିଗରେ ବଜାରର ଅଧିକାଂଶ କ୍ରେତା ହେଲେ ଏହି ଶୋଷିତ ଜନଗଣ । କିନ୍ତୁ ନ୍ୟାଯ୍ୟ ମଜୁରିରୁ ବଞ୍ଚିତ ଶ୍ରମିକମାନଙ୍କର କ୍ରୟ କ୍ଷମତା କମ୍ ଥିବା କାରଣରୁ

ଅନିବାର୍ଯ୍ୟଭାବେ ବଜାର ସଙ୍କଟ ସୃଷ୍ଟି ହୁଏ। ଫଳରେ କ୍ଲୋଜର, ଛଟେଇ, ବେକାରୀ ସମସ୍ୟା ବୃଦ୍ଧି ପାଏ। ଅଧିକ ଲାଭ ଅର୍ଜନର ପ୍ରତିଯୋଗିତା ଫଳରେ ଅଧିକ ଶ୍ରମିକ ଶୋଷଣ ଚାଲୁ ରହେ। ସୁତରାଂ ଯେଉଁ ପୁଞ୍ଜିବାଦ ତାର ପ୍ରଥମ ଅବସ୍ଥାର ପ୍ରଗତିଶୀଳ ଯୁଗରେ ଶିଳ୍ପ, ସାହିତ୍ୟ, ଜ୍ଞାନ-ବିଜ୍ଞାନ, ସଂସ୍କୃତି କ୍ଷେତ୍ରରେ ସଭ୍ୟତାର ଅଗ୍ରଗତି ଘଟାଇଥିଲା, ପରବର୍ତ୍ତୀ ସମୟରେ ସେହି ପୁଞ୍ଜିବାଦ ହିଁ ଆଜି ପ୍ରତିକ୍ରିୟାଶୀଳ ଯୁଗରେ ପହଞ୍ଚି ଅନିବାର୍ଯ୍ୟ ଭାବେ ସର୍ବାତ୍ମକ ସଙ୍କଟ ସୃଷ୍ଟି କରି ଚାଲିବ। ପରବର୍ତ୍ତୀ ସମୟରେ ମହାନ୍ ଲେନିନ୍ ଦର୍ଶାଇଛନ୍ତି, ପୁଞ୍ଜିବାଦ ଏକଚାଟିଆ ପୁଞ୍ଜି, ଲଗ୍ନୀ ପୁଞ୍ଜିକୁ ଜନ୍ମ ଦେଇ ସଙ୍କଟକୁ ଆହୁରି ଘନିଭୂତ କରୁଛି। ପୁଞ୍ଜିବାଦ ବର୍ତ୍ତମାନର ସାମ୍ରାଜ୍ୟବାଦୀ ସ୍ତରରେ ପହଞ୍ଚି ଯୁଦ୍ଧ, ଅନ୍ୟ ଦେଶକୁ ଦଖଲ ଓ ଲୁଣ୍ଠନ ଚଳାଇ ଯାଉଛି, ଦେଶ ବିଦେଶରେ ସାମ୍ୟ-ମୈତ୍ରୀ-ସ୍ୱାଧୀନତାର ଝଣ୍ଡାକୁ ଭୂଲୁଣ୍ଠିତ କରିଛି। ସାମ୍ରାଜ୍ୟବାଦ ହେଉଛି ପୁଞ୍ଜିବାଦର ଚୂଡାନ୍ତ ପ୍ରତିକ୍ରିୟାଶୀଳ କ୍ଷୟିଷ୍ଣୁ ସ୍ତର ଏବଂ ସର୍ବହରା ବିପ୍ଳବର ଯୁଗ। ପରେ ମହାନ୍ ଷ୍ଟାଲିନ ଦର୍ଶାଇଛନ୍ତି, ଚୂଡାନ୍ତ ସଙ୍କଟଗ୍ରସ୍ତ ପୁଞ୍ଜିବାଦ ସ୍ତରରେ ପୁଞ୍ଜିପତିମାନଙ୍କର ପ୍ରୟୋଜନ ସର୍ବୋଚ୍ଚ ଲାଭ ଅର୍ଜନ, ସେଥିସକାଶେ ପ୍ରୟୋଜନ ସର୍ବାଧିକ ଶ୍ରମିକ ଶୋଷଣ। ଭୋଗ୍ୟପଣ୍ୟର ବଜାର ସଙ୍କୁଚିତ ହେବାରୁ ଉନ୍ନତ ପୁଞ୍ଜିବାଦୀ ଦେଶଗୁଡିକ ସାମରିକ ବଜେଟ୍ ବଢାଉଛନ୍ତି, ଅନ୍ୟାନ୍ୟ ବଜେଟ୍ କମାଇ ଓ ଟ୍ୟାକ୍ସ ବଢାଇ ଯୁଦ୍ଧାସ୍ତ୍ର ବଜାର ବୃଦ୍ଧି କରୁଛନ୍ତି ବା ଅର୍ଥନୀତିର ସାମରିକୀକରଣ କରୁଛନ୍ତି। ପୁଞ୍ଜିବାଦୀ ବଜାରର ଆପେକ୍ଷିକ ସ୍ଥାୟିତ୍ୱ ଆଜି ଆଉ ନାହିଁ; ବୁର୍ଜୁଆମାନଙ୍କ ନିକଟରେ ସ୍ୱାଧୀନତାର ଅର୍ଥ ହେଉଛି, ଶ୍ରମିକ ଶୋଷଣରେ ଅବାଧ ସ୍ୱାଧୀନତା, ଆଉ ଶ୍ରମିକ ହେଉଛି ମନୁଷ୍ୟଦେହି କଞ୍ଚାମାଲ। ଆହୁରି ମଧ୍ୟ ଏହାର ପରବର୍ତ୍ତୀ ସମୟରେ ମହାନ ଶିବଦାସ ଘୋଷ ଦର୍ଶାଇଛନ୍ତି, ବର୍ତ୍ତମାନ ପୁଞ୍ଜିବାଦୀ ବଜାର ସଂକଟ ହେଲା ଏ ଓଳି ସେ ଓଳିର ସଙ୍କଟ। ଉନ୍ନତ ଅନୁନ୍ନତ ସମସ୍ତ ପୁଞ୍ଜିବାଦୀ ଦେଶରେ ହିଁ ଅର୍ଥନୀତିର ସାମରିକୀକରଣ ଘଟାଉଛନ୍ତି ଏବଂ ସମସ୍ତ ଦେଶରେ ପୁଞ୍ଜିବାଦ ମାନବଜାତିର ଚରମ ଶତ୍ରୁ ଫାସିବାଦକୁ ବିଭିନ୍ନ ରୂପରେ ଜନ୍ମ ଦେଇଛି। ସେ ଦର୍ଶାଇଛନ୍ତି, ଫାସିବାଦ 'ମଣିଷ ଗଢି ଉଠିବାର ପ୍ରକ୍ରିୟାକୁ ହିଁ ଧ୍ୱଂସ କରେ।' ସୁତରାଂ, ସେ କହିଛନ୍ତି, ସମସ୍ତ ପୁଞ୍ଜିବାଦୀ ଦେଶରେ ହିଁ ଏବଂ ଆମ ଦେଶରେ ମଧ୍ୟ କେବଳ ଅର୍ଥନୈତିକ ଓ ରାଜନୈତିକ ସଙ୍କଟର ତୀବ୍ରତା ବୃଦ୍ଧି ପାଇଛି ତା ନୁହେଁ, ମନୁଷ୍ୟତ୍ୱ ଓ ମୂଲ୍ୟବୋଧର ସଙ୍କଟ ମଧ୍ୟ ଭୟାବହ ରୂପ ଧାରଣ କରିଛି, ସାମଜିକ, ପାରିବାରିକ, ବ୍ୟକ୍ତିଗତ ଜୀବନକୁ କଳୁଷିତ କରୁଛି, ସ୍ନେହ-ମାୟା-ମମତା-ଦାୟିତ୍ୱ ଓ କର୍ତ୍ତବ୍ୟବୋଧକୁ ଧ୍ୱଂସ କରୁଛି। ଏହିଭଳି ଭାବେ ଏମାନେ ସମସ୍ତେ ହିଁ ପୁଞ୍ଜିବାଦର କ୍ରମବର୍ଦ୍ଧମାନ ସଙ୍କଟକୁ ଦର୍ଶାଇଛନ୍ତି ଏବଂ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ, ସର୍ବହରା ଶ୍ରେଣୀ ନେତୃତ୍ୱରେ

ସମାଜତାନ୍ତ୍ରିକ ବିପ୍ଳବ ଏକମାତ୍ର ଇତିହାସ ନିର୍ଦ୍ଧାରିତ ମୁକ୍ତିର ପଥ। ପ୍ରଖ୍ୟାତ ବୈଜ୍ଞାନିକମାନଙ୍କ ଆବିଷ୍କାର ଦ୍ୱାରା ପ୍ରକୃତି ବିଜ୍ଞାନ ଯେମିତି କ୍ରମାଗତ ଉନ୍ନତ ଓ ସମୃଦ୍ଧ ହେଉଛି, ସେମିତି ଏହା ସହିତ ସାମଞ୍ଜସ୍ୟ ରଖି ଓ ସମାଜ ଜୀବନରେ ଉଦ୍ଭୁତ ବିଭିନ୍ନ ନୂତନ ପ୍ରଶ୍ନ ଓ ସମସ୍ୟାର ପରିପ୍ରେକ୍ଷୀରେ ମାର୍କ୍ସ-ଏଙ୍ଗେଲସ, ପରବର୍ତ୍ତୀକାଳରେ ଲେନିନ, ଷ୍ଟାଲିନ, ମାଓ ସେ ତୁଂ, ଶିବଦାସ ଘୋଷ ମଧ୍ୟ ମାର୍କ୍ସବାଦକୁ ଆହୁରି ସମୃଦ୍ଧ ଓ ଉନ୍ନତ କରିଛନ୍ତି ଯାହାକୁ ଆମେ ମାର୍କ୍ସବାଦ-ଲେନିନବାଦ ଓ ଶିବଦାସ ଘୋଷଙ୍କ ଚିନ୍ତାଧାରା ବୋଲି କହୁ। ଏହିଭଳି ଭାବେ ହିଁ ମାର୍କ୍ସବାଦ କ୍ରମାଗତ ସମୃଦ୍ଧ ଓ ଉନ୍ନତ ହୋଇ ଚାଲିବ ଏବଂ ମାନବ ସଭ୍ୟତାକୁ ଆଗେଇ ନେଇଯିବ। ଆମେ ଦୃଢତାର ସହିତ କହିବାକୁ ଚାହୁଁ, ଏକମାତ୍ର ଏହି ମହାନ ବୈପ୍ଳବିକ ମତବାଦକୁ ହତିଆର କରି ଶ୍ରମିକ ଶ୍ରେଣୀ ନେତୃତ୍ୱରେ ପୁଞ୍ଜିବାଦ ବିରୋଧୀ ସମାଜତାନ୍ତ୍ରିକ ବିପ୍ଳବ ଦ୍ୱାରା ହିଁ ବର୍ତ୍ତମାନର ସଙ୍କଟଗୁଡ଼ିକର ସମାଧାନ ସମ୍ଭବ।

ଆପଣମାନେ ଲକ୍ଷ୍ୟ କରନ୍ତୁ, ସୁଦୂର ଅତୀତ କାଳରୁ ମଣିଷ ଖାଦ୍ୟ ସହିତ ଯେଉଁ ବିଭିନ୍ନ ପ୍ରକାର ଦ୍ରବ୍ୟ ଉତ୍ପାଦନ, ବାସସ୍ଥାନ ନିର୍ମାଣ, ହତିଆର ନିର୍ମାଣ, ଯାନବାହନ ନିର୍ମାଣ ଆଦି ଯାହା କିଛି କରିଛି, ସମସ୍ତ କ୍ଷେତ୍ରରେ ହିଁ ସେମାନଙ୍କର ତତ୍କାଳୀନ ବିଦ୍ୟାବୁଦ୍ଧି ଅନୁଯାୟୀ ଯେତେଟା ସମ୍ଭବ ପ୍ରାକୃତିକ ନିୟମକୁ ଅନୁସରଣ କରି ତାହା କରିଛି। ଏହିଭଳି ଭାବେ ଆଦିମ ପର୍ବ ଅତିକ୍ରମ କରି ଧାରାବାହିକଭାବେ ନୂତନ ନୂତନ ଆବିଷ୍କାର ପଥରେ ଉନ୍ନତତର ହେଉ ହେଉ ଆଧୁନିକ ବିଜ୍ଞାନ ଆସିଛି ଏବଂ କ୍ରମାଗତ ଆଗେଇ ଚାଲିଛି। ବୁର୍ଜୁଆଶ୍ରେଣୀ ନିଜ ସ୍ୱାର୍ଥରେ କୃଷି ଶିଳ୍ପ, ଚିକିତ୍ସା, ଗୃହ ନିର୍ମାଣ, ଯାନବାହନ ଓ ରାସ୍ତାଘାଟ ନିର୍ମାଣ, ଯନ୍ତ୍ର ଓ ଯୁଦ୍ଧାସ୍ତ୍ର ନିର୍ମାଣ କ୍ଷେତ୍ରରେ, ପାଣି ପାଗ ପର୍ଯ୍ୟବେକ୍ଷଣ, ଜଳ, ସ୍ଥଳ ଭୂଗର୍ଭ ଇତ୍ୟାଦି ସର୍ବକ୍ଷେତ୍ରରେ ଏପରିକି ମହାକାଶ ଅନୁସନ୍ଧାନ କ୍ଷେତ୍ରରେ ବି ଆଧୁନିକ ବିଜ୍ଞାନକୁ ବ୍ୟବହାର କରୁଛି। ମାତ୍ର ଦର୍ଶନ ଜଗତରେ ସତ୍ୟ ନିର୍ଦ୍ଧାରଣ, ଇତିହାସର ପରିବର୍ତ୍ତନର କାରଣ ନିର୍ଦ୍ଧାରଣ ଏବଂ ଯେକୌଣସି ସାମାଜିକ ସମସ୍ୟା ବିଚାର କରିବା କ୍ଷେତ୍ରରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ବା ମାର୍କ୍ସବାଦୀ ବୈଜ୍ଞାନିକ ଦର୍ଶନର ପ୍ରୟୋଗ ବେଳେ ବୁର୍ଜୁଆ ଶ୍ରେଣୀ ବାଧା ସୃଷ୍ଟି କରୁଛି। କାରଣ, ତାହା ହେଲେ ପୁଞ୍ଜିବାଦୀ ବ୍ୟବସ୍ଥାର ଅସ୍ତିତ୍ୱ ବିପନ୍ନ ହେବ। ବୁର୍ଜୁଆ ଶ୍ରେଣୀ ବୁଝାଇବାକୁ ଚାହେଁ, ଏହି ପୁଞ୍ଜିବାଦୀ ବ୍ୟବସ୍ଥା ଏବଂ ଶୋଷକ-ଶୋଷିତ ଶ୍ରେଣୀ ମଧ୍ୟରେ ବିଭେଦ ଚିରନ୍ତନ ଏବଂ ଅପରିବର୍ତ୍ତନୀୟ। ଫଳରେ ଯେଉଁ ପୁଞ୍ଜିବାଦ ସାମନ୍ତତନ୍ତ୍ର ବିରୋଧୀ ବୁର୍ଜୁଆ ଗଣତାନ୍ତ୍ରିକ ବିପ୍ଳବର ଯୁଗରେ ବୈଜ୍ଞାନିକ ଚିନ୍ତାକୁ ଉତ୍ସାହିତ କରିଥିଲା, ଆଜି ସଙ୍କଟଗ୍ରସ୍ତ ପ୍ରତିକ୍ରିୟାଶୀଳ ଯୁଗରେ ଶ୍ରମିକ ବିପ୍ଳବଭୀତ ସେହି ପୁଞ୍ଜିବାଦ ହିଁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀକୁ ଆତଙ୍କର ଆଖିରେ ଦେଖୁଛି। ତେଣୁ ସେମାନଙ୍କ ଶ୍ରେଣୀ ସ୍ୱାର୍ଥରେ

ଜନଗଣଙ୍କ ମଧ୍ୟରେ ଆଧ୍ୟାତ୍ମବାଦ, ଭାବବାଦ, ଶାଶ୍ୱତ ତତ୍ତ୍ୱ ଏବଂ ଅଦୃଷ୍ଟବାଦକୁ ଉତ୍ସାହିତ କରୁଛି। ବୁର୍ଜୁଆ ଶ୍ରେଣୀ ନିଜ ସ୍ୱାର୍ଥରେ ବିଦେଶରୁ ବିଜ୍ଞାନର ଆବିଷ୍କାରଗୁଡ଼ିକୁ ଗ୍ରହଣ କରୁଛି, ଏପରିକି ସ୍ୱାଧୀନତା, ସାର୍ବଭୌମତ୍ୱର ଧାରଣା, ସଂସଦୀୟ ଗଣତନ୍ତ୍ର, ସାମ୍ବିଧାନିକ ଶାସନ ବ୍ୟବସ୍ଥା, ଆଧୁନିକ ବିଚାର ବ୍ୟବସ୍ଥା, ଏଗୁଡିକ ମଧ୍ୟରୁ କୌଣସି ଗୋଟିଏ ବି ବେଦ-ବେଦାନ୍ତ, କୋରାନ, ବାଇବେଲ, ରାମାୟଣ, ମହାଭାରତରେ ନାହିଁ। ଏଗୁଡିକ ୟୁରୋପର ନବଜାଗରଣ ଏବଂ ବୁର୍ଜୁଆ ଗଣତାନ୍ତ୍ରିକ ବିପ୍ଳବରୁ ଆସିଛି। ମାତ୍ର ବର୍ତ୍ତମାନ ଏହି ବୁର୍ଜୁଆମାନେ ହିଁ କହୁଛନ୍ତି ମାର୍କ୍ସବାଦ ବିଦେଶୀ, ଏଦେଶରେ ଚଳିବ ନାହିଁ। ଅଥଚ ମାର୍କ୍ସବାଦକୁ ହତିଆର କରି ଶ୍ରମିକ ଶ୍ରେଣୀ ନେତୃତ୍ୱରେ ସମାଜତାନ୍ତ୍ରିକ ବିପ୍ଳବ ସଙ୍ଗଠିତ ନହେଲେ ଆଜିକାର ଦିନର ସଙ୍କଟରୁ ମୁକ୍ତିର ଅନ୍ୟ କୌଣସି ପଥ ନାହିଁ।

## ସମାଜତନ୍ତ୍ରରେ ପ୍ରତିବିପ୍ଳବର ବିପଦ କାହିଁକି ଥାଏ ଏବଂ ଏହାର ପ୍ରତିରୋଧର ଉପାୟ କଣ

ଆପଣମାନଙ୍କ ମନରେ ଏହି ଚିନ୍ତା ଆସିବା ସ୍ୱାଭାବିକ, ସମାଜତନ୍ତ୍ର ପ୍ରତିଷ୍ଠା ହେବା ପରେ ବି ପ୍ରତିବିପ୍ଳବ ଦ୍ୱାରା ସେହି ସମାଜତନ୍ତ୍ର ଧ୍ୱଂସ ହୋଇ ଋଷିଆ, ଚୀନ ଓ ପୂର୍ବ ୟୁରୋପ ଭଳି ରାଷ୍ଟ୍ରଗୁଡିକରେ ଯେତେବେଳେ ପୁନର୍ବାର ପୁଞ୍ଜିବାଦ ଫେରି ଆସିଛି, ତା'ହେଲେ ବିପ୍ଳବ ପରେ ମଧ୍ୟ ଯେ ସମାଜତନ୍ତ୍ର ତିଷ୍ଠି ରହିପାରିବ, ଏହାର ଗ୍ୟାରେଣ୍ଟି କ'ଣ ? ମାର୍କ୍ସବାଦ ସମ୍ପର୍କରେ ସଠିକ୍ ଉପଲବ୍ଧି ନଥିବା ଫଳରେ ଏବଂ ସମାଜତନ୍ତ୍ରର ଅସାଧାରଣ ଅଗ୍ରଗତିକୁ ଲକ୍ଷ୍ୟ କରି କେବଳ ସାଧାରଣ ମଣିଷ ନୁହେଁ, ଏପରିକି କମ୍ୟୁନିଷ୍ଟ ମନୋଭାବାପନ୍ନ ଅନେକେ ହିଁ ଗୋଟିଏ ସମୟରେ ବିଶ୍ୱାସ କରୁଥିଲେ, ସମାଜତନ୍ତ୍ର ଥରେ ପ୍ରତିଷ୍ଠା ହୋଇଗଲା ପରେ ଆଉ ଏହାର ବିପର୍ଯ୍ୟୟ ହୋଇ ପାରେନା। ମାତ୍ର କେଉଁ କେଉଁ କାରଣ ଯୋଗୁ ପୁନର୍ବାର ପ୍ରତିବିପ୍ଳବ ସମାଜତନ୍ତ୍ରକୁ ଧ୍ୱଂସ କରିପାରେ, ସେସମ୍ପର୍କରେ ଚେତାବନି ଦେଇ ଏବଂ କିଭଳି ଏହାକୁ ପ୍ରତିରୋଧ କରିବା ସମ୍ଭବ ସେସମ୍ପର୍କରେ ବହୁ ମୂଲ୍ୟବାନ ଶିକ୍ଷା ମାର୍କ୍ସବାଦୀ ଚିନ୍ତାନାୟକମାନେ ଇତିପୂର୍ବରୁ ପର୍ଯ୍ୟାୟକ୍ରମେ ରଖିଯାଇଛନ୍ତି। ବିପ୍ଳବ ପୂର୍ବବର୍ତ୍ତୀ ସମୟରେ ସର୍ବହରା ଏକନାୟକତ୍ୱ ବା ସମାଜତନ୍ତ୍ର କ'ଣ, ଏ ସମ୍ପର୍କରେ ମାର୍କ୍ସ କହିଛନ୍ତି, ଏହା ହେଉଛି, " ..... ପୁଞ୍ଜିବାଦ ଏବଂ ସାମ୍ୟବାଦର ମଧ୍ୟଭାଗରେ ଏକ ବୈପ୍ଳବିକ ରୂପାନ୍ତରର ପିରିୟଡ"[୨୯], ଅର୍ଥାତ ପୁଞ୍ଜିବାଦରୁ ସାମ୍ୟବାଦକୁ ପହଁଞ୍ଚିବା କ୍ଷେତ୍ରରେ ସମାଜତନ୍ତ୍ର ହେଉଛି ଏକ ଅନ୍ତବର୍ତ୍ତୀ ସ୍ତର, ଯାହାର ଅର୍ଥ ହେଉଛି, ସଠିକ ରାସ୍ତାରେ ଚାଲିଲେ ସମାଜତନ୍ତ୍ର ସାମ୍ୟବାଦରେ ପହଁଞ୍ଚିବ ଆଉ ବୁର୍ଜୁଆ ପ୍ରତିବିପ୍ଳବୀ ଆକ୍ରମଣକୁ ପ୍ରତିରୋଧ କରିନପାରିଲେ ପୁଞ୍ଜିବାଦ ପୁନଃ ପ୍ରତିଷ୍ଠିତ ହେବ। ମାର୍କ୍ସ ଅନ୍ୟତ୍ର ଆହୁରି ସୁସ୍ପଷ୍ଟଭାବେ କହିଛନ୍ତି, ପ୍ରଥମ

ଅବସ୍ଥାରେ ସାମ୍ୟବାଦର ପ୍ରଥମ ସ୍ତର ଅର୍ଥାତ୍ ସମାଜତନ୍ତ୍ର..... "ନିଜସ୍ୱ ଭିତ୍ତି ଗଢି ତୋଳିପାରି ନାହିଁ, ବରଂ, ଯେହେତୁ ପୁଞ୍ଜିବାଦୀ ବ୍ୟବସ୍ଥା ମଧ୍ୟରୁ ଏହାର ଜନ୍ମ (ଇମର୍ଜ) ହୋଇଛି, ସେଥିସକାଶେ ଅର୍ଥନୈତିକ, ନୈତିକ, ବୁଦ୍ଧିଗତ (intellectually) ସର୍ବଦିଗରୁ ଏହା ଯେଉଁ ପୂରାତନ ସମାଜର ଗର୍ଭରୁ ଜନ୍ମ ନେଇଛି, ସେହି ସମାଜର ଜନ୍ମ ଚିହ୍ନ (birth mark) ବହନ କରେ।"(୩୦) କେତେ ଦୂରଦୃଷ୍ଟି ଥିବା ଫଳରେ ମାର୍କ୍ସ ସେତେବେଳେ କହିପାରିଥିଲେ, ସମାଜତନ୍ତ୍ରରେ ମଧ୍ୟ ପୁଞ୍ଜିବାଦୀ ବ୍ୟବସ୍ଥାର ଭାବଗତ, ଅର୍ଥନୈତିକ ଓ ନୈତିକ ପ୍ରଭାବ ଥାଏ ଏବଂ ସମାଜତନ୍ତ୍ର କେବଳମାତ୍ର ମଧ୍ୟବର୍ତ୍ତୀକାଳୀନ ସ୍ତର। ବିପ୍ଳବ ସଫଳ କରିବା ପରେ ଲେନିନ କହିଥିଲେ, "ଏହି ମଧ୍ୟବର୍ତ୍ତୀକାଳୀନ ସ୍ତର ହେଉଛି କ୍ଷୟିଷ୍ଣୁ ପୁଞ୍ଜିବାଦ ଓ ସଦ୍ୟଜାତ ସାମ୍ୟବାଦର ସଂଗ୍ରାମର ପର୍ଯ୍ୟାୟ ଅର୍ଥାତ୍ ଅନ୍ୟ କଥାରେ କହିବାକୁ ଗଲେ ଏଇ ସଂଗ୍ରାମ ହେଉଛି ଯେଉଁ ପୁଞ୍ଜିବାଦ ପରାସ୍ତ ହୋଇଛି କିନ୍ତୁ ଧ୍ୱଂସ ହୋଇ ନାହିଁ ଏବଂ ଯେଉଁ ସାମ୍ୟବାଦ ଜନ୍ମ ନେଇଛି କିନ୍ତୁ ଖୁବ ଦୁର୍ବଳ, ଏଇ ଦୁଇଟି ମଧ୍ୟରେ ସଂଗ୍ରାମ।"(୩୧) ସେ ଆହୁରି ମଧ୍ୟ କହିଛନ୍ତି, "ନୂତନ ଶ୍ରେଣୀ (ବିଜୟୀ ଶ୍ରମିକ ଶ୍ରେଣୀ)କୁ ଅତିବ ଶକ୍ତିଶାଳୀ ବୁର୍ଜୁଆ ଶ୍ରେଣୀ ଯାହାର ଶକ୍ତି କ୍ଷମତାଚ୍ୟୁତ ହେବା ପରେ ଦଶ ଗୁଣ ବଢିଯାଏ, ତା' ବିରୁଦ୍ଧରେ ଅତ୍ୟନ୍ତ କଠିନ ଓ ଦୃଢପ୍ରତିଜ୍ଞ ସଂଗ୍ରାମ ଚଳେଇବାକୁ ହେବ (ଏପରିକି ଗୋଟିଏ ଦେଶ ହେବା ସତ୍ତ୍ୱେ ବି)। ଏହା ବ୍ୟତୀତ, ଏହି କ୍ଷମତାଚ୍ୟୁତ ବୁର୍ଜୁଆମାନଙ୍କର ଶକ୍ତିର ଉତ୍ସ କେବଳମାତ୍ର ଆନ୍ତର୍ଜାତିକ ପୁଞ୍ଜି ନୁହେଁ....ଏମାନଙ୍କର କ୍ଷମତାର ଉତ୍ସ ଦେଶର ଅଭ୍ୟନ୍ତରରେ ଥିବା ଅଭ୍ୟାସର ଶକ୍ତି (force of habit) ଏବଂ କ୍ଷୁଦ୍ର ଉତ୍ପାଦନର ଶକ୍ତି।"(୩୨) ସେ କହିଛନ୍ତି, "କୋଟି କୋଟି ଲୋକଙ୍କର ଅଭ୍ୟାସର ଶକ୍ତି ଅତ୍ୟନ୍ତ ବିପଜ୍ଜନକ..... କ୍ଷୁଦ୍ର ମାଲିକାନା ପ୍ରତିଦିନ ପ୍ରତି ଘଣ୍ଟାରେ ସ୍ୱତସ୍ଫୁର୍ତ୍ତଭାବେ ବୁର୍ଜୁଆମାନଙ୍କୁ ଜନ୍ମ ଦିଏ।"(୩୩) ଆପଣମାନଙ୍କର ଜାଣିବା ଦରକାର ଯେ, ବିପ୍ଳବୋତ୍ତର ସମାଜତାନ୍ତ୍ରିକ ଋଷିଆରେ ଦୀର୍ଘ ଦିନ ଧରି ବାସ୍ତବ କାରଣରୁ କ୍ଷୁଦ୍ର ମାଲିକାନା ବିଭିନ୍ନ ରୂପରେ ଥିଲା। ଅନ୍ୟଦିଗରେ ସମଗ୍ର ଜନଗଣ ଯେତେ ଦିନ ମାର୍କ୍ସବାଦୀ ନହୋଇଛନ୍ତି, ସେତେଦିନ ସେମାନଙ୍କ ମଧ୍ୟରେ ଅଣମାର୍କ୍ସବାଦୀ ବା ବୁର୍ଜୁଆ ଚିନ୍ତା ଓ ସଂସ୍କୃତିର ପ୍ରାଧାନ୍ୟ ବିଭିନ୍ନ ରୂପରେ ଥାଏ। ବାସ୍ତବ ଘଟଣା ହେଉଛି, ସୋଭିଏତ ୟୁନିୟନର ଜନଗଣ ବ୍ୟାପକଭାବେ ସମାଜତନ୍ତ୍ରକୁ ସମର୍ଥନ କଲେ ମଧ୍ୟ ସେମାନେ ମାର୍କ୍ସବାଦକୁ ଜୀବନ ଦର୍ଶନ ରୂପେ ଗ୍ରହଣ କରିପାରି ନଥିଲେ। ଫଳରେ ସେମାନଙ୍କ ଚିନ୍ତା, ସଂସ୍କୃତିରେ, ଜୀବନଯାତ୍ରାରେ ବୁର୍ଜୁଆ ଭାବବାଦୀ ଦର୍ଶନ ବିଭିନ୍ନ ରୂପରେ କାମ କରିଛି। ସଚେତନ ନରହିବା ଫଳରେ ସ୍ୱାଭାବିକଭାବେ ଦଳର ବହୁ ସଦସ୍ୟ ଏପରିକି ବେଶ କିଛି ନେତାଙ୍କ ମଧ୍ୟରେ ବି ଏହାର ପ୍ରଭାବ ପଡ଼ିଥିଲା।

ବର୍ତ୍ତମାନ ଷ୍ଟାଲିନ କଣ କହିଛନ୍ତି ଦେଖନ୍ତୁ। ସେ ୧୯୨୯ ମସିହାରେ କହିଛନ୍ତି, "ସମାଜତନ୍ତ୍ରର ଯେତେ ଅଗ୍ରଗତି ଘଟୁଛି, ଶ୍ରେଣୀ ସଂଗ୍ରାମ ସେତେ ତୀବ୍ରତର ହେଉଛି।"(୩୪) ମୃତ୍ୟୁ ପୂର୍ବରୁ ୧୯୫୨ ମସିହାରେ ଉନବିଂଶତମ ପାର୍ଟି କଂଗ୍ରେସରେ କହିଛନ୍ତି, "ଆମ ଦେଶର ଅଭ୍ୟନ୍ତରରେ ସୋଭିଏତ୍ ରାଷ୍ଟ୍ର ବିରୋଧୀ ଶକ୍ତିକୁ ସଂପୂର୍ଣ୍ଣ ଧ୍ୱଂସ କରାଯାଇ ପାରି ନାହିଁ, ଦେଶ ଅଭ୍ୟନ୍ତରରେ ଥାଇ ଏମାନେ ଏବଂ ବାହାରୁ ପୁଞ୍ଜିବାଦୀ ଦେଶଗୁଡ଼ିକ ସମାଜତନ୍ତ୍ର ବିରୋଧୀ ଚିନ୍ତା, ଭାବଧାରା ପ୍ରଚାର କରି ଯାଉଛନ୍ତି। ଏହା ଭୁଲିଯିବା ଉଚିତ୍ ନୁହେଁ ଯେ, ଆମ ସମାଜରେ ଯେଉଁମାନେ ଦୋଦୁଲ୍ୟମାନ (unstable), ସେମାନଙ୍କୁ ନଷ୍ଟ (corrupt) କରିବା ସକାଶେ ଏମାନେ ଅସ୍ୱାସ୍ଥ୍ୟକର (unhealthy) ଭାବଧାରା ଓ ସେଣ୍ଟିମେଣ୍ଟ ପ୍ରଚାର କରୁଛନ୍ତି। .....ଆମ ଦେଶରେ ଏବେ ବି ବୁର୍ଜୁଆ ଭାବାଦର୍ଶର ଅବଶେଷ (ଭେଷ୍ଟିଜେସ୍) ରହିଛି, ବ୍ୟକ୍ତିଗତ ମାଲିକାନାର ମାନସିକତା ଓ ନୈତିକତାର ଅବଶେଷ(ରେଲିକ୍ସ) ରହିଛି। ଏଗୁଡ଼ିକ ଆପଣା ଛାଏଁ ଧ୍ୱଂସ ହୁଏନା, ଖୁବ ଗଭୀର ଶକ୍ତଭାବେ ଜାବୁଡ଼ି ଧରି ତିଷ୍ଠି ରହିବାର(ଭେରି ଟିନାସିୟସ୍) ଭୀଷଣ କ୍ଷମତା ଏମାନଙ୍କର ଥାଏ ଏବଂ ନିଜର ଅବସ୍ଥାନ (ହୋଲ୍ଡ)କୁ ଶକ୍ତିଶାଳୀ କରିପାରନ୍ତି।..... ଆଦର୍ଶଗତ ଯେଉଁସବୁ କ୍ଷେତ୍ରରେ ପାର୍ଟିର ନେତୃତ୍ୱ ଢିଲାଢିଲିଭାବ ପୋଷଣ କରୁଛି, ସେଠାରେ ଲେନିନ୍‌ବାଦ ବିରୋଧୀ ଗ୍ରୁପ୍ ସ୍ଥାନ କରି ନେଉଛି ଏବଂ ନିଜର ରାଜନୈତିକ ଲାଇନ୍ ପ୍ରଚାର କରୁଛି। ଆଦର୍ଶଗତ ସଂଗ୍ରାମ ପାର୍ଟିର ମୁଖ୍ୟ କାମ, ଏହାର ଗୁରୁତ୍ୱକୁ ନ୍ୟୁନ କରି ଦେଖିଲେ ଦଳ ଓ ରାଷ୍ଟ୍ରର ଅପୂରଣୀୟ କ୍ଷତି ହେବ। ଆମକୁ ସର୍ବଦା ମନେରଖିବାକୁ ହେବ, ସମାଜତାନ୍ତ୍ରିକ ଭାବଧାରାର ପ୍ରଭାବ ଦୁର୍ବଳ ହେଲେ ବୁର୍ଜୁଆ ଭାବଧାରାର ପ୍ରଭାବ ଶକ୍ତିଶାଳୀ ହେବ।"(୩୫) ଯେଉଁ ସମୟରେ ଷ୍ଟାଲିନ ଏହି ବକ୍ତବ୍ୟ ରଖିଥିଲେ, ସେହି ସମୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଫାସିଷ୍ଟ ଶକ୍ତିକୁ ପରାସ୍ତ କରି ସୋଭିଏତ ୟୁନିୟନ ଓ ଷ୍ଟାଲିନ ସମଗ୍ର ବିଶ୍ୱରେ ଶ୍ରଦ୍ଧାର ଆସନରେ ଅଧିଷ୍ଠିତ ଏବଂ ଯୁଦ୍ଧରେ ସର୍ବାପେକ୍ଷା କ୍ଷତିଗ୍ରସ୍ତ ହୋଇ ମଧ୍ୟ ଦେଶର ପୁନଃର୍ଗଠନ କ୍ଷେତ୍ରରେ ଅସାଧାରଣ ଅଗ୍ରଗତି ଘଟାଇ ଆମେରିକାକୁ ମଧ୍ୟ ଅନେକ କ୍ଷେତ୍ରରେ ବହୁ ପଛରେ ପକାଇ ଦେଇଥିଲା। ତା'ସତ୍ତ୍ୱେ ବି ସେ ଗଭୀର ଉଦ୍‌ବେଗର ସହିତ ଏହି କଥାଗୁଡ଼ିକୁ କହିଥିଲେ ଏବଂ ଦଳେ ନେତାଙ୍କ ମଧ୍ୟରେ ଆତ୍ମସନ୍ତୁଷ୍ଟିର ମନୋଭାବକୁ ଲକ୍ଷ୍ୟକରି ତୀବ୍ର ସମାଲୋଚନା ମଧ୍ୟ କରିଥିଲେ। ଏହା ନିଶ୍ଚିତ ଯେ, ସେ ବଞ୍ଚି ରହିଥିଲେ, ଏହିସବୁ ବିପଦ ବିରୁଦ୍ଧରେ ଲଢେଇ କରି ସମାଜତନ୍ତ୍ରକୁ ରକ୍ଷା କରି ଥାନ୍ତେ, ଯେମିତି ଲେନିନଙ୍କ ମୃତ୍ୟୁ ପରେ ବାରମ୍ବାର ସମାଜତନ୍ତ୍ରକୁ ବହୁ ବିପଦରୁ ସେ ରକ୍ଷା କରିଛନ୍ତି। ତାଙ୍କର ମୃତ୍ୟୁ ପରେ ନେତୃତ୍ୱକୁ କୁକ୍ଷିଗତ କରି ବୁର୍ଜୁଆ ଶ୍ରେଣୀର ଏଜେଣ୍ଟ ସଂଶୋଧନବାଦୀ କୃଷ୍ଚେଭ ନେତୃତ୍ୱ ଷ୍ଟାଲିନଙ୍କ ଏହି

ଚେତାବନୀଗୁଡ଼ିକୁ ଗୁରୁତ୍ୱ ଦେବା ତ ଦୂରର କଥା, ବରଂ ଉଦ୍ଦେଶ୍ୟପ୍ରଣୋଦିତ ଭାବେ ଷ୍ଟାଲିନଙ୍କ ବିରୁଦ୍ଧରେ ନାନା ଅପପ୍ରଚାର ଚଳେଇ ମାର୍କ୍ସବାଦ-ଲେନିନବାଦର ଏହି ଥିଓରିଟିଙ୍କୁ ଆଘାତ କରି ସଂଶୋଧନବାଦୀ ପଥରେ ପୁଞ୍ଜିବାଦର ପୁନଃପ୍ରତିଷ୍ଠାର ପଥ ଉନ୍ମୁକ୍ତ କରିଦେଲେ। ୧୯୫୬ ମସିହାରେ ବିଂଶତମ ପାର୍ଟି କଂଗ୍ରେସରେ କ୍ରୁଶ୍ଚେଭଙ୍କ ଷ୍ଟାଲିନ ବିରୋଧୀ ଆକ୍ରମଣ ପ୍ରସଙ୍ଗରେ କମ୍ରେଡ ଶିବଦାସ ଘୋଷ ଏହି ଆଶଙ୍କା ବ୍ୟକ୍ତ କରିଥିଲେ। ମହାନ୍ ମାଓ ସେ ତୁଂ ମଧ୍ୟ ମୃତ୍ୟୁ ପୂର୍ବରୁ ଚୀନରେ ପୁଞ୍ଜିବାଦୀ ପ୍ରତିବିପ୍ଳବୀ ଷଡ଼ଯନ୍ତ୍ର ବିରୁଦ୍ଧରେ ଐତିହାସିକ ସାଂସ୍କୃତିକ ବିପ୍ଳବ ସଂଗଠିତ କରିଥିଲେ। କହିଥିଲେ, "ବୁର୍ଜୁଆମାନଙ୍କୁ କ୍ଷମତାଚ୍ୟୁତ କରିବା ପରେ ମଧ୍ୟ ପୁନର୍ବାର କ୍ଷମତା ଫେରି ପାଇବା ପାଇଁ ଜନଗଣଙ୍କ ମାନସିକତାକୁ ନଷ୍ଟ (କରପ୍ଟ)କରିବା ଉଦ୍ଦେଶ୍ୟରେ ଶୋଷକଶ୍ରେଣୀ ପୁରୁଣା ଚିନ୍ତାଭାବନା, ସଂସ୍କୃତି, ଅଭ୍ୟାସ ଓ ଆଚରଣକୁ ବ୍ୟବହାର କରୁଛି। ....ବର୍ତ୍ତମାନ ଆମର ଲକ୍ଷ୍ୟ ହେଉଛି, (ରାଷ୍ଟ୍ର ଓ ପାର୍ଟିରେ) କ୍ଷମତାସୀନ ବ୍ୟକ୍ତି, ଯେଉଁମାନେ ପୁଞ୍ଜିବାଦୀ ରାସ୍ତା ଗ୍ରହଣ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ ସଂଗ୍ରାମ। .....ଯେହେତୁ ସାଂସ୍କୃତିକ ବିପ୍ଳବ ମଧ୍ୟ ଗୋଟିଏ ଧରଣର ବିପ୍ଳବ, ସେଥିପାଇଁ ଅନିବାର୍ଯ୍ୟଭାବେ ଏହା ବିରୁଦ୍ଧତାର ସମ୍ମୁଖୀନ ହେଉଛି। ମୁଖ୍ୟତଃ ସେହିମାନଙ୍କ ଠାରୁ ବିରୋଧିତା ଆସୁଛି, ଯେଉଁମାନେ ପାର୍ଟିର ଅଭ୍ୟନ୍ତରରେ ପ୍ରବେଶ କରି କ୍ଷମତାସୀନ ହୋଇ ପୁଞ୍ଜିବାଦୀ ରାସ୍ତାରେ ଚାଲୁଛନ୍ତି।"[୩୬] ତାଙ୍କ ମୃତ୍ୟୁ ପରେ ଏହି ପୁଞ୍ଜିବାଦୀ ରାସ୍ତା ଅନୁସରଣକାରୀମାନେ ହିଁ କ୍ଷମତା ଅକ୍ତିଆର କରି ଚୀନରେ ପୁଞ୍ଜିବାଦ ପ୍ରତିଷ୍ଠା କରିଛନ୍ତି।

ସର୍ବଶେଷରେ ଉକ୍ତ ପ୍ରସଙ୍ଗରେ କମ୍ରେଡ ଶିବଦାସ ଘୋଷଙ୍କର କିଛି ମୂଲ୍ୟବାନ ବକ୍ତବ୍ୟ ଆପଣମାନଙ୍କର ମନେ ପକାଇ ଦେବା ଦରକାର। ୧୯୪୮ ମସିହାରେ, ପାର୍ଟି ପ୍ରତିଷ୍ଠା ବର୍ଷରେ ହିଁ ସେ ଗଭୀର ଉଦ୍‌ବେଗର ସହ କହିଥିଲେ, "ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ବହୁ ସଫଳତା ଓ ଗୌରବମୟ ଆତ୍ମତ୍ୟାଗକୁ ଯଥାଯଥ ଗର୍ବ ଓ ଶ୍ରଦ୍ଧାର ସହିତ ସ୍ୱୀକାର କରି ମଧ୍ୟ ଆମେ ଏହାର ଗୁରୁତର ତ୍ରୁଟି ବିଚ୍ୟୁତି ପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ମୁହୂର୍ତ୍ତକ ପାଇଁ ବି ଭୁଲିଯାଇନୁ। .....ଏହି ଗୁରୁତର ତ୍ରୁଟି-ବିଚ୍ୟୁତିଗୁଡ଼ିକ ଦେଖା ଦେବା ପଛରେ ମୂଳ କାରଣ ହେଉଛି, ବିଶ୍ୱ ସାମ୍ୟବାଦୀ ଶିବିରର ବର୍ତ୍ତମାନ ନେତୃତ୍ୱ ବହୁଳାଂଶରେ ଯାନ୍ତ୍ରିକ ଚିନ୍ତା ପଦ୍ଧତି ଦ୍ୱାରା ପ୍ରଭାବିତ।..... ଯାହା ଫଳରେ ଚିନ୍ତାର ଘାତ ପ୍ରତିଘାତ ମଧ୍ୟଦେଇ ବିପ୍ଳବୀ ସାମ୍ୟବାଦୀ ନେତୃତ୍ୱ ଗଢ଼ିଉଠିବାର ଯେଉଁ ଦ୍ୱାନ୍ଦ୍ୱିକ ପଦ୍ଧତି ମାର୍କ୍ସୀୟ ବିଜ୍ଞାନରେ ଇତିହାସର ଅଭିଜ୍ଞତା ଓ ପରୀକ୍ଷା ନିରୀକ୍ଷା ଭିତ୍ତିରେ ସ୍ୱୀକୃତ ହୋଇଛି, ତାହା କାର୍ଯ୍ୟତଃ ପରିତ୍ୟକ୍ତ ହୋଇଛି।..."[୩୭] ଏଥି ନିମନ୍ତେ ଚେତନାର ନିମ୍ନମାନକୁ ଦାୟୀ କରି ପରେ ସେ କହିଛନ୍ତି, "... କମ୍ୟୁନିଷ୍ଟ ଆନ୍ଦୋଳନର ସାଙ୍ଗଠନିକ

ଅଗ୍ରଗତି ଘଟିଗଲା, ଅଥଚ ତାସତ୍ତ୍ୱେ ବି ଚେତନାର ମାନ ପଛରେ ରହିଗଲା– ଆଜି ଏହା ନୂଆ ଘଟୁଛି, ଏପରି ନୁହେଁ। ଲେନିନ୍ ତାଙ୍କ ଜୀବଦ୍ଦଶାରେ ନିଜେ ହିଁ ଏହି ଦିଗଟି ଉପରେ ଯୋର ଦେଇଥିଲେ। ... ଲେନିନ୍‌ଙ୍କ ପରବର୍ତ୍ତୀ ସମୟରେ ମାନବ ଜୀବନରେ ଏବଂ ଶ୍ରେଣୀ ସଂଗ୍ରାମ ସମ୍ମୁଖରେ ଯେଉଁ ବହୁ ନୂଆ ନୂଆ ସମସ୍ୟା ଦେଖାଦେଇଛି ଏବଂ ବିଜ୍ଞାନର ବିଭିନ୍ନ ଶାଖା ପ୍ରଶାଖାରେ ଯେଉଁ ବିସ୍ମୟକର ଅଗ୍ରଗତି ଘଟିଛି, ସେହି ପରିପ୍ରେକ୍ଷୀରେ ମାର୍କ୍ସବାଦ-ଲେନିନବାଦର ଦର୍ଶନଗତ ଉପଲବ୍ଧିର ଯେଉଁ ବିକାଶ ଘଟାଇବା ଉଚିତ୍ ଥିଲା, ଲେନିନଙ୍କ ପରେ ତାହା ଆଉ କରା ହୋଇନାହିଁ।..... ଆଦର୍ଶଗତ ଦିଗରୁ ବ୍ୟକ୍ତିବାଦ ଓ ସ୍ୱାଧୀନତା ସମ୍ପର୍କରେ ବୁର୍ଜୁଆ ଧାରଣା ଆଜି ଅଗ୍ରସର ଦେଶଗୁଡ଼ିକରେ ଶ୍ରେଣୀ ସଂଗ୍ରାମ ପଥରେ ଏକ ବାଧା। ଏହି ପରିସ୍ଥିତିରେ, ମାନବତାବାଦୀ ମୂଲ୍ୟବୋଧ ଏବଂ ସର୍ବହରା ମୂଲ୍ୟବୋଧର ଏକ ତୁଳନାମୂଳକ ବିଶ୍ଳେଷଣ ଉପସ୍ଥାପନ କରିବା ଜରୁରୀ ପ୍ରୟୋଜନ ଥିଲା।..... ଯେଉଁମାନେ ସାମାଜିକ ସ୍ୱାର୍ଥ ନିକଟରେ ବ୍ୟକ୍ତି ସ୍ୱାର୍ଥକୁ ବିନା ସର୍ତ୍ତରେ ସମର୍ପଣ କରିପାରନ୍ତି, ସେମାନେ ହେଉଛନ୍ତି ଯଥାର୍ଥ କମ୍ୟୁନିଷ୍ଟ– ଏତେ ଦିନ ପର୍ଯ୍ୟନ୍ତ ଏହା ହିଁ ଥିଲା କମ୍ୟୁନିଷ୍ଟ ମୂଲ୍ୟବୋଧର ସର୍ବୋଚ୍ଚ ମାନ। କାଲିନିନ୍‌ଙ୍କ ପୁସ୍ତକ 'Communist Education'ରେ ଏହାକୁ ହିଁ ପ୍ରକୃତ କମ୍ୟୁନିଷ୍ଟ ଚେତନାର ଉନ୍ନତମାନ ବୋଲି କୁହାଯାଇଛି। କିନ୍ତୁ ଆଜିର ଏହି ନୂତନ ପରିସ୍ଥିତିରେ ଏତିକିରେ ପ୍ରକୃତ ଉଚ୍ଚ ସ୍ତରର କମ୍ୟୁନିଷ୍ଟ ମାନ ବା ସ୍ତର ରହି ପାରେନା।..... ବ୍ୟକ୍ତିର ମୁକ୍ତି ସଂଗ୍ରାମ ସମାଜତାନ୍ତ୍ରିକ ବ୍ୟବସ୍ଥାରେ ଏକ ନୂତନ ଜଟିଳ ସ୍ତରରେ ଆସି ପହଁଞ୍ଚିଛି ଏବଂ ଏକ ନୂତନ ରୂପ ପରିଗ୍ରହ କରିଛି– ଯେଉଁଠି ଏହି ସମସ୍ୟାକୁ ସମାଧାନ କରିବାକୁ ହେଲେ ନିରନ୍ତର ସାଧନା ଓ ସଂଗ୍ରାମ ମଧ୍ୟଦେଇ ବ୍ୟକ୍ତି ସ୍ୱାର୍ଥକୁ ସାମାଜିକ ସ୍ୱାର୍ଥ ସହିତ ବିଲିନ କରିଦେବା ସକାଶେ ଆହୁରି ଶକ୍ତିଶାଳୀ କଠୋର ସଂଗ୍ରାମ ପରିଚାଳନା କରିବାକୁ ହେବ। ସୁତରାଂ, ନ୍ୟାୟନୀତି ଓ ମୂଲ୍ୟବୋଧର ଏହା ଏକ ନୂତନ ମାନ, ଏତେ ଦିନ ଧରି ଯେଉଁ ପୁରୁଣା ବୁର୍ଜୁଆ ମାନବତାବାଦୀ ମୂଲ୍ୟବୋଧ, ଯାହା ଏତେ ଦିନ ପର୍ଯ୍ୟନ୍ତ କମ୍ୟୁନିଷ୍ଟ ବିପ୍ଳବୀ ଆନ୍ଦୋଳନର କର୍ମୀମାନଙ୍କୁ ଉଦ୍‌ବୁଦ୍ଧ କରିବା ସକାଶେ ପ୍ରୟୋଗ କରାହେଉଥିଲା, ତାଠାରୁ ସମ୍ପୂର୍ଣ୍ଣ ପୃଥକ।"[୩୮] ସେ କହିଛନ୍ତି, "ଏହା ନକରି ପାରିଲେ 'ସମାଜତାନ୍ତ୍ରିକ ବ୍ୟକ୍ତିବାଦ' ଜନ୍ମ ନେବ ଓ ସେଥିରୁ କ୍ରମାଗତ ଦାବି ଉଠିବ ଯେ, ବ୍ୟକ୍ତିର ଅଧିକାରକୁ ଆହୁରି ବଢାଇବାକୁ ହେବ। ପୁଣି ଏହିଭଳି ଚାଲିଲେ ପୁନରାୟ ତାହା ସଂଶୋଧନବାଦକୁ ଜନ୍ମ ଦେବ ଏବଂ ପୁଞ୍ଜିବାଦକୁ ଫେରାଇ ଆଣିବାରେ ସାହାଯ୍ୟ କରିବ।"[୩୯] ସେ ସୋଭିଏତ ୟୁନିୟନ୍ ସମ୍ପର୍କରେ କହିଛନ୍ତି, ସମାଜତାନ୍ତ୍ରିକ ମାଲିକାନାର ବହୁ ଅଗ୍ରଗତି ପରେ ବି, "....ସେଠାରେ ଯୌଥ ଖମାର ପ୍ରଥା ଅଛି, ଯେମିତି ପଣ୍ୟ ଉତ୍ପାଦନ ଓ

ବଣ୍ଟନ ବ୍ୟବସ୍ଥା ରହିଛି, ଯେମିତି ବ୍ୟକ୍ତି ସମ୍ପତ୍ତିର ଅସ୍ତିତ୍ୱ- ଘରଦ୍ୱାର, ଟଙ୍କା ପଇସା, ବ୍ୟାଙ୍କରେ ସଞ୍ଚୟ କରିବା ଆଦି ରହିଛି, Law of value ମଧ୍ୟ ରହିଛି। ଏହିସବୁ ବିଷୟଗୁଡିକ ମଧ୍ୟଦେଇ ପ୍ରତିଫଳିତ ହେଉଛି ଯେ, ବ୍ୟକ୍ତିଗତ ସମ୍ପତ୍ତିର ବୀଜ ସେଠାରେ ନଷ୍ଟ ହୋଇଯାଇ ନାହିଁ। ଏଗୁଡିକ ଅର୍ଥନୀତିରେ ଯେତେଦିନ ଥିବ, ସମାଜ ଅଭ୍ୟନ୍ତରରେ ପୁଞ୍ଜିବାଦୀ ଝୁଙ୍କ ସେତେଦିନ ଥିବ।.... କେବଳମାତ୍ର ଅର୍ଥନୈତିକ ଉପାଦାନଗୁଡିକ ହିଁ ଆପେ ଆପେ ସଂଶୋଧନବାଦ ଆଣି ନାହିଁ, ଏହା ଆଣିବା ଭଳି ଶକ୍ତି ମଧ୍ୟ ତାର ନଥିଲା, ରାଜନୈତିକ ଚେତନାର ନିମ୍ନମାନ ଏହି ପ୍ରବଣତାକୁ ବଢାଇ ଦେଲା।..... ଏହାକୁ ପ୍ରତିହତ କରିବା ପାଇଁ ପ୍ରୟୋଜନ ଥିଲା, ଗୋଟିଏ ଦିଗରେ ନିରବଚ୍ଛିନ୍ନଭାବେ ପାର୍ଟିର ଅଭ୍ୟନ୍ତରରେ ସାଂସ୍କୃତିକ ବିପ୍ଳବ ଓ ଆଦର୍ଶଗତ ସଂଗ୍ରାମ ଚଳାଇ ଆଦର୍ଶଗତ ଓ ସାଂସ୍କୃତିକ କ୍ଷେତ୍ରରେ ଚେତନାର ଉନ୍ନତମାନ ବଜାୟ ରଖିବା, ଅନ୍ୟଦିଗରେ କେବଳ ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ନୁହେଁ, ଦର୍ଶନ ଓ ବିଜ୍ଞାନ ଜଗତରେ ଯେଉଁସବୁ ନୂତନ ନୂତନ ସମସ୍ୟା ଦେଖା ଦେଉଛି, ତା ସହିତ ସଂଗତି ରଖି ମାର୍କ୍ସବାଦର କ୍ରମାଗତ ସମୃଦ୍ଧି ଘଟାଇବା। ସଂସ୍କୃତି ଓ ଜ୍ଞାନ କ୍ଷେତ୍ରରେ ଅନୁନ୍ନତମାନ ରହିଲେ, ତା ଦ୍ୱାରା ସମଗ୍ର ପାର୍ଟି, ସମସ୍ତ ଶ୍ରମିକ ଶ୍ରେଣୀ ବିଭ୍ରାନ୍ତ ହୋଇ ବିପଥରେ ପରିଚାଳିତ ହୋଇ ଯାଇ ସମାଜତନ୍ତ୍ର ଓ ମାର୍କ୍ସବାଦର ଝଣ୍ଡା ଉଡାଇ ଉଡାଇ ସଂସ୍କାରବାଦ ଓ ସଂଶୋଧନବାଦ ରାସ୍ତାରେ ପୁରାପୁରି ପୁଞ୍ଜିବାଦକୁ ଫେରାଇ ଆଣିପାରେ।"[୪୦]

ଏତେ ସମୟ ଧରି ମହାନ୍ ମାର୍କ୍ସଙ୍କ ଠାରୁ ଆରମ୍ଭ କରି ତାଙ୍କର ସୁଯୋଗ୍ୟ ଉତ୍ତରସାଧକମାନେ କିଭଳି ନୂତନ ନୂତନ ଉଦ୍ଭୁତ ପରିସ୍ଥିତିରେ କେଉଁ କେଉଁ କାରଣରୁ ସମାଜତନ୍ତ୍ରର ପରିବର୍ତ୍ତନ ଘଟି ପୁନର୍ବାର ପୁଞ୍ଜିବାଦ ଫେରି ଆସିପାରେ ଏବଂ ଏହି ଆକ୍ରମଣକୁ କିଭଳି ପ୍ରତିରୋଧ କରିବା ସମ୍ଭବ, ସେସମ୍ପର୍କରେ ଧାରାବାହିକଭାବେ ସେମାନେ କଣ କଣ କହିଛନ୍ତି, ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପନ କଲି ଏବଂ ଆପଣମାନେ ମଧ୍ୟ ଧୈର୍ଯ୍ୟର ସହିତ ତାହା ଶୁଣିଛନ୍ତି। ଆପଣମାନେ ଦେଖିଲେ ସମାଜତନ୍ତ୍ରର ଏହି ବିପର୍ଯ୍ୟୟ ମାର୍କ୍ସବାଦୀ ଚିନ୍ତାନାୟକମାନଙ୍କ ନିକଟରେ ଅଭାବିତ ନଥିଲା ବରଂ ସେମାନେ ଏସମ୍ପର୍କରେ ସତର୍କ କରାଇଛନ୍ତି ଏବଂ ସମାଜତନ୍ତ୍ରରେ ପୁଞ୍ଜିବାଦୀ ଆକ୍ରମଣକୁ ପ୍ରତିରୋଧ କରିବାର ପଥ ମଧ୍ୟ ଦର୍ଶାଇଛନ୍ତି। ମାତ୍ର ପରବର୍ତ୍ତୀ ନେତୃତ୍ୱ ସେଗୁଡ଼ିକୁ ଗୁରୁତ୍ୱ ନଦେବା ଯୋଗୁ ଏବଂ ଅଧଃପତିତ ହୋଇ ସେମାନଙ୍କ ପ୍ରଦର୍ଶିତ ପଥ ଅନୁସରଣ ନକରି ସଂଶୋଧନବାଦୀ ପଥରେ ଚାଲିବା ଯୋଗୁ ହିଁ ପ୍ରତିବିପ୍ଳବ ସମାଜତନ୍ତ୍ରକୁ ଧ୍ୱଂସ

କରି ପାରିଛି । ଏହା ଆମମାନଙ୍କ ନିକଟରେ ଏକ ଅତ୍ୟନ୍ତ ବେଦନାଦାୟକ ଘଟଣା, ପୁଣି ଏକ ମୂଲ୍ୟବାନ ଶିକ୍ଷା ମଧ୍ୟ ।

## ସଠିକ ଶିକ୍ଷା ନେଇ ଇତିହାସର ଅନିବାର୍ଯ୍ୟ ନିୟମରେ ହିଁ ପୁନର୍ବାର ସମାଜତନ୍ତ୍ର ଜୟଯୁକ୍ତ ହେବ

ଇତିହାସରୁ ଏହା ମଧ୍ୟ ଶିକ୍ଷା ନେବାକୁ ହେବ ଯେ, ଯେକୌଣସି ନୂତନ ଆଦର୍ଶ, ଯେକୌଣସି ନୂତନ ସମାଜବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଜୟଯୁକ୍ତ କରିବା ସକାଶେ ଜୟ ପରାଜୟ ରାସ୍ତାରେ ଶହ ଶହ ବର୍ଷ ଧରି ରକ୍ତକ୍ଷୟୀ ଲଢେଇ ଚଳେଇବାକୁ ହୋଇଛି । ଯେଉଁ ଧର୍ମକୁ ଭଗବତ୍ ଶକ୍ତିରେ ବଳିୟାନ୍ ବୋଲି ଦାବି କରା ହୁଏ ସେହି ଧର୍ମକୁ ମଧ୍ୟ ଚୂଡାନ୍ତ ବିଜୟ ଅର୍ଜନ ପାଇଁ ଜୟ-ପରାଜୟ ପଥରେ ଶହ ଶହ ବର୍ଷ ଲଢିବାକୁ ହୋଇଛି । ପ୍ରତିଟି ଧର୍ମ କ୍ଷେତ୍ରରେ ହିଁ ଏହା ସତ୍ୟ । ସମାନଭାବେ ରାଜତନ୍ତ୍ର ବିରୁଦ୍ଧରେ ରେନେସାଁ ଯୁଗରୁ ଆରମ୍ଭ କରି ବୁର୍ଜୁଆ ଗଣତାନ୍ତ୍ରିକ ବିପ୍ଳବକୁ ମଧ୍ୟ ଚୂଡ଼ାନ୍ତ ଜୟଲାଭ ପାଇଁ ପ୍ରାୟ ୩୫୦ ବର୍ଷ ଲଢେଇ କରିବାକୁ ପଡିଛି । ଯଦିଓ ଏହି ଦୁଇଟି ଲଢେଇ ଶ୍ରେଣୀ ଶୋଷଣର ଅବଲୁପ୍ତିର ସଂଗ୍ରାମ ନଥିଲା, ଥିଲା ଗୋଟିଏ ଶ୍ରେଣୀ ଶୋଷଣ ପରିବର୍ତ୍ତେ ଅନ୍ୟ ଏକ ଶ୍ରେଣୀ ଶୋଷଣ କାୟେମ କରିବାର ସଂଗ୍ରାମ । ତା ସତ୍ତ୍ୱେ ବି ଏତେ ଶହ ବର୍ଷ ଧରି ଲଢିବାକୁ ହୋଇଛି । ମାତ୍ର ସମାଜତାନ୍ତ୍ରିକ ବିପ୍ଳବ ହେଉଛି ଦାସପ୍ରଥା ଯୁଗରୁ ରାଜତନ୍ତ୍ର ଓ ପୁଞ୍ଜିବାଦ ପର୍ଯ୍ୟନ୍ତ କେତେ ହଜାର ବର୍ଷର ଶ୍ରେଣୀ ଶାସନ ଓ ଶୋଷଣର ଅବଲୁପ୍ତିର ବିପ୍ଳବ, ସେହି ଅର୍ଥରେ ସାମ୍ରାଜ୍ୟବାଦ, ପୁଞ୍ଜିବାଦ ଦ୍ୱାରା ପରିବେଷ୍ଟିତ ଦୁନିଆରେ ଋଷିଆର ୭୦ ବର୍ଷର ସମାଜତନ୍ତ୍ରର ଅସ୍ତିତ୍ୱର ଶକ୍ତି ବା କେତେ ! ତେଣୁ ହତାଶାର କୌଣସି କାରଣ ନାହିଁ । ଏଥିରୁ ଶିକ୍ଷା ନେଇ ପରବର୍ତ୍ତୀ ସମାଜତାନ୍ତ୍ରିକ ବିପ୍ଳବ ସଫଳ କରିବାକୁ ହେବ ଏବଂ ତାକୁ ରକ୍ଷା କରିବାକୁ ହେବ । ଯେପରି ୧୮୭୧ ମସିହାରେ ଫ୍ରାନ୍ସର ଶ୍ରମିକ ଶ୍ରେଣୀ ରକ୍ତାକ୍ତ ଲଢେଇ ପରିଚାଳନା ମଧ୍ୟଦେଇ ପୁଞ୍ଜିପତିମାନଙ୍କୁ କ୍ଷମତାଚ୍ୟୁତ କରି ପ୍ୟାରୀ କମ୍ୟୁନ ପ୍ରତିଷ୍ଠା କରିଥିଲେ, ମାତ୍ର କେତୋଟି ମାସ ପରେ ହିଁ ପୁଞ୍ଜିପତିମାନେ ସେମାନଙ୍କୁ କ୍ଷମତାଚ୍ୟୁତ କରନ୍ତି, ହଜାର ହଜାର ଶ୍ରମିକଙ୍କୁ ହତ୍ୟା କରନ୍ତି । ଏହି ଘଟଣାରୁ ମାର୍କ୍ସ ଶିକ୍ଷା ନେଇଥିଲେ ଯେ, କେବଳ ପୁଞ୍ଜିପତିମାନଙ୍କୁ କ୍ଷମତାରୁ ହଟେଇ ଦେଲେ ହେବ ନାହିଁ, ପୁଞ୍ଜିବାଦୀ ରାଷ୍ଟ୍ରଯନ୍ତ୍ରକୁ ଭାଙ୍ଗି ନୂତନ ଶ୍ରମିକ ଶ୍ରେଣୀର ରାଷ୍ଟ୍ର ଗଠନ କରିବାକୁ ହେବ । ଲେନିନ୍ ଏହି ଶିକ୍ଷାକୁ ଋଷିଆର ବିପ୍ଳବରେ କାର୍ଯ୍ୟକାରୀ କରିଥିଲେ । ଆମେ ଯେଉଁମାନେ ପରବର୍ତ୍ତୀ ସମୟରେ ବିପ୍ଳବୀ ସଂଗ୍ରାମ ଗଢି ତୋଳିବୁ, ଆମକୁ ମହାନ ମାର୍କ୍ସବାଦୀ ଶିକ୍ଷକମାନଙ୍କ ଅମୂଲ୍ୟ ଶିକ୍ଷାଗୁଡ଼ିକୁ ମନେରଖି କେବଳ ବିପ୍ଳବକୁ ସଫଳ କରିବା ନୁହେଁ, ରକ୍ଷା ମଧ୍ୟ କରିବୁ ଯାହା ଫଳରେ ପୁଞ୍ଜିବାଦ ପୁନର୍ବାର ଯେମିତି ଫେରି ନଆସି ପାରେ ।

ଆମକୁ ବୁଝିବାକୁ ହେବ, ସମାଜତନ୍ତ୍ରରେ କେବଳ ଅର୍ଥନୈତିକ, ରାଜନୈତିକ ଆମୂଳ ପରିବର୍ତ୍ତନ ନୁହେଁ, ସୁପର ଷ୍ଟ୍ରକ୍‌ଚର ବା ବର୍ହିଃଗଠନରେ ମଧ୍ୟ ବୁର୍ଜୁଆ ଶକ୍ତି ବିରୁଦ୍ଧରେ ଅଲଗାଭାବେ ଆଦର୍ଶଗତ ଓ ସଂସ୍କୃତିକ ଶ୍ରେଣୀ ସଂଗ୍ରାମ ନିରବଚ୍ଛିନ୍ନଭାବେ ଚଳାଇ ଆମୂଳଚୁଳ ପରିବର୍ତ୍ତନ ଘଟାଇବାକୁ ହେବ। ନହେଲେ ସେଥିରୁ ପ୍ରତିବିପ୍ଳବୀ ଆକ୍ରମଣ ଆସିବ ଏବଂ ପୁଞ୍ଜିବାଦ ପୁନଃ ପ୍ରତିଷ୍ଠିତ ହେବ।

ମନେରଖିବାକୁ ହେବ, ଐତିହାସିକ ନିୟମରେ ହିଁ ସମାଜତନ୍ତ୍ର ଆସିଛି, ପୁଣି ମାର୍କ୍ସବାଦୀ ଶିକ୍ଷକମାନଙ୍କ ମୂଲ୍ୟବାନ ଚେତାବନୀ ଓ ଶିକ୍ଷାଗୁଡିକୁ ଗୁରୁତ୍ୱ ନଦେବା ଫଳରେ ଏବଂ ଗୁରତର ଭୁଲତ୍ରୁଟି ହେବା ଫଳରେ ପୁନର୍ବାର ପୁଞ୍ଜିବାଦ ପ୍ରତିଷ୍ଠିତ ହୋଇଛି। କିନ୍ତୁ ଇତିହାସର ଅନିବାର୍ଯ୍ୟ ନିୟମରେ ହିଁ ପୁନର୍ବାର ସମାଜତନ୍ତ୍ର ବିଜୟୀ ହେବ ଏବଂ ତିଷ୍ଠି ରହିବ। ଏହା ଛଡ଼ା ମାନବ ସଭ୍ୟତାର ଭବିଷ୍ୟତ କଣ ? ସମାଜତନ୍ତ୍ର ଧ୍ୱଂସ ହେବା ପରେ ଆଜି ପୁଞ୍ଜିବାଦୀ ଋଷିଆ, ଚୀନ ଓ ପୂର୍ବ ୟୁରୋପୀୟ ଦେଶଗୁଡିକର କୋଟି କୋଟି ଜନଗଣ ଦାରିଦ୍ର୍ୟ, ବେକାରୀ, ଛଟେଇ, ମୂଲ୍ୟବୃଦ୍ଧି ସହ ବହୁବିଧ ସଙ୍କଟରେ ଜର୍ଜରିତ ହୋଇ ହାହାକାର କରୁଛନ୍ତି, ପୁନର୍ବାର ସମାଜତନ୍ତ୍ରକୁ ଫେରି ପାଇବାର ବ୍ୟାକୁଳ ଆକାଂକ୍ଷା ବ୍ୟକ୍ତ କରୁଛନ୍ତି। ଅନିବାର୍ଯ୍ୟ ନିୟମରେ ସମାଜତନ୍ତ୍ର ପ୍ରତିଷ୍ଠିତ ହେବ, ଅର୍ଥ ଆପଣାଛାଏଁ ହୋଇଯିବ, ତାହା ନୁହେଁ। ସଙ୍କଟ ଜର୍ଜରିତ ମଣିଷ ଅନିବାର୍ଯ୍ୟଭାବେ ମୁକ୍ତିର ପଥ ଖୋଜିବ, ମାର୍କ୍ସବାଦୀମାନେ ପଥ ଦେଖାଇବେ ଏବଂ ଶୋଷିତ ଜନଗଣ ସଚେତନଭାବେ କ୍ରିୟା କରି ପରିବର୍ତ୍ତନର ନିୟମରେ କ୍ରିୟାକୁ ତ୍ୱରାନ୍ୱିତ କରିବେ, ଅର୍ଥାତ ବିପ୍ଳବ ସଂଗଠିତ କରିବେ। ଏହି ପ୍ରକ୍ରିୟା ଯେତେ ବିଳମ୍ବିତ ହେବ, ସଙ୍କଟ ସେତେ ଘନୀଭୂତ ହେବ।

## ମହାନ ଷ୍ଟାଲିନଙ୍କ ଶ୍ରେଷ୍ଠତ୍ୱ ଓ ଅବଦାନକୁ ସେଦିନ ବିଶ୍ୱର ମହାନ୍ ବ୍ୟକ୍ତିମାନେ ଶ୍ରଦ୍ଧା ଜଣାଇଥିଲେ

ମନେରଖିବେ ଲେନିନଙ୍କ ସୁଯୋଗ୍ୟ ଛାତ୍ର ଷ୍ଟାଲିନଙ୍କ ନେତୃତ୍ୱରେ ପରିଚାଳିତ ହୋଇ ସୋଭିଏତ ୟୁନିୟନ୍‌ରେ ସମାଜତନ୍ତ୍ର ଅସାଧାରଣ ଅଗ୍ରଗତି ଘଟାଇ ମାନବ ଇତିହାସରେ ପ୍ରଥମ ଶୋଷଣମୁକ୍ତ ଯେଉଁ ସଭ୍ୟତା ଗଢି ତୋଳିଥିଲା, ତାହାକୁ ପ୍ରତ୍ୟକ୍ଷ କରି ମାର୍କ୍ସବାଦୀ ନହୋଇ ମଧ୍ୟ ବିଂଶ ଶତାବ୍ଦୀର ବରେଣ୍ୟ ମାନବତାବାଦୀ ଓ ସ୍ୱାଧୀନତା ସଂଗ୍ରାମୀମାନେ, ୟୁରୋପର ରମାଁ ରୋଲାଁ, ବର୍ଣ୍ଣାଡ ସ, ଆଇନଷ୍ଟାଇନ୍, ଆମ ଦେଶର ରବିନ୍ଦ୍ରନାଥ, ଶରତଚନ୍ଦ୍ର, ସୁଭାଷଚନ୍ଦ୍ର, ପ୍ରେମଚାନ୍ଦ, ସୁବ୍ରମଣ୍ୟମ ଭାରତୀ ଏବଂ ବହୁ ପ୍ରଖ୍ୟାତ ରାଜନୀତିବିଦ୍, ଚିନ୍ତାବିଦ୍, ପଶ୍ଚିମୀ ପୁଞ୍ଜିବାଦୀ ସଭ୍ୟତାର ଶୋଚନୀୟ ପରିଣତିରେ ବୀତସ୍ପୃହ ହୋଇ ସୋଭିଏତ୍ ୟୁନିୟନକୁ ଏକମାତ୍ର ଆଶାର ଆଲୋକଭାବେ ଗଣ୍ୟ କରି ଗଭୀର ଶ୍ରଦ୍ଧାରେ

ଅଭିନନ୍ଦନ ଜଣାଇଥିଲେ। ମନିଷୀ ରମାଁ ରୋଲାଁ କହିଥିଲେ, "ମୁଁ ସୋଭିଏତ୍ ୟୁନିୟନ୍‌ର ଲକ୍ଷ୍ୟ ଓ କର୍ମରେ ବିଶ୍ୱାସୀ, ଯେତେଦିନ ପର୍ଯ୍ୟନ୍ତ ବଞ୍ଚିଥିବି ତା' ସପକ୍ଷରେ କାମ କରିଯିବି।"(୪୧) ବିଶ୍ୱବିଖ୍ୟାତ ବର୍ଣ୍ଣାଡସ କହିଥିଲେ, "ପୃଥିବୀରେ ସ୍ୱାଧୀନତା ଓ ଗଣତନ୍ତ୍ର ଗୋଟିଏ ମାତ୍ର ଦେଶରେ ହିଁ ଅଛି, ସେ ହେଉଛି ସୋଭିଏତ୍ ୟୁନିୟନ୍, ଯେଉଁଠାରେ ମହାନ ଷ୍ଟାଲିନ ଜୀବିତ ଅଛନ୍ତି।"(୪୨) ବର୍ତ୍ତମାନ ଅନ୍ୟ କେତେଜଣ ବଡ ମଣିଷଙ୍କ କଥା ଶୁଣନ୍ତୁ। ୧୯୩୯ ମସିହାରେ ବିଶ୍ୱକବି ରବିନ୍ଦ୍ରନାଥ ସୋଭିଏତ୍ ୟୁନିୟନ୍‌ରେ ନିର୍ମିତ ନୂତନ ସଭ୍ୟତାର ଅଗ୍ରଗତି ଦେଖି କି ଗଭୀର ଭରସାର ସହିତ କବି ଅମୀୟ ଚକ୍ରବର୍ତ୍ତୀଙ୍କୁ ମୁଗ୍ଧ ଚିତ୍ତରେ ଲେଖିଥିଲେ, ".....ମାନବର ନବଯୁଗର ରୂପ ଏହି ତପୋଭୂମିରେ ଦେଖି ମୁଁ ଆନନ୍ଦିତ ଓ ଆଶାନ୍ୱିତ ହୋଇଥିଲି। ମାନବ ଇତିହାସରେ ଆଉ କେଉଁଠି ଆନନ୍ଦ ଓ ଆଶାର ସ୍ଥାୟୀ କାରଣ ଦେଖି ନାହିଁ। ଜାଣେ, ପ୍ରକାଣ୍ଡ ଏକ ବିପ୍ଳବ ଉପରେ ଋଷିଆ ଏହି ନବଯୁଗର ପ୍ରତିଷ୍ଠା କରିଛି। କିନ୍ତୁ ଏହି ବିପ୍ଳବ ମଣିଷର ସବୁଠାରୁ ନିଷ୍ଠୁର ଓ ପ୍ରବଳ ରିପୁ ବିରୁଦ୍ଧରେ ବିପ୍ଳବ- ଏହି ବିପ୍ଳବ ଅନେକ ଦିନର ପାପର ପ୍ରାୟଶ୍ଚିତର ବିଧାନ।..... ନବ୍ୟ ଋଷିଆ ମାନବ ସଭ୍ୟତାର ପଞ୍ଜରାରୁ ଏକ ବିରାଟ ମୃତ୍ୟୁ ସେଲ୍ ନିକାଲିବାର ସାଧନା କରୁଛି, ଯାହାକୁ କୁହାଯାଏ ଲୋଭ। ପ୍ରାର୍ଥନା ଆପଣା ଛାଏଁ ଜାଗି ଉଠେ ଯେ ସେମାନଙ୍କର ଏହି ସାଧନା ସଫଳ ହେଉ।"(୪୩) ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯେତେବେଳେ ଫାସିଷ୍ଟ ଶକ୍ତିର ଆକ୍ରମଣରେ ସମଗ୍ର ମାନବ ସଭ୍ୟତା ବିପନ୍ନ, ସେତେବେଳେ ମୃତ୍ୟୁ ଶଯ୍ୟାରେ ଶାୟିତ ରବିନ୍ଦ୍ରନାଥ ତ୍ରାତା ଭାବେ ସୋଭିଏତ ୟୁନିୟନ୍‌କୁ ହିଁ ଗଣ୍ୟ କରିଥିଲେ। ସେହି ସମୟରେ ତାଙ୍କର ଦେଖାଶୁଣା କରୁଥିଲେ ବୈଜ୍ଞାନିକ ପ୍ରଶାନ୍ତଚନ୍ଦ୍ର ମହଲାନବିଶ। ସେ ଲେଖିଛନ୍ତି, "ଯେତେବେଳେ ଜର୍ମାନୀ ଋଷିଆ ଆକ୍ରମଣ କଲା, ଶେଷ ଅବସ୍ଥାରେ ଅସୁସ୍ଥ ରବିନ୍ଦ୍ରନାଥ ଶଯ୍ୟାରେ ଥାଇ ବାରମ୍ବାର ପଚାରି ବୁଝୁଥିଲେ ଋଷିଆରେ କଣ ହେଉଛି। ଥରକୁ ଥର କହୁଥାନ୍ତି, 'ସବୁଠାରୁ ବେଶୀ ଖୁସି ହେବି ଯଦି ଋଷିଆ ଜିତେ।' ଯୁଦ୍ଧ ଖବର ଜାଣିବା ପାଇଁ ସକାଳୁ ହିଁ ଅପେକ୍ଷା କରି ରହିଥାନ୍ତି। ଯେଉଁଦିନ ଋଷିଆର ଖବର ଟିକେ ଖରାପ, ସେଦିନ ଖୁବ ମ୍ଳାନ ହୋଇଯାଉଥିଲେ, ଖବର କାଗଜ ଫୋପାଡି ଦେଉଥିଲେ। ଯେଉଁଦିନ ତାଙ୍କର ଅପରେସନ୍ ହେଲା, ସେଦିନ ସକାଳେ ଅପରେସନ୍‌ର ଠିକ ଅଧଘଣ୍ଟା ପୂର୍ବରୁ ମୋ ସହିତ ତାଙ୍କର ଶେଷ କଥା- 'ଋଷିଆର କଥା କୁହ,' କହିଲି, 'ଟିକେ ଭଲ ମନେ ହେଉଛି, ହୁଏତ ସାମାନ୍ୟ ଅଟକାଇ ଦେଇଛି।' କବିଙ୍କର ମୁଖ ମଣ୍ଡଳ ଉଜ୍ଜ୍ୱଳ ହୋଇ ଉଠିଲା, କହିଲେ, 'ହେବ ନାହିଁ' ? ସେମାନଙ୍କ ଦ୍ୱାରା ହିଁ ତ ହେବ। ପାରିବେ, ସେମାନେ ହିଁ ପାରିବେ।"(୪୪) (ତଥ୍ୟ ସୂତ୍ର- କବି କଥା, ପ୍ରଶାନ୍ତଚନ୍ଦ୍ର ମହଲାନବିଶ, ବିଶ୍ୱବାଣୀ ପତ୍ରିକା) ଷ୍ଟାଲିନଙ୍କ

ନେତୃତ୍ୱାଧୀନ ସୋଭିଏତ୍ ୟୁନିୟନ୍ ପ୍ରତି ରବିନ୍ଦ୍ରନାଥଙ୍କର କେତେ ବଡ଼ ଆସ୍ଥା ଥିଲା ! ଦୁଃଖର ବିଷୟ, ସେ ସୋଭିଏତ୍ ୟୁନିୟନ୍‌ର ଯୁଦ୍ଧ ଜୟ ଦେଖି ଯାଇପାରି ନାହାନ୍ତି। ସୋଭିଏତ୍ ସମାଜତନ୍ତ୍ରର ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇ ଶରତଚନ୍ଦ୍ର ସ୍ୱାଧୀନତା ଆନ୍ଦୋଳନ ଯୁଗରେ ଗାନ୍ଧିଜୀଙ୍କ ମୂଲ୍ୟାୟନ କରିବାକୁ ଯାଇ ଅଳ୍ପ କଥାରେ କହିଥିଲେ, "ତାଙ୍କର ଅସଲ ଭୟ ସୋସିଆଲିଜମକୁ। ତାଙ୍କୁ ଘେରି ରହିଛନ୍ତି ଧନୀମାନେ, ବ୍ୟବସାୟୀମାନେ। ସମାଜତନ୍ତ୍ରୀମାନଙ୍କୁ ସେ କିପରି ଗ୍ରହଣ କରିବେ। ଏହିଠାରେ ମହାତ୍ମାଙ୍କର ଦୁର୍ବଳତାକୁ ଅସ୍ୱୀକାର କରିବା ଚଳିବ ନାହିଁ।"[୪୫] ନିଷ୍ଠୁର ଅତ୍ୟାଚାରରେ ଜର୍ଜରିତ ଶ୍ରମିକମାନଙ୍କ ଦୁର୍ଦ୍ଦଶା ଦେଖି ଶ୍ରୀକାନ୍ତ ଉପନ୍ୟାସରେ ଶ୍ରମିକମାନଙ୍କୁ ପୁଞ୍ଜିବାଦୀ ସଭ୍ୟତାର ଧ୍ୱଂସର ଆହ୍ୱାନ ଜଣାଇ କହିଥିଲେ, "ଆଧୁନିକ ସଭ୍ୟତାର ବାହନ ତୁମେ- ତମେ ମର। କିନ୍ତୁ ଯେଉଁ ନିର୍ମମ ସଭ୍ୟତା ତୁମକୁ ଏପରି କରିଛି, ତାକୁ ତୁମେମାନେ କୌଣସି ପ୍ରକାର ବି କ୍ଷମା କର ନାହିଁ। ଯଦି ବୋହି ନେବାକୁ ହୁଏ ଦ୍ରୁତ ବେଗରେ ଏହାକୁ ତୁମେ ରସାତଳକୁ ବୋହି ନେଇଯାଅ।" ସେହି ଯୁଗର ବିପ୍ଳବୀମାନଙ୍କୁ ଶ୍ରମିକ ବିପ୍ଳବର ଅପରିହାର୍ଯ୍ୟତା ବୁଝାଇବା ସକାଶେ ଶରତଚନ୍ଦ୍ର 'ପଥର ଦାବୀ' ଉପନ୍ୟାସରେ ଶ୍ରମିକମାନଙ୍କୁ କହିଛନ୍ତି, ".....ଏହା ଯେ କେବଳ ଧନୀ ବିରୁଦ୍ଧରେ ଦରିଦ୍ରର ଆତ୍ମ ରକ୍ଷାର ଲଢ଼େଇ। ଏଥିରେ ଦେଶ ନାହିଁ, ଜାତି ନାହିଁ, ଧର୍ମ ନାହିଁ- ହିନ୍ଦୁ ନାହିଁ, ମୁସଲମାନ ନାହିଁ, ଜୈନ ଶିଖ କେହି ନାହିଁ- ଅଛି କେବଳ ଧନୋନ୍ମତ୍ତ ମାଲିକ ଆଉ ତାର ଅଶେଷ ପ୍ରବଞ୍ଚିତ ଅଭୁକ୍ତ ଶ୍ରମିକ। ତୁମମାନଙ୍କ ଦୈହିକ ଶକ୍ତିକୁ ସେ ଭୟ କରେ, ତୁମମାନଙ୍କ ଶିକ୍ଷାର ଶକ୍ତିକୁ ସେମାନେ ଅତ୍ୟନ୍ତ ସଂଶୟ ଦୃଷ୍ଟିରେ ଦେଖନ୍ତି, ତୁମମାନଙ୍କ ଜ୍ଞାନର ଆକାଂକ୍ଷାରେ ସେମାନଙ୍କର ରକ୍ତ ଶୁଖିଯାଏ।..... ତେଣୁ, ତୁମମାନଙ୍କ ଜୀବନଧାରଣ ଟିକକ ଠାରୁ ବେଶୀ ତିଳାର୍ଦ୍ଧ ଯେ ସେମାନେ କୌଣସି ଦିନ ସ୍ୱେଚ୍ଛାରେ ଦେବେ ନାହିଁ- ଏ ସତ୍ୟ ହୃଦୟଙ୍ଗମ କରିବା କ'ଣ ତୁମମାନଙ୍କ ପକ୍ଷରେ ଏତେ କଠିନ ? ..... କେତେକ ହାତ ଗଣତି କୁଲି ମଜୁରିଆଙ୍କ ମଙ୍ଗଳ କିଛି କରିବା ପାଇଁ ମୁଁ ପଥର ଦାବୀ ସୃଷ୍ଟି କରିନାହିଁ। ଏହାର ଲକ୍ଷ୍ୟ ବହୁତ ବଡ଼। ଏହିଭଳି ଭାବେ ଏମାନଙ୍କର ମଙ୍ଗଳ କରାଯାଏନା- କେବଳ ବିପ୍ଳବ ମଧ୍ୟଦେଇ ଏମାନଙ୍କର ମଙ୍ଗଳ କରାଯାଇ ପାରିବ ।" ଆତଙ୍କିତ ବ୍ରିଟିଶ ସାମ୍ରାଜ୍ୟବାଦୀ ସରକାର ଏହି ଉପନ୍ୟାସକୁ ନିଷିଦ୍ଧ କରିବା ସମୟରେ ତାତ୍ପର୍ଯ୍ୟପୂର୍ଣ୍ଣଭାବେ କହିଥିଲେ, "Towards the end of the book the hero works himself upon a state of frenzy, throws away all restraints and preaches pure Boleshevism"[46] ଏହି ଶରତଚନ୍ଦ୍ର 'ସାହିତ୍ୟରେ ଆର୍ଟ ଓ ଦୁର୍ନୀତି' ନିବନ୍ଧରେ କହିଛନ୍ତି, "ଏହି ଅଭିଶପ୍ତ ଅଶେଷ ଦୁଃଖର ଦେଶରେ

ନିଜର ଅଭିମାନକୁ ବିସର୍ଜନ ଦେଇ ଋଷ ସାହିତ୍ୟ ଭଳି ଯେଉଁ ଦିନ ସେ ସମାଜର ଆହୁରି ତଳ ସ୍ତରକୁ ଓହ୍ଲାଇ ଯାଇ ସେମାନଙ୍କ ସୁଖ, ଦୁଃଖ, ବେଦନାର ମଝିରେ ଠିଆ ହୋଇ ପାରିବ, ସେଦିନ ଏହି ସାହିତ୍ୟ ସାଧନା କେବଳ ସ୍ୱଦେଶରେ ନୁହେଁ, ବିଶ୍ୱ ସାହିତ୍ୟରେ ମଧ୍ୟ ନିଜର ସ୍ଥାନ ଅଧିକାର କରି ପାରିବ ।" ବିଶିଷ୍ଟ ଦେଶପ୍ରେମୀ ମାନବତାବାଦୀ ତାମିଲ ସାହିତ୍ୟିକ ସୁବ୍ରମଣ୍ୟମ ଭାରତୀ ସୋଭିଏତ୍ ବିପ୍ଳବ ପ୍ରତି ଆକୃଷ୍ଟ ହୋଇ ଲେଖିଥିଲେ, "It appears as if the socialist party ( communist party ) in Russia would achieve its objectives. ... The main principle of this party is to change the present property ownership by which a few are wealthy and many are poor...." (47) ଆଉ ଜଣେ ଦେଶପ୍ରେମୀ ମାନବତାବାଦୀ ହିନ୍ଦୀ ସାହିତ୍ୟିକ ପ୍ରେମଚାନ୍ଦ ମଧ୍ୟ ସୋଭିଏତ୍ ସମାଜତନ୍ତ୍ରର ପ୍ରଶଂସା କରି ଲେଖିଥିଲେ, "ସୋଭିଏତ ଋଷିଆର ପଞ୍ଚବାର୍ଷିକୀ ପରିକଳ୍ପନାର ଫଳ ଆଶାତୀତ ହୋଇଛି । .....ଯେଉଁଠି ମଣିଷର ଶାସନ ବ୍ୟବସ୍ଥା ମଣିଷ ଦ୍ୱାରା ପରିଚାଳିତ ହୁଏ, ସେଇଠି ଏହି ସାଫଲ୍ୟ ହିଁ ଅର୍ଜିତ ହୁଏ । ....ଋଷିଆ ଏକାଗ୍ର ଚିତ୍ତରେ ଉନ୍ନତି ପଥରେ ଆଗେଇ ଚାଲିଛି । ସେଠାରେ ବେକାରିତ୍ୱ ନାହିଁ, ବାଣିଜ୍ୟରେ ମାନ୍ଦା ମଧ୍ୟ ନାହିଁ ।" ( ସୋଭିଏତ ଋଷିଆରେ ଉନ୍ନତି ) । ପୁଣି ସେହି ଯୁଗର ବଙ୍ଗଳାର ସଂଗ୍ରାମୀ କବି ନଜରୁଲ ଇସଲାମ୍ କାବ୍ୟିକ ଭାଷାରେ ଋଷିଆର ବିପ୍ଳବର ପ୍ରଶଂସା କରି ଲେଖିଥିଲେ, "ଦୂର ସିନ୍ଧୁ ତୀରେ ବସି ଋଷି କାର୍ଲ ମାର୍କ୍ସ ଯେଉଁ ମାରଣ ତନ୍ତ୍ର ଉଚ୍ଚାରଣ କରିଥିଲେ, ତାହା ଏତେ ଦିନ ପରେ ତକ୍ଷକର ବେଶରେ ଆସି ପ୍ରାସାଦରେ ଲୁକ୍କାୟିତ ଶତ୍ରୁକୁ ଦଂଶନ କଲା । ଜାର ଗଲା– ଜାରର ରାଜ୍ୟ ଗଲା, ଧନତାନ୍ତ୍ରିକ ପ୍ରାସାଦ ହାତୁଡି, ଶାବଳର ଆଘାତରେ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଗଲା । କାର୍ଲ ମାର୍କ୍ସଙ୍କ ଇକୋନୋମିକ୍ସର ଅଙ୍କ ଏହି ଯାଦୁଗରଙ୍କ ହାତରେ ପଡି ଆଜି ବିଶ୍ୱର ଅଙ୍କ ଲକ୍ଷ୍ମୀ ହୋଇ ଉଠିଛି । ପଥରର ସ୍ତୁପ ସୁନ୍ଦର ତାଜମହଲରେ ପରିଣତ ହୋଇଛି । ଭୋରର ପାଣ୍ଡୁର ଜ୍ୟୋତ୍ସ୍ନାଲୋକ ପରି ଏହାର କରୁଣ ମାଧୁରୀ ବିଶ୍ୱକୁ ପରିବ୍ୟାପ୍ତ କରି ପକାଇଛି ।"(୪୮) କବି ନଜରୁଲ ଆନ୍ତର୍ଜାତିକ ସଙ୍ଗୀତର ଅନୁକରଣରେ ଏକ ସଙ୍ଗୀତ ମଧ୍ୟ ରଚନା କରିଥିଲେ ।

ଆପଣମାନଙ୍କ ମଧ୍ୟରୁ ଅନେକେ ହୁଏତ ଜାଣନ୍ତି ନାହିଁ ଯେ, ଶହୀଦ୍–ଏ–ଆଜମ୍ ଭଗତ ସିଂ ସୋଭିଏତ ସମାଜତନ୍ତ୍ର ପ୍ରତି ଆକୃଷ୍ଟ ହୋଇ ନିଜକୁ ମାର୍କ୍ସବାଦୀ ଭାବେ ଘୋଷଣା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ୧୯୩୦ ମସିହା ଜାନୁଆରୀ ୨୧ ତାରିଖ ଦିନ ଲେନିନ୍‌ଙ୍କ ମୃତ୍ୟୁ ଦିବସରେ ସାଥିମାନଙ୍କ ସହିତ ଅଦାଲତର କାଠଗଡାରେ ଛିଡା ହୋଇ ସ୍ଲୋଗାନ ଦେଇଥିଲେ, 'ସମାଜତାନ୍ତ୍ରିକ ବିପ୍ଳବ

ଜିନ୍ଦାବାଦ,' 'କମ୍ୟୁନିଷ୍ଟ ଇଣ୍ଟରନେସନାଲ ଜିନ୍ଦାବାଦ', 'ମହାନ ଲେନିନ୍ ଅମର ରହେ।' ତା ପରେ ସେ ଏକ ଲିଖିତ ବିବୃତ୍ତି ପାଠ କରିଥିଲେ। ସେଥିରେ ଅଛି, "ଆଜି ଲେନିନ ଦିବସରେ, ଆମେମାନେ ସେମାନଙ୍କୁ ସମସ୍ତଙ୍କୁ ହିଁ ଆମ ହୃଦୟର ଅଭିନନ୍ଦନ ଜଣାଉଛୁ, ଯେଉଁମାନେ ମହାନ୍ ବିପ୍ଳବୀ ଲେନିନ୍‌ଙ୍କ ନୀତି ଓ ଆଦର୍ଶକୁ ସାମ୍ନାରେ ରଖି କିଛି ନା କିଛି କାମ କରି ଚାଲିଛନ୍ତି। ଋଷିଆ ବୁକୁରେ ଆଗେଇ ଚାଲିଥିବା ସାମାଜିକ, ଅର୍ଥନୈତିକ ପରୀକ୍ଷା-ନିରୀକ୍ଷା ଗୁଡିକ ସହିତ ଆମେ ଏକାତ୍ମତା ପ୍ରକାଶ କରୁଛୁ। ସର୍ବହରାର ବିଜୟ ଅବଧାରିତ। ପୁଞ୍ଜିବାଦର ଧ୍ୱଂସ ଅନିବାର୍ଯ୍ୟ। ସାମ୍ରାଜ୍ୟବାଦର ମୃତ୍ୟୁ ମଧ୍ୟ ଆସନ୍ନ।" ଫାଶୀ ପୂର୍ବରୁ ଏକ ଚିଠିରେ ସହଯୋଦ୍ଧା ଓ ଶହୀଦ ଶୁକଦେବଙ୍କୁ ଭରସା ଦେଇ ଲେଖିଥିଲେ, "You and I may not live but our people will survive. The cause of Marxism and Communism is sure to win."(49)

ନେତାଜୀ ସୁଭାଷଚନ୍ଦ୍ର ବୋଷ ମଧ୍ୟ ମାର୍କ୍ସବାଦ ଓ ସୋଭିଏତ୍ ବିପ୍ଳବ ପ୍ରତି ଶ୍ରଦ୍ଧା ଜ୍ଞାପନ କରି କହିଥିଲେ, "ଉନବିଂଶ ଶତାବ୍ଦୀରେ ଜର୍ମାନୀ ବିଶ୍ୱ ସଭ୍ୟତାକୁ ତାର ମାର୍କ୍ସୀୟ ଦର୍ଶନ ମାଧ୍ୟମରେ ଉଲ୍ଲେଖଯୋଗ୍ୟ ଅବଦାନ ଦେଇଥିଲା, ବିଂଶ ଶତାବ୍ଦୀରେ ଋଷିଆ ସର୍ବହରା ବିପ୍ଳବ, ସର୍ବହରା ସରକାର ଓ ସଂସ୍କୃତି କ୍ଷେତ୍ରରେ କୃତିତ୍ୱ ମଧ୍ୟଦେଇ ବିଶ୍ୱ ସଂସ୍କୃତି ଓ ସଭ୍ୟତାକୁ ସମୃଦ୍ଧ କରିଛି।" ୧୯୩୮ ମସିହା ହରିପୁରା କଂଗ୍ରେସ ଅଧିବେଶନର ସଭାପତି ଭାଷଣରେ ସେ ସାମ୍ରାଜ୍ୟବାଦ ବିରୋଧୀ ସଂଗ୍ରାମରେ ସୋଭିଏତ୍ ୟୁନିୟନ୍ ପ୍ରତି ଗଭୀର ଭରସା ବ୍ୟକ୍ତ କରି କହିଥିଲେ, "Against this background of unrest stands soviet Russia, whose very existence strikes terror into the heart of the rulling classes in every imperialist state."(50) ( crossroads) ପୁନଶ୍ଚ ଦ୍ୱିତୀୟ ବିଶ୍ୱଯୁଦ୍ଧ ପ୍ରାକ୍ କାଳରେ ସାମ୍ରାଜ୍ୟବାଦୀ ଇଂଲଣ୍ଡ ଓ ଫ୍ରାନ୍ସ ଯେତେବେଳେ ଫାସିଷ୍ଟ ଜର୍ମାନୀ ଓ ଇଟାଲୀ ସହିତ ହାତ ମିଳାଇ ସୋଭିଏତ୍ ୟୁନିୟନ୍‌କୁ ଧ୍ୱଂସ କରିବା ସକାଶେ ଷଡଯନ୍ତ୍ର କରୁଥିଲେ, ସେତେବେଳେ ଗଭୀର ଉଦ୍‌ବେଗରେ ୧୯୩୯ ମସିହା ତ୍ରିପୁରୀ କଂଗ୍ରେସ ଅଧିବେଶନରେ ନେତାଜୀ କହିଥିଲେ, "The so called democratic powers, France and Great Britain have joined Italy and Germany in conspiring to eliminate Soviet Russia from European Politics for the time being. But how long will that be possible?"(51) ( crossroads ). ଆଇ.ଏନ୍.ଏ ବାହିନୀ ପରାସ୍ତ ହେବା ପରେ ୧୯୪୫ ମସିହା ମେ ୨୫ରେ ସିଙ୍ଗାପୁର ବେତାର କେନ୍ଦ୍ରରୁ ସେ ଆଶାର ବାଣୀ ଶୁଣାଇ କହିଥିଲେ, "ଆଜି ଯଦି ୟୁରୋପରେ ଏପରି ଜଣେ ମାତ୍ର ବ୍ୟକ୍ତି

କେହି ଥାନ୍ତି ଯାହାଙ୍କ ହାତରେ ଆଗାମୀ କେତେ ଦଶକ ନିମନ୍ତେ ୟୁରୋପୀୟ ଜାତିଗୁଡିକର ଭାଗ୍ୟ ନ୍ୟସ୍ତ, ତେବେ ସେ ହେଉଛନ୍ତି ମାର୍ଶାଲ ଷ୍ଟାଲିନ୍। ସୁତରାଂ ଭବିଷ୍ୟତରେ ସୋଭିଏତ୍ ୟୁନିୟନ୍ କଣ କରିବ ନ କରିବ, ସେଥିପ୍ରତି ସର୍ବାଧିକ ଉଦ୍‌ବେଗର ସହିତ ସାରା ବିଶ୍ୱ ଏବଂ ସର୍ବୋପରି ସମଗ୍ର ୟୁରୋପ ଅନେଇ ରହିବ.... ଯୁଦ୍ଧ ପରବର୍ତ୍ତୀ ୟୁରୋପରେ ଗୋଟିଏ ମାତ୍ର ଶକ୍ତି ଅଛି ଯା'ର ନିଜସ୍ୱ ପରିକଳ୍ପନା ଅଛି ଏବଂ ଯିଏ ପରିକଳ୍ପନା ପ୍ରୟୋଗ କରିବାର ଯୋଗ୍ୟ, ସେହି ଶକ୍ତି ହେଉଛି ସୋଭିଏତ୍ ୟୁନିୟନ୍। ସୁତରାଂ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛୁ ଯେ, ସୋଭିଏତ୍ ୟୁନିୟନ୍‌ରେ ଯେଉଁ ପରିକଳ୍ପନା ସଫଳ ଭାବେ ରୂପାୟିତ ହୋଇଛି, ତାକୁ ଗ୍ରହଣ କରିବା ବ୍ୟତୀତ ୟୁରୋପୀୟ ଦେଶଗୁଡିକର ଅନ୍ୟ କୌଣସି ବିକଳ୍ପ ପଥ ନାହିଁ।"(୫୨) ସୋଭିଏତ ସମାଜତନ୍ତ୍ର ଉପରେ କେତେ ବିରାଟ ଆସ୍ଥା ଥିବାରୁ ପରାଜୟର ସମ୍ମୁଖୀନ ହୋଇ ମଧ୍ୟ ନେତାଜୀ ଏହି ଆଶାର ବାଣୀ ଶୁଣାଇଥିଲେ ! ଅଥଚ ଏହା ବୁଝିଲା ଭଳି ମାନସିକତା ଆଜି ଏ ଦେଶରେ କେତେଜଣଙ୍କର ଅଛି ? ଆଜିକାଲି ବୁଦ୍ଧିଭ୍ରଷ୍ଟ, ଟଙ୍କାରେ ବିକ୍ରି ହେଉଥିବା ଯେଉଁସବୁ ବୁଦ୍ଧିଜୀବୀମାନେ ମାର୍କ୍ସବାଦ, ସମାଜତନ୍ତ୍ର ଓ ମହାନ ଷ୍ଟାଲିନଙ୍କ ବିରୁଦ୍ଧରେ ଅପପ୍ରଚାର ଚଳାଉଛନ୍ତି, ସେମାନେ କଣ ଯଥାର୍ଥ ବୁଦ୍ଧିଜୀବୀ ଓ ଦେଶପ୍ରେମୀ ? ନା, ଉପରେ ଯେଉଁମାନଙ୍କ ନାମ ଉଲ୍ଲେଖ କଲି, ସେମାନେ ହିଁ ଯଥାର୍ଥ ବୁଦ୍ଧିଜୀବୀ ଓ ଦେଶପ୍ରେମୀ ? ଆପଣମାନେ ବିଚାର କରି ଦେଖନ୍ତୁ।

ସେହି ସମୟରେ ବିଶ୍ୱରେ ଏପରି କୌଣସି ବରେଣ୍ୟ ସାହିତ୍ୟିକ, ଚିନ୍ତାବିଦ୍ ଓ ରାଜନୀତିବିଦ୍ ନଥିଲେ, ମତବାଦିକ ପାର୍ଥକ୍ୟ ସତ୍ତ୍ୱେ ବି ଯେଉଁମାନେ ଷ୍ଟାଲିନଙ୍କ ଶ୍ରେଷ୍ଠତ୍ୱ ଓ ମହତ୍ୱକୁ ଶ୍ରଦ୍ଧା କରି ନାହାନ୍ତି। ୧୯୫୬ ମସିହାରେ ବୁର୍ଜୁଆ ଏଜେଣ୍ଟ କ୍ରୁଶ୍ଚେଭ ଋଷିଆରେ କ୍ଷମତାରେ ଅଧିଷ୍ଠିତ ହୋଇ ଯେତେବେଳେ ଏହି ମହାନ୍ ନେତାଙ୍କ ବିରୁଦ୍ଧରେ କୁତ୍ସା ରଟନା ଆରମ୍ଭ କଲେ, ସେସମ୍ପର୍କରେ କମ୍ରେଡ ଶିବଦାସ ଘୋଷ ଚେତାବନୀ ଦେଇ କହିଥିଲେ, "....ତାଙ୍କର ପୂର୍ବସୂରୀ ମାର୍କ୍ସ, ଏଙ୍ଗେଲ୍ସ ଏବଂ ଲେନିନଙ୍କ ଭଳି ଷ୍ଟାଲିନ୍ ମଧ୍ୟ ମାର୍କ୍ସବାଦ-ଲେନିନବାଦ ସମ୍ପର୍କରେ ଜଣେ ଅଥରିଟି। ତେଣୁ ଷ୍ଟାଲିନଙ୍କୁ ପୋଛି ଦେବାର ଅନିବାର୍ଯ୍ୟ ପରିଣାମ ହେଲା, ତାଙ୍କର ଅଥରିଟିକୁ ଅସ୍ୱୀକାର କରିବା, ଯାହାର ଅର୍ଥ ଲେନିନବାଦ ସମ୍ପର୍କରେ ତାଙ୍କର ଉପଲବ୍ଧି- ଯାହା ମାର୍କ୍ସବାଦ-ଲେନିନବାଦ ସମ୍ପର୍କରେ ଆଜିକାର ଦିନର ସଠିକ ଉପଲବ୍ଧି- ତାକୁ ହିଁ ଅସ୍ୱୀକାର କରିବା। ....ଏହାଦ୍ୱାରା ମାର୍କ୍ସବାଦ-ଲେନିନବାଦ ନାଁରେ ଯାବତୀୟ ପ୍ରତିବିପ୍ଳବୀ ଚିନ୍ତା-ଭାବନା ଆମଦାନୀର ରାସ୍ତା ଖୋଲି ଦିଆ

ହେବ ଏବଂ ସାମ୍ୟବାଦୀ ଆନ୍ଦୋଳନର ଆଦର୍ଶଗତ ଭିତ୍ତି ହିଁ କ୍ଷତିଗ୍ରସ୍ତ ହେବ"(୫୩) ବାସ୍ତବରେ ତାହା ହିଁ ଘଟିଲା । ତେଣୁ ଆଜି ମାର୍କ୍ସବାଦ ପ୍ରଚାର ଓ ଗ୍ରହଣ କରିବାର ସଂଗ୍ରାମ, ସମାଜତାନ୍ତ୍ରିକ ବିପ୍ଳବ ଗଢି ତୋଳିବାର ସଂଗ୍ରାମ ଏବଂ ମହାନ ଷ୍ଟାଲିନଙ୍କ ବିରୁଦ୍ଧରେ ଚାଲିଥିବା ଅପପ୍ରଚାରକୁ ପରାସ୍ତ କରି ତାଙ୍କୁ ଯଥାର୍ଥ ମର୍ଯ୍ୟାଦାର ଆସନରେ ପୁନଃ ପ୍ରତିଷ୍ଠିତ କରିବାର ସଂଗ୍ରାମ  ଅଙ୍ଗାଙ୍ଗୀଭାବେ ଜଡିତ ।

## ସମାଜତନ୍ତ୍ରର ପତନରୁ ଶିକ୍ଷା ନେଇ ଆମେ ଆଗେଇ ଯିବୁ

ଆପଣମାନଙ୍କୁ ମନେପକାଇ ଦେବାକୁ ଚାହେଁ, ମନିଷୀ ରମାଁ ରୋଲାଁ ଦିନେ ଗଭୀର ଉଦ୍‌ବେଗର ସହ କହିଥିଲେ, "ଯଦି ସୋଭିଏତ୍ ଗଣତନ୍ତ୍ର ଧ୍ୱଂସ ହୋଇଯାଏ..... ତେବେ ବିଶ୍ୱର ସର୍ବହରା ଶ୍ରେଣୀ କେବଳ କ୍ରୀତଦାସରେ ଯେ ପରିଣତ ହେବ ତାହା ନୁହେଁ, ସାମାଜିକ ବା ବ୍ୟକ୍ତିଗତ ସମସ୍ତ ପ୍ରକାର ସ୍ୱାଧୀନତାର ହିଁ ସମାଧି ରଚନା ହେବ ।..... କେତେ ଶତାବ୍ଦୀ ଧରି ସେଠାରେ ଗଭୀର ଅନ୍ଧକାର ନଇଁ ଆସିବ ।"(୫୪)  ଏହି କଥା ଆଜି ମର୍ମାନ୍ତିକ ସତ୍ୟ ହୋଇ ଦେଖା ଦେଇଛି । ବିଶ୍ୱର ସମସ୍ତ ଦେଶରେ, ଜୀବନର ସର୍ବ କ୍ଷେତ୍ରକୁ ଗଭୀର ଅନ୍ଧକାର ଗ୍ରାସ କରିଛି । ବିଶ୍ୱ ସାମ୍ରାଜ୍ୟବାଦ-ପୁଞ୍ଜିବାଦ ପଚାସଢା ଦୁର୍ଗନ୍ଧମୟ ମୃତପ୍ରାୟ ଶବଦେହ ଭଳି ଜୀବନକୁ ସମସ୍ତ ଦିଗରୁ ଦୂଷିତ ଓ ଦୁଃସହ କରି ପକାଇଛି । ଏହିଭଳିଭାବେ ଚାଲିଲେ ଏହି ସଙ୍କଟ ଆହୁରି ଭୟାବହ ରୂପ ନେବ । ଏକମାତ୍ର ଆଶାର ଆଲୋକ ହେଲା, ବୈଜ୍ଞାନିକ ମତବାଦ ମାର୍କ୍ସବାଦ-ଲେନିନବାଦ-ଶିବଦାସ ଘୋଷଙ୍କ ଚିନ୍ତାଧାରା ଏବଂ ଏହି ଅମୋଘ ହତିଆରରେ ଶିକ୍ଷିତ ଶ୍ରମିକ ଶ୍ରେଣୀ ନେତୃତ୍ୱରେ ସଫଳ ସମାଜତାନ୍ତ୍ରିକ ବିପ୍ଳବ । ମାନବ ସଭ୍ୟତାକୁ ବଞ୍ଚାଇବାକୁ ହେଲେ ଦେଶେ ଦେଶେ ଏହି ବିପ୍ଳବକୁ ଅବଶ୍ୟ ହିଁ ସଫଳ କରିବାକୁ ହେବ । ଆମେ ଆମ ଦେଶର ବିପ୍ଳବୀ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ଦ୍ୱାରା ଅନ୍ୟ ଦେଶର ବିପ୍ଳବୀ ଆନ୍ଦୋଳନକୁ ମଧ୍ୟ ଅନୁପ୍ରାଣିତ କରିପାରିବୁ । ମହାନ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ ଶିବଦାସ ଘୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ଆମ ଦଳ ଉପରେ ହିଁ ଆଜି ଏହି ଐତିହାସିକ ଦାୟିତ୍ୱ ପଡ଼ିଛି । ଥରେ ମନେପକାନ୍ତୁ, ଏହି ଐତିହାସିକ ଉଦ୍ଦେଶ୍ୟ ନେଇ କମ୍ରେଡ ଶିବଦାସ ଘୋଷ କେତେ ପ୍ରତିକୂଳତା ବିରୁଦ୍ଧରେ କି କଠୋର ଓ କଠିନ ସଂଗ୍ରାମ ଚଳାଇ ଏହି ଦଳଟିକୁ ଗଢି ତୋଳିଛନ୍ତି ! ଆମର ଏହି ପ୍ରିୟ ଦଳକୁ ସଂହତ, ବିସ୍ତାରିତ ଓ ଶକ୍ତିଶାଳୀ କରିବା କ୍ଷେତ୍ରରେ ଆଜିକାର ପରିସ୍ଥିତି ସେଦିନ ତୁଳନାରେ କେତେ ଅନୁକୂଳ ! ଆମ ଉପରେ ନ୍ୟସ୍ତ ଏହି ଐତିହାସିକ ଦାୟିତ୍ୱକୁ ଆମେ କିଭଳି ପାଳନ କରିପାରୁ, ସେସମ୍ପର୍କରେ ଆମର ମହାନ ଶିକ୍ଷକ କମ୍ରେଡ ଶିବଦାସ ଘୋଷଙ୍କର

ଏକ ମୂଲ୍ୟବାନ ଆହ୍ୱାନ ମନେ ପକାଇ ଦେବାକୁ ଚାହେଁ। ସେ କହିଛନ୍ତି, "......ଭାରତବର୍ଷର ସମାଜ ମୁକ୍ତି ଯନ୍ତ୍ରଣାରେ ଛଟପଟ୍ କରୁଛି।..... ମଣିଷ ପରିବର୍ତ୍ତନ ଚାହୁଁଛି। ପୁରୁଣା ସମାଜର ମିଲିଟାରୀ ଶକ୍ତି ଉପରେ ନିର୍ଭର କରିବା ବ୍ୟତୀତ ଶାସକ ଗୋଷ୍ଠୀର ନିର୍ଭର କଲା ଭଳି ଆଜି ଆଉ କିଛି ନାହିଁ। ଆଉ ସେମାନେ ନିର୍ଭର କରୁଛନ୍ତି ମଣିଷର ଅଜ୍ଞତା ଓ ରାଜନୈତିକ ବିଭ୍ରାନ୍ତି ଉପରେ– କିନ୍ତୁ ଏହା ଖୁବ ବଡ କିଛି ନୁହେଁ।..... କେବଳ ମଣିଷର ସଂଗଠିତ, ସଚେତନ ରାଜନୈତିକ ଆନ୍ଦୋଳନର ଅଭାବ, ଆଉ ଯେତିକି ନ୍ୟୁନତମ ଶକ୍ତି ହେଲେ ଜନତାଙ୍କୁ .... ଏକ ସଂଗଠିତ ଲଗାତାର ଦୀର୍ଘସ୍ଥାୟୀ ବିପ୍ଳବୀ ଲଢେଇରେ ଓହ୍ଲାଇ ଦିଆଯାଇ ପାରେ, ସେତିକି ଶକ୍ତି ସମ୍ପନ୍ନ ଏକ ଯଥାର୍ଥ ବିପ୍ଳବୀ ଦଳର ଅଭାବ।..... ଆଗାମୀ ସମୟ ଆମମାନଙ୍କ ନିକଟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପାର୍ଟିଟିକୁ ଦ୍ରୁତ ଅତି ଅଳ୍ପ ସମୟ ମଧ୍ୟରେ ରାଜନୈତିକ ଏବଂ ସାଙ୍ଗଠନିକ ଦିଗରୁ ବିପ୍ଳବର ନେତୃତ୍ୱ ଦେଲା ଭଳି ଶକ୍ତିଶାଳୀ କରି ଗଢିତୋଳିବାକୁ ହେବ। ପୂର୍ବରୁ ଭାବିଥିଲେ ମଧ୍ୟ ଆମେ ଏକାର୍ଯ୍ୟ କରିପାରି ନଥାନ୍ତୁ। କିନ୍ତୁ ବର୍ତ୍ତମାନ ଆମର ଯାହା ସଂଖ୍ୟା, ତାହା ଦ୍ୱାରା ଆମେ ଆଗେ ପ୍ରତିଟି ନେତା ଓ କର୍ମୀ ଯଦି ଏହି କଥା ଭାବି ଏହାକୁ ରୂପ ଦେବା ପାଇଁ ଚେଷ୍ଟା କରୁ ତା'ହେଲେ ଆମେ ଏ କାମ କରି ପାରିବା। ସେଥିପାଇଁ ପ୍ରତ୍ୟେକ ନେତା ଓ କର୍ମୀଙ୍କୁ ସେମାନଙ୍କର ନିଜସ୍ୱ ଉଦ୍ୟୋଗ ଓ ବୁଦ୍ଧି ଅନୁଯାୟୀ– ପାରନ୍ତୁ ବା ନ ପାରନ୍ତୁ, ସଫଳତା ମିଳୁ ବା ବିଫଳତା ମିଳୁ– କର୍ମ ବିମୁଖ ନହୋଇ କାମ କରିଯିବାକୁ ହେବ।"[୫୫] ମୁଁ ବିଶ୍ୱାସ କରେ, ଆମ ଦଳର ପ୍ରତ୍ୟେକ ନେତା ଓ କର୍ମୀ ଏହି ଆହ୍ୱାନର ମର୍ଯ୍ୟାଦା ଦେଇ ଦାୟିତ୍ୱ ପାଳନ କରିବେ। ଆଉ ଯେଉଁ ବିପୁଳ ସଂଖ୍ୟକ ସମର୍ଥକ ଓ ଦରଦୀ ଜନଗଣ ଏହି ସମାବେଶରେ ଉପସ୍ଥିତ ଅଛନ୍ତି, ସେମାନେ ମଧ୍ୟ ଏହି ଦାୟିତ୍ୱ ପାଳନରେ ସର୍ବାତ୍ମକ ସାହାଯ୍ୟ ଯୋଗାଇ ଦେବେ। ଏହା ହିଁ ହେବ କମ୍ରେଡ ଶିବଦାସ ଘୋଷଙ୍କ ପ୍ରତି ଆମର ଯଥାର୍ଥ ଶ୍ରଦ୍ଧା ଜ୍ଞାପନ।

ମୁଁ ସଭା ଆରମ୍ଭରେ କହିଛି, ଅନ୍ୟ କୌଣସି ସାମାଜିକ ଓ ରାଜନୈତିକ ପ୍ରଶ୍ନ ନେଇ ଆଜିକାର ସଭାରେ ଆଲୋଚନା କରିବି ନାହିଁ। ପ୍ରାସଙ୍ଗିକ ମନେ କରି କିଛି ଜଟିଳ ବିଷୟ ଉପରେ ଆଲୋଚନା କରିଛି। ଆଶାକରେ, ଆପଣମାନେ ଏହି କଥାଗୁଡ଼ିକୁ ଗୁରୁତ୍ୱ ସହକାରେ ଭାବି ଦେଖିବେ।

★★★

# ତଥ୍ୟ ସୂତ୍ର


୧ - ଶିବଦାସ ଘୋଷ, ଗଣ ଆନ୍ଦୋଳନର ସମସ୍ୟା ପ୍ରସଙ୍ଗେ
୨,୬,୯,୧୦ - ଶିବଦାସ ଘୋଷ ନିର୍ବାଚିତ ରଚନାବଳୀ- ୨ୟ ଖଣ୍ଡ
୪,୫ - ମାର୍କ୍ସ-ଏଙ୍ଗେଲସ, ଧର୍ମ ପ୍ରସଙ୍ଗରେ
୭ - ମାର୍କ୍ସ, କ୍ୟାପିଟାଲ, ଭଲ୍ୟୁମ୍-୧
୮ - ଲେନିନ୍ ଫିଲସଫିକାଲ୍ ନୋଟବୁକ
୯ - ଶିବଦାସ ଘୋଷ ନିର୍ବାଚିତ ରଚନାବଳୀ -୪ର୍ଥ ଖଣ୍ଡ
୧୧ - ବିଦ୍ୟାସାଗର ରଚନା ସଂଗ୍ରହ
୧୩ - ଏଙ୍ଗେଲସ ଅନ୍ ହେଗେଲ
୧୪,୧୫,୧୭,୧୮,୧୯- ବିବାକାନନ୍ଦ ବାଣୀ ଓ ରଚନା
୧୨,୨୦ - ବିବେକାନନ୍ଦ ଅଦ୍ୱୈତ ବେଦାନ୍ତ
୨୧- ଗାନ୍ଧିଜୀ, My religion
୨୨,୨୩,୨୪ - ଗାନ୍ଧିଜୀ, Socialism of my Conception
୨୫,୨୬,୨୭,୪୩ - ରବିନ୍ଦ୍ରନାଥ, ଋଷିଆର ଚିଠି
୨୩- ରବିନ୍ଦ୍ରନାଥ, ଚିଠିପତ୍ର ୧୧ ଖଣ୍ଡ
୨୯- ମାର୍କ୍ସ The critique of the Gotha Programme
୩୧ - Economics and politics in the era of the dictatorship of the proletariate
୨୮,୨୯ - Left wing Communism an infantile disorder-Lenin
୩୦ - Problems of Leninism, Stalin
୩୧ - ଲେନିନ୍, ସର୍ବହରା ଏକନାୟକତ୍ୱ ଯୁଗର ଅର୍ଥନୀତି ଓ ରାଜନୀତି
୩୨ - ସାଂସ୍କୃତିକ ବିପ୍ଳବ ସମ୍ପର୍କରେ ଚୀନ କମ୍ୟୁନିଷ୍ଟ ପାର୍ଟିର ସିଦ୍ଧାନ୍ତ
୩୪,୩୫,୩୬ - ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟିର ୧୯ତମ କଂଗ୍ରେସର ରିପୋର୍ଟ
୩୭,୩୮,୩୯,୪୦,୫୨ - ଶିବଦାସ ଘୋଷ ରଚନାବଳୀ- ୧ମ ଖଣ୍ଡ
୪୧,୪୨ - ରୋମାଁ ରୋଲା ଶିଳ୍ପୀର ନବଜନ୍ମ
୪୩ - ଶରତଚନ୍ଦ୍ରମ ବର୍ତ୍ତମାନ ରାଜନୈତିକ ପ୍ରସଙ୍ଗ
୪୪ - କବିକଥା, ପ୍ରଶାନ୍ତ ଚନ୍ଦ୍ର ମହଲନାବିଶ
୪୬ - New Statesman and Nation ପତ୍ରିକା
୪୬ - ସୁବ୍ରମଣିୟମ୍ ଭାରତୀ, ସ୍ୱଦେଶ ମିତ୍ରମ୍
୪୯,୫୦,୫୧ - ସୁଭାଷ ଚନ୍ଦ୍ର ବୋଷ - କ୍ରସରୋଡସ୍
୫୨ - ଶଙ୍କରୀ ପ୍ରସାଦ ବସୁ, ସୁଭାଷ ଚନ୍ଦ୍ର ଓ ନେସନାଲ ପ୍ଲାନ ଗ୍ରନ୍ଥରୁ ଉଦ୍ଧୃତ